RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-9 ♦BHUBANESWAR ♦THURSDAY ♦3 JULY 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୯ ♦ଭୁବନେଶ୍ୱର ♦ଗୁରୁବାର ♦୩ ଜୁଲାଇ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




ତୃତୀୟ ରାଉଣ୍ଡରେ ସାବାଲେଙ୍କା

▶ପୃଷ୍ଠା ୧୨ ଦେଖନ୍ତୁ...

## ଦୁଇ ଦିନ ହେଲା ସମୂହ ଛୁଟିରେ ଓଏଏସ୍ ଅଧିକାରୀ

# ପ୍ରଶାସନ ଅଚଳ

- ପୁଣି ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲା ଓଏଏସ୍ ସଂଘ
- ମାଷ୍ଟର୍‌ମାଇଣ୍ଡ ଜଗନ୍ନାଥ ପ୍ରଧାନଙ୍କ ଗିରଫ ଦାବି

■ **ଭୁବନେଶ୍ୱର, ୨।୭ (ସମିସ):** ଦୁଇ ଦିନ ହେଲା ସାରା ରାଜ୍ୟରେ ସୃଷ୍ଟି ହୋଇଛି ପ୍ରଶାସନିକ ଅଚଳାବସ୍ଥା । ବିଏମ୍‌ସି ଅତିରିକ୍ତ କମିଶନର ତଥା ବରିଷ୍ଠ ଓଏଏସ୍ ରତ୍ନାକର ସାହୁଙ୍କୁ ବର୍ବରୋଚିତ ମାଡ଼ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଗିରଫ ଦାବିରେ ଅଡ଼ି ବସିଛି ଓଏଏସ୍ ସଂଘ। ଓଡ଼ିଶା ପ୍ରଶାସନିକ ଅଧିକାରୀ ସଂଘର ଏହି ଦାବିକୁ ଅନ୍ୟ ସଂଘଗୁଡ଼ିକ ସମର୍ଥନ ଜଣାଇଛି। ଫଳରେ ଗତକାଲି ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ବନ୍ଦ ରହିଥିବାବେଳେ ବୁଧବାର ଦ୍ୱିତୀୟ ଦିନ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ଶାସକ ଦଳର ନେତାମାନଙ୍କ ଉତ୍ପାତ ଯୋଗୁଁ ଅସୁରକ୍ଷିତ ମଣୁଥିବା ସରକାରୀ ଅଧିକାରୀମାନେ ସୁରକ୍ଷା ସୁନିଶ୍ଚିତ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରିବେ ନାହିଁ ବୋଲି ରୋକଠୋକ୍ ଜଣାଇ ଦେଇଛନ୍ତି। ରତ୍ନାକର ସାହୁଙ୍କୁ ମାଡ଼ ଘଟଣା ପରେ ଓଏଏସ୍ ସଂଘ ପକ୍ଷରୁ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଥିଲା। ଏହାପରେ ବିଳମ୍ବିତ ରାତିରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ, ଡ଼ିଜି, ଏଜି ପ୍ରମୁଖ ସଂଘ ସହ ଆଲୋଚନା କରିଥିଲେ। ଅଭିଯୁକ୍ତମାନେ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ସଂଘ ଆନ୍ଦୋଳନ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା। ମାତ୍ର ସରକାର ତାଙ୍କ ପ୍ରତିଶ୍ରୁତି ରଖିବାରେ ବିଫଳ ହେବା ଯୋଗୁଁ ଗତ ୨ ଦିନ ହେଲା ରାଜ୍ୟ ସାରା ଓଏଏସ୍ ଅଧିକାରୀମାନେ ▶ପୃଷ୍ଠା-୭

## ଅକଳରେ ସରକାର

■ **ଭୁବନେଶ୍ୱର, ୨।୭ (ସମିସ):** ବିଜେପିର ପରାଜିତ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଓରଫ୍ ଜଗାଙ୍କ ପ୍ରସଙ୍ଗକୁ ନେଇ ଅଠାକାଠିରେ ପଡ଼ିଛନ୍ତି ରାଜ୍ୟ ସରକାର। ନିଜ ଦଳର ନେତାଙ୍କୁ ସୁରକ୍ଷା ଦେବେ ନା ପ୍ରଶାସନିକ ଅଚଳାବସ୍ଥା ଏଡ଼ାଇବାକୁ ଜଗାଙ୍କୁ ଗିରଫ କରିବେ ତାହା ନିଷ୍ପତ୍ତି ନେଇ ପାରୁନାହାନ୍ତି । ଘଟଣା ଘଟିବାର ୪୮ ଘଣ୍ଟା ବିତି ଯାଇଥିଲେ ହେଁ ଜଗାଙ୍କୁ ଗିରଫ କରାଯାଇ ନାହିଁ। ଆଜି ସନ୍ଧ୍ୟାରେ ଖାରବେଳ ନଗର ଥାନାର ସୁରକ୍ଷା ବୃଦ୍ଧି ଓ ଦଳୀୟ କାର୍ଯ୍ୟାଳୟରେ ଜଗନ୍ନାଥଙ୍କ ଉପସ୍ଥିତିକୁ ନେଇ ତାଙ୍କୁ ଗିରଫ କରାଯାଇପାରେ ବା ସେ ଆତ୍ମସମର୍ପଣ କରିପାରନ୍ତି ବୋଲି ଚର୍ଚ୍ଚା ହେଲା। ମାତ୍ର ସେପରି କିଛି ଘଟିଲା ନାହିଁ। ବୁଧବାର ସନ୍ଧ୍ୟାରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ କବାଟକିଳା ଆଲୋଚନା ପରେ ଉଭୟ ରାଜ୍ୟ ସଭାପତି ମନମୋହନ ସାମଲ ଓ ବିଜେପି ନେତା ଜଗନ୍ନାଥ ପ୍ରଧାନ ଗଣମାଧ୍ୟମ ସାମ୍ନାରେ ବୟାନ ରଖିଛନ୍ତି। ଜଗନ୍ନାଥ କହିଛନ୍ତି ଯେ ରାଜ୍ୟ ବିଜେପି ସଭାପତି ମୋତେ ଡାକିଥିଲେ; ▶ପୃଷ୍ଠା-୭

**ସରକାର ନେବେ ଜଗନ୍ନାଥଙ୍କ ନିଷ୍ପତ୍ତି: ମନମୋହନ**





## ନାକଚଣା ଦ୍ୱାରରେ ତାଳଧ୍ୱଜ, ଦର୍ପଦଳନ

## ରୁଷିଛି ଜଗା; ଗଡ଼ିଲାନି ନନ୍ଦିଘୋଷ

**ଆଜି କାଳିଆ ରଥର ଦକ୍ଷିଣମୋଡ଼**

■ **ପୁରୀ, ୨।୭ (ସମିସ):** ପବିତ୍ର ହେରାପଞ୍ଚମୀରେ ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କୁ ଶ୍ରୀମନ୍ଦିରକୁ ଫେରାଇ ନେବାକୁ ଆସିଥିଲେ। ହେଲେ ମହାପ୍ରଭୁ ସାଥୀରେ ନ ଯିବାରୁ ଅଭିମାନ କରି ଚାଲିଗଲେ ଲକ୍ଷ୍ମୀ ସାଆନ୍ତାଣୀ। ପ୍ରାଣପ୍ରିୟାଙ୍କ ମନ କଥା ଜାଣିପାରି ଏବେ ବଡ଼ଦେଉଳକୁ ଫେରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଛନ୍ତି ବିଶ୍ୱନିୟନ୍ତା। ଆସନ୍ତା ୫ ତାରିଖରେ ବାହୁଡ଼ା ଯାତ୍ରା। ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାମୂର୍ତ୍ତି। ଏଥିଲାଗି ପରମ୍ପରା ଅନୁଯାୟୀ ବୁଧବାର ତିନିରଥର ଦକ୍ଷିଣ ମୋଡ଼ କରାଯାଉଥିଲା। ଦେବୀ ସୁଭଦ୍ରାଙ୍କ ଦେବଦଳନ ଓ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣ ମୋଡ଼ ହୋଇ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ଲାଗିଛି। ହେଲେ ନୀତି ▶ପୃଷ୍ଠା-୭

## ସଂସଦର ମୌସୁମୀ ଅଧିବେଶନ ୨୧ରୁ

■ **ନୂଆଦିଲ୍ଲୀ, ୨।୭ (ଏଜେନ୍ସି):** ଆସନ୍ତା ୨୧ ତାରିଖରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହା ଅଗଷ୍ଟ ୨୧ ପର୍ଯ୍ୟନ୍ତ ଚାଲିବ। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ରାଷ୍ଟ୍ରପତି ମଞ୍ଜୁରି ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ତେବେ ସଂସଦ ଅଧିବେଶନ ମଝିରେ ସ୍ୱାଧୀନତା ଦିବସ ପଡୁଥିବାରୁ ଅଗଷ୍ଟ ୧୩ ଏବଂ ୧୪ ତାରିଖ ଗୃହ କାର୍ଯ୍ୟବନ୍ଦ ରହିବ।

## ଖଣିରେ ଅତଡ଼ା ଖସି ୩ ମୃତ

■ **ଯୋଡ଼ା, ୨।୭ (ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ବିଚାକୁଣ୍ଡି, ଦଲପାହାଡ଼ ନିକଟ ବୈତରଣୀ ସଂରକ୍ଷିତ ଜଙ୍ଗଲରେ ଅଭାବନୀୟ ଘଟଣା ଘଟିଯାଇଛି। ଅପରାହ୍ଣ ସମୟରେ ଏକ ବେଆଇନ ମାଙ୍ଗାନିଜ ଖଣିରେ କାମ କରୁଥିବା ବେଳେ ତିନିଜଣ ନିରୀହ ଶ୍ରମିକ ମାଟି ଅତଡ଼ା ଖସିବାରୁ ପ୍ରାଣ ହରାଇଛନ୍ତି। ପ୍ରବଳ ବର୍ଷାରେ ମାଟି ଅତଡ଼ା ଖସି ପଡ଼ିବା ଫଳରେ ସେମାନେ ଚାପିହୋଇ ରହିଯାଇଥିଲେ। ମୃତ ଶ୍ରମିକମାନେ ହେଲେ ଯୋଡ଼ା ଥାନା ବିଚାକୁଣ୍ଡି ମୁଣ୍ଡା ବସ୍ତିର ସନ୍ଦୀପ ପୂର୍ତ୍ତି (୩୨), ଗୁରୁ ଚାମ୍ପିଆ (୧୯) ଓ କାଣ୍ଡେ ମୁଣ୍ଡା (୧୮)। ବନ ବିଭାଗ, ପୁଲିସ୍ ଏବଂ ଅଗ୍ନିଶମ ବିଭାଗ ▶ପୃଷ୍ଠା-୭

## ହସ୍‌ପିଟାଲରେ ରତ୍ନାକର

■ **ଭୁବନେଶ୍ୱର, ୨।୭ (ସମିସ):** ଦୁଇ ଦିନତଳେ ବିଜେପି ନେତା ଓ କର୍ମୀଙ୍କ ମରଣାନ୍ତକ ଆକ୍ରମଣ ପରେ ବିଏମ୍‌ସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ବୁଧବାର ବିଏମ୍‌ସି କାର୍ଯ୍ୟାଳୟର କାର୍ଯ୍ୟ କରୁଥିବାବେଳେ ଚୌକିରୁ ପଡ଼ିଯାଇ ଅଚେତ ହୋଇ ଯାଇଛନ୍ତି। ତୁରନ୍ତ ଅନ୍ୟ କର୍ମଚାରୀମାନେ ତାଙ୍କୁ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରିଛନ୍ତି ଓ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି । ବିଜେପି କର୍ମୀ ଓ ନେତାଙ୍କ ନିସ୍ଥୁକ ମାଡ଼ ପରେ ତାଙ୍କ ନାମରେ ଅପପ୍ରଚାର ରତ୍ନାକରଙ୍କୁ ବିମର୍ଷ କରିଥିଲା ଓ ସେ ଚାପରେ ରହୁଥିଲେ। ▶ପୃଷ୍ଠା-୭


**ଅଫିସରେ କାର୍ଯ୍ୟ କରୁଥିବାବେଳେ ଗଳିପଡ଼ିଲେ**







| କିଲୋୱାଟ | କେନ୍ଦ୍ର ସରକାରଙ୍କ ସବସିଡି | ରାଜ୍ୟ ସରକାରଙ୍କ ସବସିଡି | ସମୁଦାୟ ସବସିଡି |
|---|---|---|---|
| ୧ | ୩୦,୦୦୦.୦୦ ଟଙ୍କା | ୨୫,୦୦୦.୦୦ ଟଙ୍କା | ୫୫,୦୦୦.୦୦ ଟଙ୍କା |
| ୨ | ୬୦,୦୦୦.୦୦ ଟଙ୍କା | ୫୦,୦୦୦.୦୦ ଟଙ୍କା | ୧୧୦,୦୦୦.୦୦ ଟଙ୍କା |
| ୩ | ୭୮,୦୦୦.୦୦ ଟଙ୍କା | ୬୦,୦୦୦.୦୦ ଟଙ୍କା | ୧୩୮ ,୦୦୦.୦୦ ଟଙ୍କା |



## ‘ମାଇସା’ର ପୋଷ୍ଟର୍ ରିଲିଜ୍
# ରକ୍ତମୁଖା ରଶ୍ମିକା





ଅଭିନେତ୍ରୀ ରଶ୍ମିକା ମନ୍ଦାନା ଖୁବ୍‌ଶୀଘ୍ର ରବୀନ୍ଦ୍ର ପୁଲେଙ୍କ ଚଳଚ୍ଚିତ୍ର ‘ମାଇସା’ରେ ଦେଖାଯିବେ । ନିକଟରେ ଖୋଦ୍ ରଶ୍ମିକା ସାମାଜିକ ଗଣମାଧ୍ୟମରେ ଏହାର ପୋଷ୍ଟର୍ ସେୟାର୍ କରିଛନ୍ତି । ପୋଷ୍ଟର୍‌ରେ ରଶ୍ମିକା ବେଶ୍ ଉଗ୍ର ରୂପରେ ନଜର ଆସିଛନ୍ତି । ଏଥିରେ ତାଙ୍କ ଅଧା ଚେହେରା ଢାଙ୍କି ହୋଇ ରହିବା ସହ ମୁହଁରେ ରକ୍ତ ଛିଟା ଲାଗିଥିବାର ଦେଖାଯାଇଛି । ସେ ଲାଲ୍ ରଙ୍ଗର ଶାଢ଼ି ସହ ଆଦିବାସୀମାନଙ୍କର ପାରମ୍ପରିକ ଆଭୂଷଣ ପିନ୍ଧିଥିବାର ଦେଖାଯାଇଥିଲେ । ରଶ୍ମିକା ଏହି ପୋଷ୍ଟର୍ ସେୟାର୍ କରି ଲେଖିଛନ୍ତି- ମୁଁ ସବୁବେଳେ ଆପଣଙ୍କୁ କିଛି ନୂଆ...କିଛି ଅଲଗା...କିଛି ରୋମାଞ୍ଚକର ଅନୁଭୂତି ଦେବାକୁ ଚେଷ୍ଟା କରେ । ଏହା ତନ୍ମଧ୍ୟରୁ ଗୋଟିଏ । ଏହା ଏମିତି ଏକ ଚରିତ୍ର ଯାହା ମୁଁ ପୂର୍ବରୁ କେବେ କରି ନ ଥିଲି । ଏହା ଏପରି ଏକ ଦୁନିଆ ଯେଉଁଥିରେ ମୁଁ କେବେ ପାଦ ରଖି ନ ଥିଲି । ଏହା ଭୟଙ୍କର ବହୁତ ଗମ୍ଭୀର ମଧ୍ୟ । ଫିଲ୍ମଟିକୁ ନେଇ ମୁଁ ବହୁତ ଉତ୍ସାହିତ ଅଛି । ଆମେ କ’ଣ ତିଆରି କରିବାକୁ ଯାଉଛୁ, ଆପଣମାନେ ଦେଖନ୍ତୁ । ଏହା ଆରମ୍ଭ ମାତ୍ର # ମାଇସା ।’

ନିକଟରେ ରଶ୍ମିକାଙ୍କ ଅଭିନୀତ ‘ କୁବେର’ ମୁକ୍ତିଲାଭ କରିଛି । ଏଥିରେ ତାଙ୍କ ବିପକ୍ଷରେ ଧନୁଷ ଦେଖାଯାଇଛନ୍ତି । ସେହିଭଳି ସେ ଆଗାମୀ ଦିନଗୁଡ଼ିକରେ ତେଲୁଗୁ ଫିଲ୍ମ ‘ ଦ ଗର୍ଲଫ୍ରେଣ୍ଡ’ ଓ ସଞ୍ଜୟ ଦତ୍ତ, ଆୟୁଷ୍ମାନ୍ ଖୁରାନାଙ୍କ ସହ ‘ଥାମା’ରେ ଦେଖାଯିବେ ।

# ଗୁମ୍ଫାରେ ୪ ବର୍ଷ

ଚୀନ୍‌ର ୩୫ ବର୍ଷୀୟ ମୀନ ହେଙ୍ଗକୋଇ ବିବାହ ଏବଂ ଚାକିରି ଚିନ୍ତାଧାରାକୁ ନିରର୍ଥକ ବୋଲି ମାନନ୍ତି । ତେଣୁ ସେ ସବୁ କିଛି ତ୍ୟାଗ କରି ଚାରି ବର୍ଷ ହେଲାଣି ଗୋଟିଏ ଗୁମ୍ଫାରେ ରହି ଆସୁଛନ୍ତି । ଦକ୍ଷିଣ-ପଶ୍ଚିମ ଚୀନ୍‌ର ସିଚୁଆନ ଇଲାକାର ଏକ ଗୁମ୍ଫାରେ ସେ ରହୁଛନ୍ତି । ମୀନ ଏହି ଗୁମ୍ଫାର ନାଁ ରଖିଛନ୍ତି ‘ବ୍ଲାକ୍‌ହୋଲ୍’ । ୨୦୨୧ ମସିହାରେ ସେ ଡ୍ରାଇଭର ଚାକିରି ଛାଡ଼ିଲେ । ଏ ଲାଗି ତାଙ୍କୁ ୧୪୦୦ ଡଲାର ଦରମା ମିଳୁଥିଲା । ତେବେ ସେ ସହରର ବ୍ୟସ୍ତତାପୂର୍ଣ୍ଣ ଜୀବନରୁ ବାହାରି ନିଜ ଗାଁକୁ ଆସିଲେ । ଏଠାରେ ଗୋଟିଏ ଗୁମ୍ଫାରେ ରହିଲେ । ଚାକିରି ତାଙ୍କୁ ନିରର୍ଥକ ମନେ ହୁଏ । ଏହାପୂର୍ବରୁ ସେ ସମ୍ପର୍କୀୟଙ୍କ ଠାରୁ ଧାର ସୂତ୍ରରେ ଆଣିଥିବା ଟଙ୍କାକୁ ଶୁଝିବା ଲାଗି ଦିନକୁ ୧୦ ଘଣ୍ଟା କାମ କରୁଥିଲେ । ଏବେ ବି ଋଣ ବାବଦକୁ ତାଙ୍କର ୪୨ ହଜାର ଡଲାର ବାକି ଅଛି । ଋଣ ଶୁଝିବା ଆଶା ଏବେ ସେ ଛାଡ଼ି ଦେଇଛନ୍ତି । ସେ କହନ୍ତି, ତାଙ୍କ ସମ୍ପର୍କୀୟମାନେ ତାଙ୍କ ସମ୍ପତ୍ତି ବିକ୍ରି କରି ଦେଇଛନ୍ତି । ନଚେତ୍ ସେ ଏହା ମାଧ୍ୟମରେ ଋଣ ଟଙ୍କା ସୁଝି ଦେଇଥାନ୍ତେ । ସେହିପରି ୫୦ ବର୍ଗ ମିଟର ସ୍ଥାନରେ ସେ ନିଜର ଗୁମ୍ଫା ତିଆରି କରିଛନ୍ତି । ଏ ଲାଗି ୬ ହଜାର ଡଲାର ଖର୍ଚ୍ଚ କରିଛନ୍ତି । ସେ ସବୁଦିନ ସକାଳ ୮ ଟାରେ ଉଠନ୍ତି । ଦିନ ତମାମ ପଢ଼ାପଢ଼ି, ବୁଲାବୁଲି ଏବଂ କ୍ଷେତରେ କାମ କରିବାରେ ସେ ସମୟ ଅତିବାହିତ କରନ୍ତି । ସେ ରାତି ୧୦ଟା ସୁଦ୍ଧା ଶୋଇଯାନ୍ତି । ମୀନ ମୁଖ୍ୟତଃ ନିଜେ ଚାଷ କରୁଥିବା ପନିପରିବା ଖାଆନ୍ତି । ଅତି ଆବଶ୍ୟକ ପଡ଼ିଲେ ସେ ଟଙ୍କା ଖର୍ଚ୍ଚ କରୁଥିବା କହନ୍ତି । ସହରରେ କାମ କରିବା ବେଳେ ସେ ଏଭଳି ବଞ୍ଚିବା ପାଇଁ ସ୍ୱପ୍ନ ଦେଖିଥିଲେ । ତେବେ ସେ ବିବାହ କରିବାକୁ ମନା କରିଛନ୍ତି । କାରଣ ଏହାଦ୍ୱାରା ଅଯଥା ସମୟ ଓ ଟଙ୍କା ନଷ୍ଟ ହେଉଥିବା ସେ କୁହନ୍ତି । ତେବେ ସାମାଜିକ ଗଣମାଧ୍ୟମରେ ତାଙ୍କର ଏହି କଥା ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଲୋକେ ଏହାକୁ ନେଇ ଭିନ୍ନ ଭିନ୍ନ ମତ ରଖିଛନ୍ତି ।



# ନଖରେ ହେଉଛି ପେମେଣ୍ଟ!



ସାମାଜିକ ଗଣମାଧ୍ୟମରେ ଏବେ ଏକ ଭିଡିଓ ଭାଇରାଲ ହେଉଛି । ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଏଥିରେ ଦେଖିବାକୁ ମିଳିଛି ଯେ, ଜଣେ ମହିଳା ନଖରେ ଲାଗିଥିବା କୌଣସି ଚିପ୍ ମାଧ୍ୟମରେ ପେମେଣ୍ଟ କରୁଛନ୍ତି । ଏହାକୁ ଦେଖି କାର୍ଡ ଏବଂ ମୋବାଇଲର ଆବଶ୍ୟକତା ଶେଷ ହୋଇଥିବା ଲୋକେ ପ୍ରଶ୍ନ କରିଛନ୍ତି । ତେବେ ମହିଳା ଜଣକ ଯେଉଁ ଚିପ୍‌କୁ ନଖରେ ଲଗାଇଛନ୍ତି, ତାହା ଦେଖିବାକୁ ଏକ କ୍ଷୁଦ୍ରାକାର ଇଲେକଟ୍ରୋନିକ୍ ଡିଭାଇସ୍ । ଦେଖିବାକୁ ଯଦିଓ ଏହା ହାଇଟେକ୍ ଲାଗୁଛି, ସତରେ ଏହା କାମ କରୁଛି କି ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରକୃତରେ କୌଣସି ଚିପ୍ ମେସିନ୍ କିମ୍ବା ଡିଭାଇସ୍ ସଂସ୍ପର୍ଶରେ ଆସିଲେ ହିଁ କାମ କରିଥାଏ । ଆଜିକାଲି ସ୍ମାର୍ଟ କାର୍ଡ ଏବଂ ମୋବାଇଲ ପେମେଣ୍ଟରେ ଏନ୍‌ଏଫ୍‌ସି (ନିୟର୍ ଫିଲ୍ଡ କମ୍ୟୁନିକେସନ) ଟେକ୍ନିକ୍‌ର ବ୍ୟବହାର ହେଉଛି । ଏହା ହେଉଛି ଏକ ୱେୟାର୍‌ଲେସ୍ ଟେକ୍ନିକ୍ । ଯାହାକି ଦୁଇଟି ଡିଭାଇସ୍‌କୁ ନିକଟତର କରି ଡାଟା ସେୟାର୍ କରିବା ସୁବିଧା ପ୍ରଦାନ କରେ । କୁହାଯାଉଛି ଯଦି ଏହି ଚିପ୍‌ରେ ଏନ୍‌ଏଫ୍‌ସି ଫିଚର ଥାଏ ଏବଂ ସକ୍ରିୟ ସ୍ଥିତିରେ ଥିବ, ତେବେ ସୀମିତ ପରିସର ମଧ୍ୟରେ ପେମେଣ୍ଟ ସମ୍ଭବ ହୋଇପାରିବ । ହେଲେ ଏହି ଭିଡିଓଟିକୁ ଧ୍ୟାନରେ ଦେଖିଲେ, ଚିପ୍‌ରେ କୌଣସି ଆକ୍ରିଲିକ୍ କୋଟିଂ କରାଯାଇଥିବା ଦେଖିବାକୁ ମିଳିଛି । ତେବେ ଏଥିରେ କୋଟିଂ ଥିଲେ, ଏହା ସହଜରେ କୌଣସି ସ୍କାନର କିମ୍ବା ଏନ୍‌ଏଫ୍‌ସି ରିଡର ସଂସ୍ପର୍ଶରେ ଆସିପାରିବ ନାହିଁ । ଏହାବାଦ୍ ପେମେଣ୍ଟ ବି ବାର୍‌କୋଡ୍ ସ୍କାନର ମାଧ୍ୟମରେ ହେଉଛି । ଏଣୁ ଏଥିରୁ ସ୍ପଷ୍ଟ ହେଉଛି ଯେ, ମହିଳା ଜଣକ ନଖରେ ନୁହେଁ, ବରଂ କୌଣସି କ୍ୟୁଆର୍ କୋଡ୍ କିମ୍ବା ଆପ୍ ଦ୍ୱାରା ପେମେଣ୍ଟ କରିଛନ୍ତି ।

## ଆଜିର ଇତିହାସ

- ୧୭୬୦- ମରାଠା ସେନା ଦିଲ୍ଲୀ ଉପରେ କବ୍‌ଜା କଲେ ।
- ୧୭୭୮ - ଆର୍ଜେଣ୍ଟିନା ବିରୋଧରେ ପର୍ସିଆର ଯୁଦ୍ଧ ଘୋଷଣା ।
- ୧୯୦୮ - ବ୍ରିଟିଶ ସରକାର ବାଲ ଗଙ୍ଗାଧର ତିଲକଙ୍କୁ ଗିରଫ କଲେ ।
- ୧୯୨୮ - ଲଣ୍ଡନରେ ପ୍ରଥମ ଥର ରଙ୍ଗୀନ୍ ଟେଲିଭିଜନ କାର୍ଯ୍ୟକ୍ରମ ପ୍ରସାରଣ କରାଗଲା ।
- ୧୯୭୨- ଭାରତ ଓ ପାକିସ୍ତାନ ମଧ୍ୟରେ କଶ୍ମୀର ସମ୍ବନ୍ଧୀୟ ନିରସ୍ତ୍ର ଚୁକ୍ତି ସ୍ୱାକ୍ଷର ।
- ୨୦୧୨- ଇରାକ୍‌ରେ ବୋମା ବିସ୍ଫୋରଣ ଯୋଗୁଁ ୨୫ ଜଣଙ୍କ ମୃତ୍ୟୁ ଓ ୪୦ ଆହତ ।


# ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ

ପ୍ରତିବର୍ଷ ଜୁଲାଇ ୩ ତାରିଖକୁ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ ଭାବେ ପାଳନ କରାଯାଏ । ଏହି ଦିନ ପ୍ଲାଷ୍ଟିକ୍‌ର ବ୍ୟବହାର ଏବଂ ଏହାର କ୍ଷତି ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଏ । ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗ୍ ନଷ୍ଟ ହେବାକୁ ୧୦୦ରୁ ୫୦୦ ବର୍ଷ ସମୟ ଲାଗିଥାଏ । ପରିବେଶକୁ କ୍ଷତି ପହଞ୍ଚାଉଥିବା ଏହି ପ୍ଲାଷ୍ଟିକ୍ ବ୍ୟାଗ୍ ଉପରେ କଟକଣା ଲଗାଯିବା ସହ ଏହାର ବିକଳ୍ପ ବ୍ୟବସ୍ଥା ବାହାର କରାଯିବା ଜରୁରି ହୋଇପଡ଼ିଛି । ପ୍ରଥମ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ ୩ ଜୁଲାଇ, ୨୦୦୮ ରେ ପାଳନ କରାଯାଇଥିଲା । ଏହାକୁ ଜିରୋ ୱେଷ୍ଟ ୟୁରୋପର ସଦସ୍ୟ ରେଜୋରା ଆରମ୍ଭ କରିଥିଲେ । ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ଉପରେ କଟକଣା ଲଗାଇବାକୁ ଏହି ଦିବସର ଆରମ୍ଭ କରାଯାଇଥିଲା । ଅଧିକାଂଶ ପ୍ଲାଷ୍ଟିକ୍ ବ୍ୟାଗ୍ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ରୁ ତିଆରି ହୋଇଥାଏ । ଯାହାକି ମଣିଷ ସହିତ ପଶୁପକ୍ଷୀଙ୍କ ପାଇଁ କ୍ଷତିକାରକ ହୋଇଥାଏ । ପ୍ଲାଷ୍ଟିକ୍ କାରଣରୁ ହେଉଥିବା ପ୍ରଦୂଷଣ ପାଇଁ ପ୍ଲାଷ୍ଟିକ୍ ବ୍ୟାଗ୍ ହିଁ ଅଧିକ ପରିମାଣରେ ଦାୟୀ । ଏହା ଆମ ପରିବେଶକୁ ଅନେକ ଉପାୟରେ କ୍ଷତି କରୁଛି । ଏହା ବ୍ୟତୀତ, ଏହା ସମୁଦ୍ରରେ ବାସ କରୁଥିବା ଜୀବମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି କରିଥାଏ । ଏଭଳି ପରିସ୍ଥିତିରେ, ଏହି ଦିନର ମହତ୍ତ୍ୱ ବୁଝିବା ଜରୁରୀ । ଏହି ଦିନ ପ୍ଲାଷ୍ଟିକ ପରିବର୍ତ୍ତେ କପଡ଼ା, କାଗଜ, ଝୋଟରେ ପ୍ରସ୍ତୁତ ବ୍ୟାଗ୍ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରାଯାଏ ।



# ଜଳ ସଞ୍ଚୟର ଅଜବ ଉପାୟ

ସାମାଜିକ ଗଣମାଧ୍ୟମରେ ଜଣେ ମହିଳା ଘରେ ଜଳ ସଞ୍ଚୟର ଏକ ଭିଡିଓ ସେୟାର୍ କରିଛନ୍ତି । ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ମହିଳାଙ୍କ ପୂରା ପରିବାର ସପ୍ତାହେ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ଥିବା ପାଣିରେ ହାତ ଧୁଅନ୍ତି । ମହିଳାଙ୍କ ମତରେ ପାଣିରେ ସାବୁନ କଣିକା ଥିଲେ ଏବଂ ଏହା ଘନ ହୋଇ ନ ଥିଲେ , ସେହି ପାଣିକୁ ବାରମ୍ବାର ବ୍ୟବହାର କରାଯାଇପାରିବ । ଏହି ପରିବାର ଗୋଟିଏ ବେସିନ୍‌ରେ ପାଣି ରଖନ୍ତି । ଏହି ପାଣିରେ ପରିବାରର ସମସ୍ତ ସଦସ୍ୟ ଓ ଅତିଥି ହାତ ଧୋଇଥାନ୍ତି । ତେବେ ପାଣି ଅପରିଷ୍କାର ଓ ଦୁର୍ଗନ୍ଧ ନ ହେବା ପର୍ଯ୍ୟନ୍ତ ଏହାକୁ ବଦଳା ଯାଇ ନ ଥାଏ । ଉକ୍ତ ପରିବାରର କହିବା କଥା ପ୍ରତିଥର ଭଲ ପାଣିରେ ହାତ ଧୋଇବା ହେଉଛି ଅନାବଶ୍ୟକ ଖର୍ଚ୍ଚ । ତାଙ୍କ ମତରେ ସାବୁନ ଯୁକ୍ତ ପାଣିରେ ଜୀବାଣୁ ମାରିବା କ୍ଷମତା ଅଛି । ଏହାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଜଳ ସଞ୍ଚୟ ହୋଇଥାଏ । ସେହିପରି ଏହା ଯୋଗୁଁ ତାଙ୍କ ପାଣି ବିଲ୍ କମ୍ ଆସିଥାଏ । ଏହି ବେସିନ୍‌କୁ ସେମାନେ ରୋଷେଇ ଘରେ ରଖିଛନ୍ତି । ଏଥିରେ ସମସ୍ତ ଲୋକ ହାତ ଧୁଅନ୍ତି । ଏହା ପରିବେଶ ପାଇଁ ଲାଭଦାୟକ ହୋଇଥାଏ ବୋଲି ପରିବାରର ସଦସ୍ୟମାନେ କୁହନ୍ତି । ତେବେ ଲୋକେ ସମ୍ପୃକ୍ତ ପରିବାରର ଏହି ଅଭ୍ୟାସକୁ ଅପରିଷ୍କାର ବୋଲି କହିଛନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏହି ଉପାୟକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ସପ୍ତାହେ ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଥିବାକୁ ଜଳକୁ ବ୍ୟବହାର କରିବା ଦ୍ୱାରା



ଏଥିରୁ ଜୀବାଣୁ ଏବଂ କବକ ସଂକ୍ରମଣ ହୋଇପାରେ । ସାବୁନ କଣିକା ଜୀବାଣୁକୁ ନଷ୍ଟ କରିଲେ ବି ବାରମ୍ବାର ଏହାକୁ ବ୍ୟବହାର କରାଯାଉଥିବାରୁ ଏହା ସେମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ହାତ ଧୋଇବା ପାଇଁ ସବୁବେଳେ ପରିଷ୍କାର ପାଣିର ବ୍ୟବହାର କରିବା ଉଚିତ ।

# ଘାତକ ପାଲଟିଲା ପ୍ରସାଧନ ସାମଗ୍ରୀ



କେହି କେବେ ଲିପ୍‌ଷ୍ଟିକ୍, ବ୍ଲଶର୍ ଭଳି ପ୍ରସାଧନ ସାମଗ୍ରୀ ଖାଉ ନ ଥିବେ । ହେଲେ ତାଇୱାନର ଜଣେ ୨୪ ବର୍ଷୀୟା ଇନ୍‌ଫ୍ଲୁଏନସର୍ ଏସବୁ ଖାଇବା ଲାଗି ଚର୍ଚ୍ଚିତ ଥିଲେ । ସେ ସାମାଜିକ ଗଣମାଧ୍ୟମରେ ଗୁଆବା ବିୟୁଟି ନାଁରେ ପରିଚିତ ଥିଲେ । ସେ ତାଙ୍କ ସୌନ୍ଦର୍ଯ୍ୟ, ମଧୁର ସ୍ୱର, ଏବଂ କସମେଟିକ୍ ଜିନିଷ ଖାଇବା ପାଇଁ ବେଶ୍ ଚର୍ଚ୍ଚିତ ଥିଲେ । ହେଲେ ଏହି ସଉକ ତାଙ୍କ ପାଇଁ ଏବେ କାଳ ପାଲଟିଛି । ଅଚାନକ ଏଥିଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି । ଫଳରେ ତାଙ୍କ ପ୍ରଶଂସକ ସମ୍ପୃକ୍ତ ଇନ୍‌ଫ୍ଲୁଏନସର୍‌ଙ୍କ ମୃତ୍ୟୁର କାରଣ କିଭଳି ହେଲା ଜାଣିବାକୁ ଚାହିଁଛନ୍ତି । କୌଣସି ବିଷାକ୍ତ କସ୍‌ମେଟିକ୍ ଜିନିଷ ଖାଇ ତାଙ୍କର ମୃତ୍ୟୁ ହୋଇଛି ବୋଲି କୁହାଯାଉଛି । ସେହିଭଳି ଆଉ କିଛି ଜଣ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା କହୁଛନ୍ତି । ସେ ତାଙ୍କର ପ୍ରତ୍ୟେକ ଭିଡିଓରେ ଲିପଷ୍ଟିକ୍, ବ୍ଲଶର୍, ଫେସ୍ ମାସ୍କ ଏବଂ କଟନ୍ ପ୍ୟାଡ୍ ଭଳି ସୌନ୍ଦର୍ଯ୍ୟ ଉତ୍ପାଦକୁ ଖାଇବା ସହ ଏହାର ସ୍ୱାଦ କିପରି ଲାଗୁଛି ସେସମ୍ପର୍କରେ ତାଙ୍କର ଅନୁଗାମୀମାନଙ୍କୁ କହୁଥିଲେ ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି । ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ଷମତା ଉପରେ ଭରସା ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ନିଜକୁ କମଜୋର ଭାବନ୍ତୁ ନାହିଁ । ମହିଳାମାନେ ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥିଙ୍କ ସହଯୋଗ ଲୋଡ଼ିବେ । ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ । ଆୟ ଓ ବ୍ୟୟ ସମାନ ରହିବ ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ । ଧନପ୍ରାପ୍ତି ଯୋଗ ରହିଛି । କିଣା-ବିକାରେ ସମୟ ବିତିବ । ବୈବାହିକ ଜୀବନ ସୁଖମୟ ହେବ । ଉଧାର ଟଙ୍କା ଫେରି ପାଇବେ ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । ଚକ୍ଷୁ ସମସ୍ୟା ଭୋଗି ପାରନ୍ତି ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

## ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ମାଡ଼ ଘଟଣା

# ଅପରାଜିତା-ଜଗନ୍ନାଥ ମୁହାଁମୁହିଁ

ଭୁବନେଶ୍ୱର,୨।୭(ସମିସ): ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ କାର୍ଯ୍ୟକର୍ତ୍ତାମାନେ ବିଏମସି ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ମାଡ଼ ମାରିବା ଘଟଣା ସାରା ଦେଶରେ ଚହଳ ସୃଷ୍ଟି କରିଛି। ଏହି ଘଟଣାକୁ ଚାରିଆଡ଼ୁ ନିନ୍ଦା କରାଯାଉଥିବା ବେଳେ ବିଜେପିରେ ମଧ୍ୟ ଏଭଳି କାଣ୍ଡକୁ ନେଇ ପରୋକ୍ଷରେ ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ ହେବାରେ ଲାଗିଛି। ଏହି ଘଟଣାରେ ଜଗନ୍ନାଥଙ୍କୁ ରାଜ୍ୟ ଓଏଏସ୍ ସଂଘ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଦର୍ଶାଉଛି। ପାରିପାର୍ଶ୍ୱିକ ସ୍ଥିତି ମଧ୍ୟ ଜଗନ୍ନାଥଙ୍କ ବିରୋଧରେ ଯାଉଛି। ଏଭଳି ସ୍ଥିତି ।।ରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଘଟଣା ସମ୍ପର୍କରେ ଦଳର ଜାତୀୟ ନେତୃତ୍ୱଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସାମାଜିକ ଗଣମାଧ୍ୟମରେ ଅପରାଜିତା ଏହି ଘଟଣାର ତୀବ୍ର ବିରୋଧ କରିବା ସହ ଏଥିରେ ଜଡ଼ିତ ଦୁର୍ବୃତ୍ତମାନଙ୍କ ଉପରେ ଦଳୀୟ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏହି ଘଟଣା ସମ୍ପର୍କରେ ଅପରାଜିତା ପୋଷ୍ଟ କରିଛନ୍ତି ଯେ, ଭୁବନେଶ୍ୱରରେ ଘଟିଥିବା ଘଟଣା ନେଇ ମୁଁ ଅତ୍ୟନ୍ତ ଦୁଃଖିତ। କାର୍ଯ୍ୟରତ ଅଧିକାରୀଙ୍କୁ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ ଏବଂ ଘୃଣ୍ୟ କାର୍ଯ୍ୟ। ଭାରତୀୟ ଜନତା ପାର୍ଟି କିମ୍ବା ସରକାର ଏପରି କାର୍ଯ୍ୟ ଏବଂ ବିଚାରଧାରା ସହ କୌଣସି ପ୍ରକାର ସଂପୃକ୍ତ ନୁହନ୍ତି ବା ପ୍ରୋତ୍ସାହନ କରନ୍ତି ନାହିଁ। ଏଥିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ବିରୋଧରେ ଆବଶ୍ୟକ ଆଇନଗତ ତଥା ଦଳୀୟ କାର୍ଯ୍ୟାନୁଷ୍ଠାନ ନିଆଯିବା ନିତ୍ୟାନ୍ତ ଆବଶ୍ୟକ। କାର୍ଯ୍ୟରତ ଅଧିକାରୀଙ୍କୁ ନିଜର କାର୍ଯ୍ୟ ନିଷ୍ଠା ଏବଂ ସାହସ ସହ କରୁଥିବାରୁ ସାଧୁବାଦ ଜଣାଇବା ସହ ଶୃଙ୍ଖଳା, ଅନୁଶାସନ ଏବଂ ନିଷ୍ଠା ବିନା ସୁଶାସନ କିମ୍ବା ବିକାଶ ସମ୍ଭବ ନୁହେଁ ବୋଲି ଅପରାଜିତା ଦର୍ଶାଇଛନ୍ତି। ବଡ଼ କଥା ହେଉଛି ଯେ ଅପରାଜିତା ନିଜର ଏହି ସାମାଜିକ




କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଅପରାଜିତା ଆଶା ପ୍ରକଟ କରିଛନ୍ତି। ଏହାସହିତ ରାଜ୍ୟରେ କିପରି ଆଗକୁ ଏପରି ଅପ୍ରୀତିକର ଘଟଣା ନ ଘଟିବ ତାହା କାମନା କରିଛନ୍ତି। ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ଏଠାରେ ଏମିତି ଘଟଣା ଘଟିଲେ ସମସ୍ତେ ମର୍ମାହତ

**■ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଅପରାଜିତା**
**■ ଟିଆର୍‌ପି ବଢ଼ାଇବାକୁ ସାଂସଦଙ୍କ ଉଦ୍ୟମ: ଜଗା**

ଗଣମାଧ୍ୟମ ପୋଷ୍ଟଟିକୁ ରାଜ୍ୟର କୌଣସି ନେତାଙ୍କୁ ଟ୍ୟାଗ୍ କରି ନ ଥିବା ବେଳେ ପ୍ରଧାନମନ୍ତ୍ରୀଙ୍କୁ ଟ୍ୟାଗ୍ କରିଛନ୍ତି। କେବଳ ସେତିକି ନୁହେଁ, ଅପରାଜିତା ଏହି ପ୍ରସଙ୍ଗରେ ଖବର ସରବରାହ ସଂସ୍ଥାକୁ ମଧ୍ୟ ପ୍ରତିକ୍ରିୟା ଦେଇ ଏଭଳି ଘଟଣା ବିରୋଧରେ ବର୍ଷିଛନ୍ତି। ଅପରାଜିତା କହିଛନ୍ତି, ସେ ତାଙ୍କର ଦୀର୍ଘ ବର୍ଷର ପ୍ରଶାସନିକ କାର୍ଯ୍ୟ ଅବଧି ମଧ୍ୟରେ ଏଭଳି ଘଟଣା ଦେଖି ନ ଥିବା ବେଳେ ତାଙ୍କର ୬ ବର୍ଷର ରାଜନୈତିକ କ୍ୟାରିୟରରେ ମଧ୍ୟ ଏମିତି ଘଟଣା ଦେଖି ନାହାନ୍ତି। ତେବେ ଏହି ଘଟଣାରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ କଡ଼ା ହୋଇଥାନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ ସାଂସଦ ଅପରାଜିତାଙ୍କ ଏଭଳି ପ୍ରତିକ୍ରିୟାକୁ ନେଇ ଜଗନ୍ନାଥ ପ୍ରଧାନ ମଧ୍ୟ ତାଙ୍କୁ ପ୍ରତିଆକ୍ରମଣ କରିବାକୁ ଚେଷ୍ଟା କରିଛନ୍ତି। ଗଣମାଧ୍ୟମ ଆଗରେ ଜଗନ୍ନାଥ କହିଛନ୍ତି ଯେ ସାଂସଦ ଅପରାଜିତା ଟିଆରପି ଓ ମିଡିଆରେ ରହିବା ପାଇଁ ବିଭିନ୍ନ କଥା କହିଛନ୍ତି। କିପରି ତାଙ୍କ କଥା ଆଗ ଦେଖାଯିବ ସେନେଇ ସେ ଉଦ୍ୟମ କରୁଛନ୍ତି। ତାଙ୍କର ଏଭଳି ପୋଷ୍ଟ ଦ୍ୱାରା ବିରୋଧୀ ଦଳଙ୍କୁ ସୁହାଇଲା ଭଳି କାମ ହୋଇଛି। ତାଙ୍କର ଏମିତି ଆଚରଣ ଦ୍ୱାରା ସମସ୍ତେ ଆଚମ୍ବିତ ହୋଇଛନ୍ତି ବୋଲି ସେ କହିଛନ୍ତି।

# ବିଜେପି ନେତାଙ୍କୁ ବଟି ନ ଦେବାରୁ ରାସ୍ତା କାମ ବନ୍ଦ

ଯାଜପୁର ଟାଉନ,୨।୭(ସମିସ): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ତୃଣମୁଳ ସ୍ତରରେ ବିଜେପି ନେତା ଓ କର୍ମୀଙ୍କ କାରନାମା ବଢ଼ି ବଢ଼ି ଚାଲିଛି। ସରକାରୀ ଅଫିସରେ ଅବାଧ ପ୍ରବେଶ ଠାରୁ ଆରମ୍ଭ କରି ସରକାରୀ କର୍ମଚାରୀଙ୍କୁ ଭୟଭୀତ କରି ବେଆଇନ କାମ ଆଦାୟ କରିବାକୁ ବାଧ କରାଯାଉଥିବା ଅଭିଯୋଗ ହୋଇଆସୁଛି। ବିଭିନ୍ନ ନେତାମାନଙ୍କ ନାଁରେ ବିଭିନ୍ନ କାର୍ଯ୍ୟକ୍ରମ ବାହାନା କରି ବଟି ମାଗୁଥିବା ଘଟଣା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଏହାରି ଭିତରେ ଯାଜପୁର ସଦର ଥାନାରେ ବିଜେପି ଜିଲ୍ଲା ସଂପାଦକ ସୁରଜଲାଲ ସାମଲଙ୍କ ବିରୋଧରେ ଠିକାଦାରଙ୍କୁ ବଟି ମାଗିଥିବା ଅଭିଯୋଗ ହୋଇଥିବା ଜଣାପଡିଛି। ଯାଜପୁର ଜିଲ୍ଲା ବିଜେପି ସମ୍ପାଦକ ସୁରଜଲାଲ୍ ୨୦ ନଂ. ଜାତୀୟ ରାଜପଥକାମ କରୁଥିବା ଠିକା ସଂସ୍ଥା ଏଆର୍‌ଏସ୍‌ଏସ୍‌ଠାରୁ କାମ ନେଇଥିବା ପେଟି ଠିକା ସଂସ୍ଥା ସିଦ୍ଧାର୍ଥ କନ୍‌ଷ୍ଟ୍ରକସନ୍ସ କମ୍ପାନୀକୁ ବଟି ମାଗିଥିବା ଅଭିଯୋଗ ହୋଇଛି। ବଟି ନ ଦେବା ଫଳରେ କାମକୁ ଅଟକାଇ ଦେଇଛନ୍ତି ଏବଂ ରାସ୍ତାର ଉଭୟ କଡ଼ରେ ଶହ ଶହ ଗାଡ଼ି ଅଟକି ରହିଛି। ଫଳରେ ଜାତୀୟ ରାଜପଥ କାମ ଠପ୍ ହୋଇଯାଇଥିବା ଜଣାପଡିଛି। ଗାଡ଼ି ଗୁଡିକ ୮ ଦିନ ଧରି ଅଟକିବା ଫଳରେ ଠିକା ସଂସ୍ଥା ଲକ୍ଷାଧିକ ଟଙ୍କାର ଆର୍ôଥକ ବୋଝ ସହିଥିବା ଜଣାପଡିଛି। ପରିସ୍ଥିତି ଏପରି ହୋଇଛି ରାସ୍ତାର ଉଭୟ କଡ଼ରେ ଗାଡ଼ି ଗୁଡିକ ଠିଆ ହେବାରୁ ରାସ୍ତାରେ ଯାତାୟତ ବନ୍ଦ ହୋଇପଡିଛି। କିନ୍ତୁ ଏନେଇ ଠିକା ସଂସ୍ଥା ପକ୍ଷରୁ ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ମାମଲା ରୁଜୁ ହୋଇନଥିବା ଜଣାପଡିଛି। ଶାସକ ଦଳର ଚାପ ଯୋଗୁଁ ପୁଲିସ ଏଭଳି ମାମଲା ରୁଜୁ କରୁନଥିବା ଅଭିଯୋଗ ହୋଇଛି। ଏ ଅଭିଯୋଗ ସଂପର୍କରେ ଯାଜପୁର ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରାଙ୍କୁ ପଚାରିବାରୁ ସେ ଅଭିଯୋଗ ହୋଇଥିବା ନେଇ ସେ ସ୍ୱୀକାର କରିଛନ୍ତି। ଆମେ ଏହା ଉପରେ ତଦନ୍ତ କରୁଛୁ। ୭ ଦିନ ଭିତରେ ଆମେ ଏତଲାକୁ ରେଜିଷ୍ଟ୍ରସନ କରିବୁ। ଲୋଡ୍ ଗାଡ଼ି ଅନଲୋଡ୍ ନ ହୋଇ ୮ ଦିନ ହେଲା ରାସ୍ତା ଉପରେ ଠିଆ ହୋଇଛି। ସେପଟେ ସିଦ୍ଧାର୍ଥ କନଷ୍ଟ୍ରକ୍ସନ ମାଲିକ ଦାଶରଥି ମହାନ୍ତିଙ୍କ ସହିତ ଯୋଗାଯୋଗ କରିବାରୁ

**■ ଆଗେଇପାରୁନି ୨୦ ନଂ ଜାତୀୟ ରାଜପଥ କାମ**
**■ ସଦର ଥାନାରେ ଏତଲା ପରେ ମାମଲା ହୋଇନି**



ସେ ଭୟଭୀତ ଅବସ୍ଥାରେ କହିଥିଲେ ପ୍ରାୟ ୧୫୦ଗାଡ଼ିକୁ ଅଟକାଇଛନ୍ତି। ମୋଟା ଆକାର ଚାନ୍ଦା ନ ଦେଲେ କାମ ବନ୍ଦ କରିଦିଆଯିବ ବୋଲି ଧମକ ଦିଆଯାଇଛି। ଅନ୍ୟ ଉପାୟ ନ ପାଇ ଯାଜପୁର ସଦର ଥାନାରେ ଏତଲା ଦିଆଯାଇଛି। ଏତଲା ପରେ ଜିଲ୍ଲା ସମ୍ପାଦକଙ୍କ ସମର୍ଥକ କନଷ୍ଟ୍ରକ୍ସନ୍ସ କମ୍ପାନୀ ସହିତ ଭିତିରି ବୁଝାମଣା କରିବାକୁ ଚାପ ପ୍ରୟୋଗ କରୁଛନ୍ତି। ଏପଟେ ରାସ୍ତା ଉପରେ ଗାଡ଼ିଗୁଡିକ ଠିଆ ହୋଇଥିବାରୁ ସ୍ଥାନୀୟ ଲୋକେ ବହୁ ହଇରାଣ ହେଉଥିବାର ଅଭିଯୋଗ ହୋଇଛି। ତେବେ ଏହି ମୋଟା ଅଙ୍କର ବଟି ମାଗିବା ପଛରେ ଜଣେ ବଡ଼ ନେତା ଏବଂ ତାଙ୍କ ଗ୍ୟାଙ୍ଗର ସଂପୂର୍ଣ୍ଣ ହାତ ଥିବା ଚର୍ଚ୍ଚା ହେଉଛି। ଏପରିକି ଏହି ଅଭିଯୋଗକୁ ଏ ପର୍ଯ୍ୟନ୍ତ ପଞ୍ଜୀକରଣ ନ କରିବାକୁ ଏହି ବିଜେପି କୋଟେରୀ ଲାଗିପଡିଥିବା ଜଣାପଡିଛି।

## ଲଘୁଚାପ ସକ୍ରିୟ

# ୫ରୁ ପୁଣି ବଢ଼ିବ ବର୍ଷା

ଭୁବନେଶ୍ୱର,୨।୭(ସମିସ): ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ବର୍ତ୍ତମାନ ଦକ୍ଷିଣ ଛତିଶଗଡ଼ ଓ ଆଖପାଖ ଅଞ୍ଚଳରେ ଘୂର୍ଣ୍ଣିବଳୟ ଅବସ୍ଥାରେ ରହିଛି। ଏହା ବର୍ତ୍ତମାନ ଦକ୍ଷିଣ ଆଡ଼କୁ ଦିଗ ପରିବର୍ତ୍ତନ କରୁଛି। ଏଭଳି ସ୍ଥିତିରେ ମୌସୁମୀ ସକ୍ରିୟ ରହିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଏହି ସ୍ଥିତି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଯଦିଓ ୩ ଓ ୪ ତାରିଖ ବର୍ଷାର ପରିମାଣ ସାମାନ୍ୟ କମିବ, ମାତ୍ର ୫ ତାରିଖରୁ ପୁଣି ଥରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି।

ବିଶେଷକରି ଉତ୍ତର ଓଡ଼ିଶାରେ ଅଧିକ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ଆସନ୍ତା ୪ ତାରିଖ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଏହା ପ୍ରଭାବରେ ବର୍ଷାର ପ୍ରଭାବ ବଢ଼ିପାରେ। ଆସନ୍ତାକାଲି ସୋନପୁର, ବରଗଡ଼, ବଲାଙ୍ଗିର, ବୌଦ୍ଧ ଓ ନୂଆପଡ଼ାରେ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନାରୁ ଜଣାପଡ଼ିଛି।

## ୪ ମାସରେ ୫ ଲକ୍ଷ ଜମାକାରୀଙ୍କୁ ଚିଟ୍‌ଫଣ୍ଡ ଜମା ଟଙ୍କା ଫେରସ୍ତ

ଭୁବନେଶ୍ୱର,୨।୭(ସମିସ): ଆସନ୍ତା ୩-୪ ମାସ ମଧ୍ୟରେ ଆଉ ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ କରାଯିବ। ବୁଧବାର ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୧,୨୬,୧୩୭ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୪୭.୦୭ କୋଟି ଟଙ୍କା ଫେରସ୍ତ କରିସାରିଛନ୍ତି ବୋଲି ସୂଚନା ମିଳିଛି।

## ତେଲଙ୍ଗାନା ବିସ୍ଫୋରଣ

# ୪ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଭୁବନେଶ୍ୱର,୨।୭(ସମିସ): ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲ୍ଲା ସ୍ଥିତ ସିଗାଚୀ ଫାର୍ମା କମ୍ପାନୀରେ ହୋଇଥିବା ବିସ୍ଫୋରଣରେ ଯେଉଁ ୪୨ ଜଣ ପ୍ରାଣ ହରାଇଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି ୪ ଜଣ ଓଡ଼ିଆ ଶ୍ରମିକ। ସେମାନେ ହେଲେ ଗଞ୍ଜାମର ଜଗନ ମୋହନ, ତିଗିରିଆର ଲଗ୍ନଜିତ ଦୁଆରୀ, ବାଲେଶ୍ୱର ସ୍ମିଳିଆର ମନୋଜ ରାଉତ

**■ ୪ ଗୁରୁତର ମେଡିକାଲରେ ଭର୍ତ୍ତି**
**■ ଆହତ ଓଡ଼ିଆଙ୍କୁ ଚିକିତ୍ସାଳୟରେ ଭେଟିଲେ ଓଡ଼ିଶା ଅଧିକାରୀ**

ଏବଂ ଯାଜପୁରର ଦୋଳଗୋବିନ୍ଦ ସାହୁ। ଏଥିରେ ଗୁରୁତର ଆହତ ହୋଇ ଡକ୍ତରଖାନାରେ ଚିକିତ୍ସାଧୀନ ଥିବା ଓଡ଼ିଆ ଶ୍ରମିକ ହେଲେ ଗଞ୍ଜାମର ସମିଳ ପାଢ଼ୀ, ଭଦ୍ରକର ଚନ୍ଦନ ନାଏକ, ପବରଙ୍ଗପୁରର ନୀଳାମ୍ବର ଭଦ୍ର ଏବଂ ଚିତ୍ରସେନ୍ ବତ୍ର। ତେବେ ସେମାନେ ବିପଦମୁକ୍ତ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଏହି ବିସ୍ଫୋରଣ ଘଟଣାରେ ଏବେ ବି ୫ ଜଣ ନିଖୋଜ ଥିବା ଜଣାପଡ଼ିଛି। କିନ୍ତୁ ଉଦ୍ଧାର କାର୍ଯ୍ୟ ଚାଲିଥିବାରୁ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ଚିତ୍ର ମିଳିପାରି ନାହିଁ। ଓଡ଼ିଆ ବ୍ୟକ୍ତିମାନଙ୍କର ଉଦ୍ଧାର କାର୍ଯ୍ୟ ସମେତ ପରିବାରବର୍ଗଙ୍କୁ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା



ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଦୁଇ ଜଣ ଅଧିକାରୀ ଘଟଣାସ୍ଥଳରେ ଯାଇ ପହଞ୍ଚିଛନ୍ତି। ଡ. ଚନ୍ଦ୍ର ଶେଖର ହୋତା ଏବଂ ପ୍ରୀତିଶ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚିବା ପରେ ନିଖୋଜ ରହିଥିବା ଓଡ଼ିଆ ବ୍ୟକ୍ତିମାନଙ୍କର ସନ୍ଧାନ ନିମନ୍ତେ ସଙ୍ଗାରେଡ୍ଡୀ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରୁଛନ୍ତି। ଆହତ ହୋଇଥିବା ଓଡ଼ିଆ ବ୍ୟକ୍ତିମାନଙ୍କୁ ଚିକିତ୍ସାଳୟରେ ଭେଟିଛନ୍ତି। ଆହତ ହୋଇଥିବା ବ୍ୟକ୍ତିମାନଙ୍କର ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରାଯାଇଛି। ମୃତ୍ୟୁବରଣ କରିଥିବା ଓଡ଼ିଆ ବ୍ୟକ୍ତିମାନଙ୍କର ମୃତ ଶରୀରକୁ ଓଡ଼ିଶାକୁ ଫେରେଇ ଆଣିବା ସହ ସେମାନଙ୍କ ପରିବାର ବର୍ଗକୁ ସାହାଯ୍ୟ କରିବା ନିମନ୍ତେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି।

## ମୃତକଙ୍କ ମଧ୍ୟରେ ସିମୁଳିଆର ମନୋଜ ରାଉତ

ସିମୁଳିଆ, ୨।୭ (ସମିସ): ତେଲଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ଗତ ୩୦ ତାରିଖରେ ରାସାୟନିକ କାରଖାନାରେ ବିସ୍ଫୋରଣ ଘଟି ବହୁ ମୃତାହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅଛନ୍ତି ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତ ପାର୍ବତୀପୁର ଗ୍ରାମର ଅନନ୍ତ ରାଉତଙ୍କ ପୁତ୍ର ମନୋଜ ରାଉତ। ୨୦୦୧ ମସିହା ଠାରୁ



ମନୋଜ ଉକ୍ତ ରାସାୟନିକ ଫ୍ୟାକ୍ଟ୍ରିରେ କ୍ୱାଲିଟି ମ୍ୟାନେଜର ଭାବରେ କାର୍ଯ୍ୟ କରୁଥିଲେ। ରଜକୁ ଘରକୁ ଆସିଥିବାବେଳେ ଫ୍ୟାକ୍ଟ୍ରିର ମାଲିକଙ୍କ ଫୋନ ଆସିବାରୁ କାମରେ ଯୋଗ ଦେବାକୁ ପଳାଇ ଯାଇଥିଲେ। ଗତ ୩୦ ତାରିଖରେ ଫ୍ୟାକ୍ଟ୍ରିରେ ଦୁର୍ଘଟଣା ଘଟିବାରୁ ମନୋଜଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମନୋଜଙ୍କ ଶବ ଚିହ୍ନଟ କରିଥିଲେ। ମନୋଜଙ୍କ ସ୍ତ୍ରୀ ଓ ଦୁଇଟି ପୁଅ ଅଛନ୍ତି। ମନୋଜଙ୍କୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଥିବାବେଳେ ତାଙ୍କ ପରିବାରକୁ ରାଜ୍ୟ ସରକାର ସରକାରୀ ସହାୟତା ଦେବାକୁ ଗ୍ରାମବାସୀ ଗୁହାରି କରିଛନ୍ତି।

# କୋଦାଳରେ ହାଣି ବୃଦ୍ଧାଙ୍କୁ ହତ୍ୟା; ଅଭିଯୁକ୍ତ ଗିରଫ

ତୁରୁମୁଙ୍ଗା,୨।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଫୁଲପାହାଡ଼ି ଗ୍ରାମର ଭାଲୁଘରା ସାହିରେ ବୁଧବାର ସକାଳୁ ବିଧବା ବୃଦ୍ଧା ତୁଳସୀ ମାଝୀ (୫୫)ଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଏକ କୋଦାଳରେ ମାରି ତଳେ ପକାଇବା ପରେ ଖଣ୍ଡ ଖଣ୍ଡ କରି ହାଣି ହତ୍ୟା କରାଯାଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁକରି ଅଭିଯୁକ୍ତ ଫୁଲପାହାଡ଼ି ବଡ଼ସାହିର ଦେବଦତ୍ତ ନାଏକ ଓରଫ ଗେଡୁ (୪୫ ବର୍ଷ)କୁ ଗିରଫ କରିଛି। ଏହାସହ ସାଇଣ୍ଟିଫିକ୍ ଟିମ ସହାୟତାରେ ପାଟଣା ପୁଲିସ ଘଟଣାସ୍ଥଳରେ ଅନୁଧ୍ୟାନ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

ସୂଚନା ଅନୁସାରେ, ଉକ୍ତ ଗ୍ରାମର ବାରିଆଳ ମାଝୀ ସକାଳୁ ବିଲ କାମ କରିବାକୁ ଲଙ୍ଗଳ କୋଦାଳ ଧରି ଯାଉଥିବା ସମୟରେ ଦେବଦତ୍ତ କୋଦାଳ ଛଡ଼ାଇ ନେଇ ପ୍ରଥମେ ବାରିଆଳକୁ ଆକ୍ରମଣ କରିଥିଲା। ବାରିଆଳଙ୍କ ବାମ ହାତରେ ଗଭୀର କ୍ଷତ ହୋଇଛି। ପରେ ସେ ଘର ସମ୍ମୁଖରେ ଛିଡା ହୋଇଥିବା ତୁଳସୀଙ୍କୁ ହାଣି ମୁଣ୍ଡ ଗଣ୍ଡି ଅଲଗା କରି ଦେଇଥିଲା। ପୁଣି ଏକ ପଥର ଧରି ଗ୍ରାମବାସୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହୋଇଥିଲା। ଗ୍ରାମବାସୀ ପୁଲିସକୁ ଖବର ଦେବା ପରେ ଅଭିଯୁକ୍ତ ଦେବଦତ୍ତକୁ ହେପାଜତକୁ ନିଆଯାଇଛି। ୬ ବର୍ଷ ପୂର୍ବରୁ ମୃତ ବୃଦ୍ଧାଙ୍କ ସ୍ୱାମୀ କାଦେ ମାଝୀଙ୍କୁ ବଳଦ କିଣାବିକାକୁ ନେଇ ଗ୍ରାମବାସୀ ପିଟି ପିଟି ହତ୍ୟା କରିଥିଲେ।

**■ ରଥଯାତ୍ରା ଦଳାଚକଟାର ପ୍ରଶାସନିକ ତଦନ୍ତ**

## ଉନ୍ନୟନ କମିଶନଙ୍କୁ ସହଯୋଗ କରିବ ୪ ଜଣିଆ କମିଟି

ଭୁବନେଶ୍ୱର,୨।୭(ସମିସ): ରଥଯାତ୍ରା ଦଳାଚକଟା ଘଟଣାରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧୀନରେ ଆରମ୍ଭ ହୋଇଥିବା ପ୍ରଶାସନିକ ତଦନ୍ତକୁ ଆଉ ଏକ କମିଟି ସହଯୋଗ କରିବ। ଏଥିପାଇଁ ରାଜ୍ୟ ସରକାର ଏକ ୪ ଜଣିଆ କମିଟି ଗଠନ କରିଛନ୍ତି। ଓଏଏସ ମାନସ ରଞ୍ଜନ ସାମଲ, ବିନୟ ଦାଶ, ରଶ୍ମି ରଞ୍ଜନ ନାୟକ ଓ ପ୍ରଦୀପ ସାହୁ ଏହି କମିଟିର ସଦସ୍ୟ ରହିଛନ୍ତି। ବୁଧବାର ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଗଞ୍ଜାମ ଜିଲ୍ଲାରେ ଅନୁସୂଚିତ ଜାତିର ଦୁଇ ବ୍ୟକ୍ତିଙ୍କ ଉପରେ ଅତ୍ୟାଚାର

# ନିଜଆଡ଼ୁ ମାମଲା ରୁଜୁ କଲେ ଏନ୍‌ଏଚ୍‌ଆରସି

ଭୁବନେଶ୍ୱର,୨।୭(ସମିସ): ଗଞ୍ଜାମ ଜିଲ୍ଲାରେ ଅନୁସୂଚିତ ଜାତିର ଦୁଇଜଣ ବ୍ୟକ୍ତିଙ୍କ ଉପରେ ହୋଇଥିବା ଅମାନବୀୟ ଅତ୍ୟାଚାର ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) ନିଜଆଡ଼ୁ ମାମଲା ରୁଜୁ କରିଛନ୍ତି। ଏହି ଘଟଣାରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ ଜାରି କରି କମିଶନ ୨ ସପ୍ତାହ ମଧ୍ୟରେ ରିପୋର୍ଟ ତଲବ କରିଛନ୍ତି।

**ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟ ସଚିବ ଓ ଡିଜିଙ୍କୁ ନୋଟିସ**

ଗଞ୍ଜାମ ଜିଲ୍ଲାରେ ଦୁଇଜଣ ଅନୁସୂଚିତ ଜାତି ବର୍ଗର ଯୁବକଙ୍କୁ ବେଆଇନ ଗୋରୁ ଚାଲାଣ ଅଭିଯୋଗରେ ମାଡ଼ ମାରିବା, ଘାସ ଖୁଆଇବା ଏବଂ ନାଳ ପାଣି ପିଇବାକୁ ବାଧ କରାଯାଇଥିଲା। ସେମାନଙ୍କ ମୋବାଇଲ୍ ଫୋନ୍ ମଧ୍ୟ ଛଡ଼ାଇ ନିଆଯାଇଥିଲା ଓ ସେମାନଙ୍କୁ ଜୋରଜବରଦସ୍ତି ଲଣ୍ଡା କରାଯାଇଥିଲା। କମିଶନଙ୍କ ଏହାକୁ ମାନବାଧିକାର ଉଲ୍ଲଂଘନ ବୋଲି ବିବେଚନା କରି ରାଜ୍ୟ ମୁଖ୍ୟ ସଚିବ ଓ ଡିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି । ୨ ସପ୍ତାହ ମଧ୍ୟରେ ଏ ସମ୍ପର୍କରେ ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେବା ସହ ଅପରାଧୀଙ୍କ ବିରୋଧରେ ଗ୍ରହଣ କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି।

**■ ବରିଷ୍ଠ ଆଇନଜୀବୀଙ୍କୁ ନିର୍ଯାତନା ଘଟଣା**

## ରାଜ୍ୟ ମୁଖ୍ୟ ସଚିବଙ୍କୁ ଜବାବ ତଲବ

କଟକ, ୨।୭(ସମିସ): ବାଲେଶ୍ୱରରେ ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କ ପ୍ରତି ପୁଲିସ ଓ ଜଣେ ମହିଳା ଆଇଏଏସ ଅଧିକାରୀଙ୍କ ଦ୍ୱାରା ନିର୍ଯାତନା ଘଟଣାକୁ ନେଇ ଦାୟର ଅଭିଯୋଗକୁ ଜାତୀୟ ମାନବାଧିକାର କମିସନ(ଏନଏଚଆରସି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କ ଆବେଦନର ଶୁଣାଣି କରି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି ଏନଏଚଆରସି। ଆସନ୍ତା ୧୫ଦିନ ମଧ୍ୟରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜଣାଇବାକୁ ଏନଏଚଆରସି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଅଭିଯୋଗରେ ଦର୍ଶାଇଥିଲେ ଯେ ଗତ ଜୁନ ୬ ତାରିଖରେ ବାଲେଶ୍ୱର ଓକିଲ ସଂଘର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ଦାସଙ୍କୁ ଜଣେ ମହିଳା ଆଇଏଏସ ଅଧିକାରୀ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ପରେ ସମ୍ପୃକ୍ତ ଅଧିକାରୀଙ୍କ ନିର୍ଦ୍ଦେଶରେ ସହଦେବଖୁଣ୍ଟା ପୁଲିସ ମଧ୍ୟ ତାଙ୍କୁ ଥାନାରେ ଅଟକ ରଖି ନିର୍ଯାତନା ଦେବା ସହ ବେଆଇନ ଭାବେ ଗିରଫ କରିଥିଲା। ଏହି ଘଟଣାର ସିସିଟିଭି ଫୁଟେଜ ସଂରକ୍ଷଣ ସହ ନିରପେକ୍ଷ ତଦନ୍ତ ସହ ଦୋଷୀ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପୀଡିତଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରାର୍ଥନା କରି ଶ୍ରୀ ନନ୍ଦ ଏନଏଚଆରସିରେ ମାମଲା ରୁଜୁ କରିଥିଲେ।

# ରେଳଧାରଣାରେ ଖସିଲା ମାଟି ଅତଡ଼ା

**■ କୋରାପୁଟ-ଜଗଦଲପୁର ରେଳ ଚଳାଚଳ ପ୍ରଭାବିତ**
**■ ହୀରାଖଣ୍ଡ ଓ ବିଶାଖାପାଟଣା ନାଇଟ୍ ଏକ୍ସପ୍ରେସ୍ ବାତିଲ**



କୋରାପୁଟ,୨।୭(ସମିସ): କୋରାପୁଟ-ଜୟପୁର ମଧ୍ୟରେ ଥିବା ଜର୍ଟି ରେଳ ଷ୍ଟେସନ ନିକଟରେ ମାଟି ଅତଡ଼ା ଖସି କୋରାପୁଟ-ଜଗଦଲପୁର ମଧ୍ୟରେ ରେଳ ଚଳାଚଳ ପ୍ରଭାବିତ ହୋଇଛି। ବୁଧବାର ଅପରାହ୍ନ ଚାରିଟା ସମୟରେ ଅଚାନକ ମାଟି ଅତଡ଼ା ଖସି ରେଳ ଲାଇନ୍ ଅବରୋଧ ହୋଇଥିଲା। ଫଳରେ ଜଗଦଲପୁର ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଏବଂ କିରୋଣ୍ଡୁଲ୍ ବିଶାଖାପାଟଣା ନାଇଟ ଏକ୍ସପ୍ରେସ ଟ୍ରେନକୁ ବାତିଲ କରା ଯାଇଥିବା ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ହାୱଡା ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ୍ ଟ୍ରେନ ଗୁରୁବାର ସକାଳେ କୋରାପୁଟ ଠାରୁ ଫେରିବ ବୋଲି ସୂଚନା ମିଳିଛି। କୋରାପୁଟ ଠାରୁ ବିଭାଗୀୟ ବୈଷୟିକ ଓ ଉଦ୍ଧାରକାରୀ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ରେଳ ଲାଇନରୁ ମାଟି ହଟାଇବା କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟ ଜିଲ୍ଲାରେ ୧୦୬୩ ମିମି ବର୍ଷା ହୋଇଛି। ଲଗାଣ ବର୍ଷାରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ପୋଲ ଉପରେ ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି ।

## ନୀଳଗିରି ହାତୀ ହତ୍ୟା ଓ ଦାନ୍ତ ଲୁଟ୍

# ବିଧାୟକଙ୍କ ଫାର୍ମ ହାଉସରୁ ୩ ମୁଖ୍ୟ ଅଭିଯୁକ୍ତ ଗିରଫ

## ବିଧାୟକ ଖଟୁଆଙ୍କୁ ସରକାର ଘଣ୍ଟ ଘୋଡ଼ାଉଛନ୍ତି: ବିଜେଡି

ଭୁବନେଶ୍ୱର,୨।୭(ସମିସ): ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛି ବିଜେଡି। ଗତ ଜୁନ ୧୫ ତାରିଖରେ ନୀଳଗିରି ଅଞ୍ଚଳରେ ଘଟିଥିବା ଏକ ଦନ୍ତା ହାତୀର ହତ୍ୟା ଓ ଏହାର ଦାନ୍ତ ଲୁଟ ଘଟଣାରେ ସ୍ଥାନୀୟ ଜଙ୍ଗଲ ଅଧିକାରୀଙ୍କ ଦ୍ୱାରା ପାଞ୍ଚଜଣଙ୍କୁ ଗିରଫ ଘଟଣାରେ ଶ୍ରୀ ଖଟୁଆଙ୍କ ସମ୍ପୃକ୍ତି ରହିଛି। ସମ୍ପୂର୍ଣ୍ଣ ଘଟଣାରେ ରାଜ୍ୟ ସରକାର ତାଙ୍କୁ ଘଣ୍ଟ ଘୋଡାଉଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଗିରଫ ହୋଇଥିବା ସମ୍ପୃକ୍ତ ପାଞ୍ଚଜଣ ଅଭିଯୁକ୍ତଙ୍କ ମଧ୍ୟରୁ ତିନି ଜଣ ମୁଖ୍ୟ ଅଭିଯୁକ୍ତ ବିଧାୟକ ଶ୍ରୀ ଖଟୁଆଙ୍କ ଫାର୍ମହାଉସରେ ଲୁଚି ରହିଥିବା ଅବସ୍ଥାରେ ଗିରଫ ହୋଇଥିଲେ। ଯେଉଁଥିରେ ବିଧାୟକଙ୍କ ଏହି ଅପରାଧରେ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ହୋଇଥିଲେ ମଧ୍ୟ ଜଙ୍ଗଲ ଅଧିକାରୀମାନେ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ ଜୁଟାଇ ପାରି ନାହାନ୍ତି ବୋଲି ବିଜେଡି କହିଛି।

ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡଃ ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ମନ୍ତ୍ରୀ ଜ୍ୟୋତି ରଞ୍ଜନ ପାଣିଗ୍ରାହୀ ଓ ପୂର୍ବତନ



ବିଧାୟକ ସୁକାନ୍ତ ନାୟକ ରାଜ୍ୟରେ ହାତୀ ହତ୍ୟା ଓ ଦାନ୍ତ ଲୁଟ ଘଟଣାରେ ନୀଳଗିରି ବିଧାୟକଙ୍କ ସିଧାସଳଖ ସମ୍ପୃକ୍ତି ଅଭିଯୋଗ କରିଛନ୍ତି। ଡଃ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗତ ଜୁନ ୧୫ ତାରିଖରେ ନୀଳଗିରି ବ୍ଲକ ଅନ୍ତର୍ଗତ ତେଲିପାଡ଼ ପଞ୍ଚାୟତର ହୁଡ଼ିସାହି ଗ୍ରାମ ନିକଟରେ ଏକ ବିଶାଳ ଦନ୍ତା ହାତୀର ମୃତଦେହ ଜଙ୍ଗଲ ଅଧିକାରୀଙ୍କୁ ମିଳିଥିଲା। ମୃତ ହାତୀର ଦାନ୍ତକୁ ଦୁର୍ବୃତ୍ତ ମାନେ କାଟି ନେଇ ଯାଇଥିଲେ। ଯେଉଁଥିରୁ ଦାନ୍ତ ହାସଲ କରିବା ଉଦ୍ଦେଶ୍ୟରେ ଦୁର୍ବୃତ୍ତ ହାତୀକୁ ହତ୍ୟା କରିଥିବା ସ୍ପଷ୍ଟ ହୋଇଥିଲା। ପରେ ଜଙ୍ଗଲ ଅଧିକାରୀ ଏହି ଘଟଣାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଥିବା ଚାରି ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଥିଲେ। ଚାରି ଜଣ ଅଭିଯୁକ୍ତଙ୍କ ଭିତରୁ ତିନି ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ସେହି ଅଞ୍ଚଳରେ ରହିଥିବା ନୀଳଗିରି ବିଧାୟକଙ୍କ ଫାର୍ମ ହାଉସରୁ ଗିରଫ କରାଯାଇଥିଲା। ଏହି ଘଟଣାରେ ସ୍ଥାନୀୟ ବିଧାୟକ ଶ୍ରୀ ଖଟୁଆଙ୍କ ସମ୍ପୃକ୍ତି ରହିଛି ବୋଲି ସନ୍ଦେହ ଉପୁଜିଥିଲେ ମଧ୍ୟ ଜଙ୍ଗଲ ଅଧିକାରୀ ମାନେ ଶ୍ରୀ ଖଟୁଆଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ସରକାରୀ ଦଳର ବିଧାୟକ ହୋଇଥିବାରୁ ରାଜ୍ୟ ସରକାର ଶ୍ରୀ ଖଟୁଆଙ୍କୁ ଘଣ୍ଟ ଘୋଡାଉଛନ୍ତି। ଶ୍ରୀ ଖଟୁଆ ଅନେକ ବେଆଇନ କାମରେ ସମ୍ପୃକ୍ତ ଥିବାର ଅଭିଯୋଗ ରହିଛି। ନବେ ଦଶକରେ ବାଲେଶ୍ୱରରେ ସ୍ଥିତ ଇସ୍ପାତ ଆଲୟଜ ଲିମିଟେଡ କମ୍ପାନୀରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ଖଟୁଆ ପରବର୍ତ୍ତୀ ସମୟରେ କମ୍ପାନୀ ଦେବାଳିଆ ହେବା ବେଳକୁ ନିଜେ କୋଟିପତି ହୋଇ ଯାଇଥିଲେ। ଶ୍ରୀ ଖଟୁଆଙ୍କ ବିରୋଧରେ ପୂର୍ବରୁ ପଦ୍ମଲୋଚନ ମୁଣ୍ଡ ହାଇସ୍କୁଲର ଦେଢ଼ ଏକର ଜମି ଓ ଅନ୍ୟୂନ ୨୦୦ ଏକର ଜଙ୍ଗଲ ଜମି ଜବରଦଖଲ କରିଥିବା ଅଭିଯୋଗ ରହିଛି। ଏହାଛଡା ସେ ବେଆଇନ ମୋରମ ଓ ବାଲି ଉଠାଣ କାମରେ ଲିପ୍ତ ଅଛନ୍ତି ବୋଲି ଅଭିଯୋଗ ରହିଛି। ତେଣୁ ହାତୀ ମୃତ୍ୟୁ ଓ ଦାନ୍ତ ଲୁଟ ଘଟଣାରେ ଶ୍ରୀ ଖଟୁଆଙ୍କୁ ଗିରଫ କରି ତାଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ଓ ପେସା ଆକ୍ଟ ଲଗାଯାଉ ବୋଲି ଡଃ ସାମନ୍ତସିଂହାର ଦାବି କରିଥିଲେ।



# ସିଟି କଟକ

## ୩୪ ଲକ୍ଷ ଟଙ୍କା ପ୍ରକଳ୍ପର ଶିଳାନ୍ୟାସ



କଟକ,୨।୭(ସମିସ): ୫୩ ନଂ ୱାର୍ଡ ଅନ୍ତର୍ଗତ ପୁଷ୍ପି ବଗିଚାରେ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନାଙ୍କ ନେତୃତ୍ୱରେ ୪ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସେଥିମଧ୍ୟରେ ୧୨ଲକ୍ଷ ଟଙ୍କା ବ୍ୟୟରେ ପୀତବାସ ଗୋଛାୟତଙ୍କ ଘର ଠାରୁ ପ୍ରମୋଦ ସାହୁଙ୍କ ଘର ପର୍ଯ୍ୟନ୍ତ ସିସି ଡ୍ରେନ ଏବଂ ସତିଶ ସୋରେନଙ୍କ ଘର ଠାରୁ ପ୍ରମୋଦ ସାହୁଙ୍କ ଘର ପର୍ଯ୍ୟନ୍ତ ସିସି ଡ୍ରେନ। ସେହିପରି ୫ଲକ୍ଷ ଟଙ୍କା ବ୍ୟୟରେ ପିକେ ସାହୁଙ୍କ ଘର ଠାରୁ ଦେବେନ୍ଦ୍ର ଷଣ୍ଢଙ୍କ ଘର ପର୍ଯ୍ୟନ୍ତ ସିସି ଡ୍ରେନ, ୫ଲକ୍ଷ ଟଙ୍କା ବ୍ୟୟରେ ମିକ୍ସଚର ଗଳି ଠାରୁ ଶାନ୍ତନୁ ଦାସଙ୍କ ଘର ପର୍ଯ୍ୟନ୍ତ ସିସି ଡ୍ରେନ ଏବଂ ୧୨ଲକ୍ଷ ଟଙ୍କା ବ୍ୟୟରେ ମୁକେଶ ଜେନାଙ୍କ ଘର ଠାରୁ ଏମଏସଡବ୍ଲ୍ୟୁ -୧ ରେଡକ୍ରସ ଖେଳ ପଡିଆ ପର୍ଯ୍ୟନ୍ତ ସିସି ଡ୍ରେନ ଆଦି ଅନ୍ତର୍ଭୁକ୍ତ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ୱାର୍ଡ ସଭାପତି ସାରଙ୍ଗ ପାଣି ଷଡ଼ଙ୍ଗୀ, ଅମର ସାମନ୍ତରାୟ, ଡ. ବ୍ୟୋମକେଶ କାନୁନଗୋ, ବରିଷ୍ଠ ମୁରବୀ ରଜନୀକାନ୍ତ ପରିଜା, ବିଜୟାନନ୍ଦ ସାହୁ, ଉମାକାନ୍ତ ମହାପାତ୍ର, ସୁଦର୍ଶନ ନାୟକ, କୈଳାସ ମହାନ୍ତି, ନଗେନ ଦାସ, ରାଜନ ମହାପାତ୍ର, ସୁଶାନ୍ତ ବେହେରା, ଅଧିର ବେଉରା, ନବକିଶୋର ଭୋଳ, ପ୍ରମୋଦ ସାହୁ, ସୁଧାକର ନାୟକ, ଶୁଭମ ସ୍ୱାଇଁ, ରବୀନ୍ଦ୍ର ସାହୁ, ସଦାନନ୍ଦ ସାହୁ, ରଞ୍ଜିତ ଜେନା, ଏସଏଚଜି ଗ୍ରୁପର ସବିତା ନାୟକ, ଡୁମୁଣି ସୋରେନ୍, ସଂଘମିତ୍ରା ପଟ୍ଟନାୟକ, ରୋଜାଲିନ ସାହୁଙ୍କ ସମେତ ବହୁ ସଂଖ୍ୟାରେ ୱାର୍ଡ ବାସିନ୍ଦା ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଚାଲିଗଲା ତିନି ଜୀବନ

କଟକ,୨।୭(ସମିସ):

କଟକ କମିଶନରେଟ ପୁଲିସ ଅଞ୍ଚଳରେ ପୃଥକ ପୃଥକ ତିନୋଟି ଦୁର୍ଘଟଣାରେ ତିନୋଟି ଜୀବନଦୀପ ଲିଭିଛି। ସଂଯୋଗବଶତଃ ମୃତ ତିନିଜଣ ଯାକ ଯୁବ ବୟସର। କଟକ-ପାରାଦୀପ ମୁଖ୍ୟରାସ୍ତାରେ ଦୁର୍ଘଟଣାର ଶିକାର ହୋଇ ଆଶିଷ ନାୟକ(୨୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ସିଡିଏ ସେକ୍ଟର-୯ରେ ଜ୍ୟୋତିରଞ୍ଜନ ସାହୁ(୨୮) ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଛନ୍ତି। ମଧୁପାଟଣା ରାସ୍ତାରେ ପ୍ରାଣ ହରାଇଥିବା ଯୁବକଙ୍କ ପରିଚୟ ମିଳି ପାରିନଥିବା ବେଳେ ତାଙ୍କ ବୟସ ଆନୁମାନିକ ୨୦-୨୨ ବର୍ଷ ହେବ।

ସିଆରଆରଆଇ ଥାନା ଅନ୍ତର୍ଗତ କଟକ-ପାରାଦ୍ୱୀପ ରାସ୍ତାର ବଣବିଦ୍ୟାଧରପୁର ନିକଟରେ ଗତକାଲି ରାତି ୧୧ଟାରେ ଆଶିଷ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗାରେଇ



ଗ୍ରାମର ଅରୁଣ ନାୟକଙ୍କ ପୁଅ ଆଶିଷ ଏକ ଔଷଧ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ଭୁବନେଶ୍ୱରରେ ସେ ଘର ଭଡ଼ାନେଇ ରୁହନ୍ତି। ଗତକାଲି ସେ ରାହାମା ଯାଇଥିଲେ। ରାତିରେ ବାଇକ୍‌ରେ ଭୁବନେଶ୍ୱର ଫେରୁଥିଲେ। ବଣବିଦ୍ୟାଧରପୁର ନିକଟରେ ସିଏନଜି ବୋଝେଇ ଏକ ଆଇଚର ଗାଡି ଦ୍ରୁତଗତିରେ ଗତିରାଉତ ପାଟଣାସ୍ଥିତ ଡିପୋକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଆଶିଷଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଆଶିଷ ଦୂରକୁ ଛିଟିକି ପଡିବା ସହିତ ରକ୍ତାକ୍ତ ହୋଇ ଅଚେତ ଅବସ୍ଥାରେ ପଡିରହିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଖସି ପଳାଇଯାଇଥିଲା। ଖବର ପାଇ ସିଆରଆରଆଇ ଥାନା ଏସଆଇ ବିକାଶ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ପଡିରହିଥିବା ଆଶିଷଙ୍କୁ ବଡ ମେଡିକାଲକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ପୁଲିସ ଆଇଚର ଚାଳକ ତଥା ସାଲେପୁର ଅଞ୍ଚଳର ସେକ୍ ରଫିକ୍‌କୁ ଗିରଫ କରିଛି।

ଆଜି ପୂର୍ବାହ୍ନରେ ସିଡିଏ ଅଞ୍ଚଳରେ ଘଟିଥିବା ଏକ ଦୁର୍ଘଟଣା ଆଉ ଜଣଙ୍କ ଜୀବନ ନେଇଥିଲା। ପିକଅପ ଗାଡି ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିଲା। ମୃତକ ଜଣକ ହେଉଛନ୍ତି କୃଷକ ବଜାର ନିକଟସ୍ଥ ଶତାବ୍ଦୀବିହାର ଅଞ୍ଚଳର ଜ୍ୟୋତିରଞ୍ଜନ ସାହୁ(୨୮)। ବୁଧବାର ସକାଳେ ଜ୍ୟୋତି କୌଣସି ଏକ କାର୍ଯ୍ୟରେ ମର୍କତନଗର ସେକ୍ଟର ୧୦ ଯାଇଥିଲେ। ସକାଳ ପ୍ରାୟ ୭ଟା ବେଳେ ସେ ସେକ୍ଟର-୯ ଆମ୍ବତୋଟା ରାସ୍ତା ଦେଇ ଫେରୁଥିଲେ। ଏହି ସମୟରେ ସମ୍ମୁଖରୁ ଆସୁଥିବା ଏକ ପିକଅପ ଗାଡି ତାଙ୍କୁ ଜୋରରେ ଧକ୍କା ଦେଇଥିଲା। ଏଥିରେ ଜ୍ୟୋତି ବହୁ ଦୂରକୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଜ୍ୟୋତି ଆଖି ବୁଜିଥିଲେ। ମର୍କତନଗର ଥାନା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏପଟେ ଦୁର୍ଘଟଣା ଘଟାଇଥିବା ପିକଅପର ଚାଳକ ଫେରାର ହେବାକୁ ଉଦ୍ୟମ କଲା ବେଳେ ଲୋକେ ତାକୁ କାବୁ କରି ପୁଲିସର ଜିମା ଦେଇଥିଲେ।

ମଧୁପାଟଣା ଥାନାରୁ କିଛି ଦୂରରେ ବୁଧବାର ରାତି ପ୍ରାୟ ୯ଟା ବେଳେ ଘରୋଇ ବସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। କ୍ୱାଲିଟି ନାମକ ଏହି ବସ୍ ଯାତ୍ରୀଙ୍କୁ ଧରି ରାଜଖଡିଆଳ ଯାଉଥିଲା। ଏହି ସମୟରେ ସ୍କୁଟିରେ ଯାଉଥିବା ଯୁବକ ଜଣକ ବସ୍‌କୁ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ବେଳେ ଗାଡି ଚକା ଖସି ଯାଇଥିଲା। ଯୁବକ ଜଣକ ବସ୍‌ର ତଳକୁ ଚାଲି ଯାଇଥିଲେ। ବସ୍ ପଛ ଚକା ଯୁବକଙ୍କ ମୁଣ୍ଡରେ ଚଢ଼ିଯିବା ସହ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ବ୍ୟକ୍ତିଙ୍କର ସଠିକ୍ ପରିଚୟ ମିଳି ନଥିଲେ ମଧ୍ୟ ବାଇକ୍ ନମ୍ବର ଯାଞ୍ଚପରେ ତାହା ପୁରୀଘାଟ ଥାନା ଅନ୍ତର୍ଗତ ସାଆନ୍ତସାହିର ଗୌରାଙ୍ଗ ସାହୁଙ୍କ ନାମରେ ରହିଥିବା ଜଣାପଡିଛି।

## ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ



**୪ ସାହିତ୍ୟିକ ସମ୍ବର୍ଦ୍ଧିତ**

କଟକ,୨।୭(ସମିସ): ସଂଧ୍ୟାରେ କଟକ ସାରସ୍ୱତ ପୀଠ ସାରଳା ଭବନଠାରେ ପ୍ରଖ୍ୟାତ ସାରସ୍ୱତ ସ୍ରଷ୍ଟା ପଦ୍ମଭୂଷଣ ଡକ୍ଟର କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଉପଲକ୍ଷେ ଏକ ସାରସ୍ୱତ ସମାରୋହ ଓ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚାରିଜଣ ବିଶିଷ୍ଟ ସାହିତ୍ୟିକ ଡ. ବିଜୟ କୁମାର ନନ୍ଦ, ଡ. ଅଜୟ କୁମାର ମିଶ୍ର, ବିଜୟ କୁମାର ମଲ୍ଲ ଓ ଅଙ୍ଗୁରବାଳା ପରିଡାଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ କାଳିନ୍ଦୀଚରଣ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି।

ସଂସଦର ପ୍ରତିଷ୍ଠାତା ଓ ସଭାପତି ଡକ୍ଟର (ଇଂ) ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ନ୍ୟାୟାଧିଶ ଡକ୍ଟର ଜଷ୍ଟିସ୍ ମଦନମୋହନ ଦାସ ଉତ୍ସବକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ପ୍ରଜ୍ଞାରତ୍ନ ସହଦେବ ସାହୁ ମୁଖ୍ୟ ଅତିଥି, ବିଶିଷ୍ଟ ସାହିତ୍ୟିକ ପ୍ରଫେସର୍ ଡ. ସତ୍ୟନାରାୟଣ ପଣ୍ଡା ସମ୍ମାନିତ ଅତିଥି, ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଡକ୍ଟର ଚିନ୍ମୟୀ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଉଦଘାଟକ ଜଷ୍ଟିସ ଦାସ କହିଲେ, ସବୁଜ ଚେତନାର ସର୍ବଶ୍ରେଷ୍ଠ ସାରଥି ଭାବରେ ସୁ-ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀ ବିଖ୍ୟାତ। ରେଭେନ୍ସା କଲେଜ୍‌ରେ ପାଠ ପଢ଼ିଲାବେଳେ ଅନ୍ୟ ଚାରିବନ୍ଧୁଙ୍କ ସହ ମିଶି 'ନନ୍‌ସେନ୍ସ' କ୍ଲବ୍ ଗଢ଼ି ସବୁଜ ସାହିତ୍ୟର ବାର୍ତ୍ତାବହ ହୋଇଥିଲେ। ପ୍ରଫେସର୍ ଡାକ୍ତର ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଓ ନାଟ୍ୟକାର ସଂଜିତ୍ କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ଗାଳ୍ପିକା ସୋହାଗିନୀ ବେହେରା, କବି କାନ୍ତିବାଳା ନାୟକ, ଅଧ୍ୟାପିକା କ୍ରିଷ୍ଣା ଦାଶ, ସୁରଭୀ ଦ୍ୱିବେଦୀ ମାନପତ୍ର ପାଠ କରିଥିଲେ। ଶେଷରେ ଅଧ୍ୟାପକ ନିର୍ମଳଚନ୍ଦ୍ର ପହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ କବି ପ୍ରଶାସକ ପ୍ରସନ୍ନ ଜେନା, କଥାଶିଳ୍ପୀ ତରୁଣ ସାହୁ, କୈଳାଶଚନ୍ଦ୍ର ଦଳେଇ, ଅଧ୍ୟାପକ ଗୋପୀନାଥ ପଣ୍ଡା ସମେତ ବହୁ ବିଶିଷ୍ଟ ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ଚିକିତ୍ସକ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦିବସ

କଟକ,୨।୭(ସମିସ): ରୋଟାରୀ କ୍ଲବ ଅଫ କଟକ ମିଲେନିୟମ ପକ୍ଷରୁ ୧ ଜୁଲାଇ ୨୦୨୫ରେ ଜାତୀୟ ଚିକିତ୍ସକ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦିବସ ଉପଲକ୍ଷେ ଏକ ସମ୍ବର୍ଦ୍ଧନା ସଭା କଟକ ଶୀତଲ ହୋଟେଲଠାରେ ଆୟୋଜିତ ହୋଇଯାଇଛି। କ୍ଲବର ସଭାପତି ସୁଧୀର କୁମାର ରଥ ଓ ସମ୍ପାଦକ ସମ୍ବିତ କୁମାର ଲେଙ୍କାଙ୍କ ଦ୍ୱାରା ଆୟୋଜିତ ଏହି ସଭାରେ ଡା. ଅନଙ୍ଗ ମୋହନ ଦ୍ୱିବେଦୀ, ଡା. ଜଗନ୍ନାଥ ଦାସ, ଡା.ବିଶ୍ୱଜିତ କର ଓ ଡା. ପ୍ରମୋଦିନୀ ଗୁପ୍ତା ତଥା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରତ୍ନା ରଚିତା ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବତନ ସଭାପତି ଦୀପକ ମହାନ୍ତ ଜାତୀୟ ଚିକିତ୍ସକ ଦିବସ ଉପରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ ସଭାପତି ଚନ୍ଦ୍ରପ୍ରଭା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ପଦ୍ମିନୀ କେୟାର୍‌ରେ ଜାତୀୟ ଚିକିତ୍ସକ ଦିବସ

କଟକ,୨।୭(ସମିସ): ପଦ୍ମିନୀ କେୟାର ହସ୍ପିଟାଲ ପକ୍ଷରୁ ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି।



ଏହି ଉପଲକ୍ଷେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଓ ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ ଆଭାସୀ ମାଧ୍ୟମରେ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ଅବସରରେ ଏକ ସୁସ୍ଥ ଓ ନିରାମୟ ସମାଜ ଗଠନରେ ଚିକିତ୍ସକମାନଙ୍କର ଅତୁଳନୀୟ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। 'ଡ୍ରିମ୍ସ'ର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ପଦ୍ମିନୀ କେୟାର ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା, ଡା.ଦୀପକ ସ୍ୱାଇଁ, ଡା. ସନ୍ତୋଷ ମହାନ୍ତି, ଡା. ଅଶାରାମ ପଣ୍ଡା, ଡା. ବିପ୍ଳବୀ ସାରଙ୍ଗଧର ଦାସ, ଡା. ସୁଜିତ ନନ୍ଦ, ଡା. ସ୍ୱସ୍ତିକ୍ ଆଚାର୍ଯ୍ୟ, ଡା. ବିଷ୍ଣୁ ପ୍ରସାଦ ରଥ, ଡା. ଅଂଶୁମାନ ମହାପାତ୍ର, ଡା. ସୁଶାନ୍ତ ଶତପଥି, ଡା. ବିନୟ ଜୟସ୍ୱାଲ, ଡା. ମୋନାଲି ପଟ୍ଟନାୟକ, ଡା. ଶିଳ୍ପା ମିଶ୍ର, ଡା. ଦୀପ୍ତିମୟୀ ସାହୁ ଡା. ସୌମ୍ୟା ସୁଚରିତା ପଣ୍ଡା, ଡା ଅସ୍ମିତା ରାୟଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ଓ କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ତଥା ଖ୍ୟାତନାମା ଡା. ବିଧାନ ଚନ୍ଦ୍ର ରାୟଙ୍କ ଜନ୍ମ ଦିନରେ ଡାକ୍ତରଙ୍କ ତ୍ୟାଗ ଓ ସମର୍ପିତ ଭାବନାକୁ ସମ୍ମାନ ଜଣାଇ କେକ୍ କଟାଯାଇଥିଲା। ଏଥିସହିତ ଏକ ଆଲୋଚନା ଚକ୍ର ପଦ୍ମିନୀ ଅଡିଟୋରିୟମରେ ଅନୁଷ୍ଠିତ ହୋଇଥିଲା। ଶୁଭେନ୍ଦୁ ସିଂ ଓ ଶିବରାମ ସୁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଶିଶୁଭବନ ପାରାପିଟ୍ ଭୁଶୁଡ଼ିବା ଘଟଣା**

## ନିର୍ମାଣ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍

କଟକ,୨।୭(ସମିସ): ଗତ ୨୫ ତାରିଖରେ ଲଗାଣ ବର୍ଷା ଯୋଗୁଁ ଶିଶୁଭବନର ପାରାପିଟ୍ ଭୁଶୁଡ଼ି ପଡ଼ିଥିଲା। କେହି ମୃତାହତ ହୋଇନଥିବା ବେଳେ ପାରାପିଟ୍ ଖସିବା ଯୋଗୁଁ ଏହା ତଳେ ପାର୍କିଂ ହୋଇଥିବା ୧୦ରୁ ଅଧିକ ଗାଡି ଭାଙ୍ଗିରୁଜି ଯାଇଥିଲା। ଏହି ଘଟଣାରେ ଆଜି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଠିତ ସ୍ୱତନ୍ତ୍ର ଟିମ୍ ଶିଶୁଭବନରେ ପହଞ୍ଚି ତଦନ୍ତ କରିଥିଲା। ୬ ମହଲା ବିଶିଷ୍ଟ ଏହି କୋଠାକୁ କୋଲକାତାର ବ୍ରିଜ ଆଣ୍ଡ ରୁଫ୍ ସଂସ୍ଥା ନିର୍ମାଣ କରିଥିଲା। ତେବେ ମାତ୍ର ଦେଢ଼ ଘଣ୍ଟାର ବର୍ଷାରେ ନବନିର୍ମିତ କୋଠାର ପାରାପିଟ୍ କିପରି ଭାଙ୍ଗିଲା ଏବଂ ଏଠାରେ ନିମ୍ନ ମାନର କାର୍ଯ୍ୟ କରାଯାଇଥିବା ଅନୁମାନ କରାଯାଇ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ୍ ନିର୍ମାଣକାରୀ ସଂସ୍ଥାକୁ କାରଣଦର୍ଶାଅ ନୋଟିସ୍ ଜାରି କରିଛି।

ବର୍ଷା ପ୍ରଭାବରେ କଟକ ଶିଶୁଭବନ ନୂତନ କୋଠା ଦ୍ୱିତୀୟ ମହଲାର ପାରାପିଟ୍ ଭୁଶୁଡ଼ି ପଡ଼ିଥିଲା। କୋଠାର ବାହାର ପାଖର୍ଶ ଏହି ୫ ଇଞ୍ଚିଆ ପାରାପିଟ୍ ଭାଙ୍ଗିବାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ସୌଭାଗ୍ୟବଶତଃ ଉକ୍ତ ପାରାପିଟ୍ ତଳେ କୌଣସି ବ୍ୟକ୍ତି ଆଶ୍ରୟ ନେଇ ନଥିଲେ। ଶିଶୁଭବନର ଏହି ନୂତନ କୋଠା ଗତ ଫେବୃୟାରୀରୁ ରୋଗୀ ସେବାରେ ବ୍ୟବହୃତ ହେଉଥିବା ବେଳେ ଏପ୍ରିଲ ମାସରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି ନଡ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ୧୨୭ କୋଟି ୩୫ ଲକ୍ଷ ୫୦,୫୦୯ ଟଙ୍କା ବ୍ୟୟରେ ନୂତନ କୋଠା ନିର୍ମାଣ କରାଯାଇଥିଲା। ମାତ୍ର ଲଗାଣ ବର୍ଷା ଯୋଗୁଁ ପାରାପିଟ୍ ଭୁଶୁଡିବା ସହ ବର୍ଷା ଜଳ ୱାର୍ଡ ଏବଂ କାଜୁଆଲଟିରେ ପଶିଥିଲା।

## କଟକ ସହରରେ ବନ ମହୋତ୍ସବ

କଟକ,୨।୭(ସମିସ): ବାଲିଯାତ୍ରା ତଳ ପଡ଼ିଆ ସ୍ଥିତ କଟକ-ଇନ୍-କଟକଠାରେ କଟକ ମହାନଗର ନିଗମ ଓ ନଗର ବନଖଣ୍ଡ ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ-୨୦୨୫ ପାଳନ କରାଯାଇଛି। ଏନେଇ ଚାରାରୋପଣ କାର୍ଯ୍ୟକ୍ରମ କରାଯିବା ସହ ପରିବେଶ ସଚେତନତା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋଶ, କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ, କଟକ ମହନଗର ନିଗମ ମେୟର ସୁବାସଚନ୍ଦ୍ର ସିଂହ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ, ଡେପୁଟୀ ମେୟର ସୁଶ୍ରୀ ଦମୟନ୍ତୀ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। କଟକ ମହାନଗର ନିଗମ ଅଧିକାରୀ ଓ କର୍ମଚାରୀଙ୍କ ସମେତ କର୍ପୋରେଟର ଉପସ୍ଥିତ ଥିଲେ।

## ମୋକିମ ଫାଉଣ୍ଡେସନ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର



କଟକ,୨।୭(ସମିସ): ମୋକିମ ଫାଉଣ୍ଡେସନ, କଟକ ପକ୍ଷରୁ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ସ୍ଥାନୀୟ ଟାଉନ ହଲ ଠାରେ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମଙ୍କ ଦ୍ୱାରା ଉଦଘାଟନରେ ଅନୁଷ୍ଠିତ ହୋଇଯାଇଥିଲା। ଏହି ଅବସରରେ ଏକ ଚକ୍ଷୁ ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନା ଚକ୍ରରେ ବାରବାଟୀ କଟକର ବିଧାୟିକା ସୋଫିଆ ଫିର୍ଦୋଷ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଖିର ବିକଳ୍ପ ନାହିଁ ତେଣୁ ଆଖିର ନିୟମିତ ପରୀକ୍ଷା କରିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡାକ୍ତର ନାୟୀମା ତାଜୀମ, ସରୱାର ହସିବ, ଗିରିବାଳା ବେହେରା ଓ ଡାକ୍ତର ରାଜା ଅଗ୍ରୱାଲ ଯୋଗଦେଇ ଆଖିର ରୋଗର କୁପ୍ରଭାବ ଓ ଚକ୍ଷୁ ସଚେତନତା ଉପରେ ଆଲୋଚନା କରିଥିଲେ। ପ୍ରିୟଙ୍କା ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ ବେଳେ ସକିଲ ଖାନ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଶିବିରରେ ବହୁ ବୟସ୍କ ଚକ୍ଷୁ ରୋଗୀ ଯୋଗଦେଇଥିବା ବେଳେ ରୌପ୍ୟ ରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଉକ୍ତ ଶିବିରକୁ ଏଏସଜି ଆୟ ହସ୍ପିଟାଲର ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ରହି ରୋଗୀଙ୍କ ଚିକିତ୍ସା କରିଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ

କଟକ,୨।୭(ସମିସ): ମିଶନ ରୋଡସ୍ଥିତ ଡାୟୋସେସନ ଓମେନ ଫେଲୋସିପ ଫର ଖ୍ରୀଷ୍ଟିଆନ ସର୍ଭିସେସ କଟକ ଆନୁକୂଲ୍ୟରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଷ୍ଟିୱାର୍ଟ ସ୍କୁଲ ଜୁନିୟର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଟକ ଧର୍ମାଞ୍ଚଳର ବିଶପ ରାଇଟ ରେଭେରେଣ୍ଡ ସୁରେନ୍ଦ୍ର କୁମାର ନନ୍ଦ, ସମ୍ମାନିତ ଅତିଥି ଭାବରେ ଷ୍ଟିୱାର୍ଟ ସ୍କୁଲ କଟକ ଅଧ୍ୟକ୍ଷ ଡି ମାର୍ଟିନା, ସିନୋଡିକାଲ ଓମେନ ଫେଲୋସିପର ସମ୍ପାଦିକା ସୁଚେତା ମହାନ୍ତି ଯୋଗଦେଇଥିଲେ। ଡାୟୋସେସନ ଓମେନ ଫେଲୋସିପର ସମ୍ପାଦିକା ମର୍ସି ରାଉତ, ପୂର୍ବତନ ଉପସଭାପତି ଶୁଭଶ୍ରୀ ସାମନ୍ତରାୟ, କୋଷାଧ୍ୟକ୍ଷା ସ୍ମୃତିରେଖା ପଣ୍ଡା, କେ ଜ୍ୟୋତି, ପୋଗ୍ରାମ କୋଅର୍ଡିନେଟର ସୁଜାତା ସାମଲ, ସୁଦୀପ୍ତା ପାତ୍ର, ସୁସ୍ମିତା ସିଂ, ରୋଜାଲିନ ନାୟକ ଏବଂ ସମସ୍ତ ସଭ୍ୟା ଉପସ୍ଥିତ ଥିଲେ। ସମ୍ପାଦିକା ମର୍ସି ରାଉତ ପରିଚାଳନା କରିଥିଲେ। ପୂର୍ବତନ ଉପସଭାପତି ଶୁଭଶ୍ରୀ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ୱାଇଜମ୍ୟାନ କ୍ଲବ୍ ସମୂହ ପକ୍ଷରୁ ବନ ମହୋତ୍ସବ



କଟକ,୨।୭(ସମିସ): ୱାଇଜମ୍ୟାନ ଓଡ଼ିଶା ଜିଲ୍ଲା ପକ୍ଷରୁ ବିଡାନାସୀ ସ୍ଥିତ ନବଦିଶା ନିଶା ନିବାରଣ କେନ୍ଦ୍ର ପ୍ରାଙ୍ଗଣରେ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୱାଇଜମ୍ୟାନ ଜିଲ୍ଲା ଗଭର୍ଣ୍ଣର ସତ୍ୟ ଗୋପାଳ ପରିଜାଙ୍କ ଉଦ୍ୟମରେ ଆୟୋଜିତ ଏହି ଚାରାରୋପଣ କାର୍ଯ୍ୟକୁ ୱାଇଜମ୍ୟାନ ଉତ୍ତର ପୂର୍ବ ଓ ଉତ୍ତର ପୂର୍ବ ଭାରତର ଆଞ୍ଚଳିକ ନିର୍ଦ୍ଦେଶକ ଆଡ଼ଭୋକେଟ ପ୍ରସନ୍ନ କୁମାର ନନ୍ଦ ଯୋଗଦେଇ ଶୁଭାରମ୍ଭ କରିବା ସହିତ କୁନି କୁନି ପିଲାମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଚାର୍ଟଡର୍ ଆକାଉଣ୍ଟାଣ୍ଟ ପ୍ରଶାନ୍ତ କୁମାର ମହାପାତ୍ର, ଡ଼ ଶୋଭେସ ରଞ୍ଜନ ବେହେରା ଓ ଡ଼ ଶୁଭ ସୁଦ୍ଧା ପ୍ରିୟଦର୍ଶିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୦୦ରୁ ଉର୍ଦ୍ଧ୍ୱ ଔଷଧୀୟ ଚାରାରୋପଣ କରାଯାଇଥିବା ବେଳେ କଟକର ସମସ୍ତ ୱାଇଜମ୍ୟାନ କ୍ଲବ ସାମିଲ ହୋଇଥିଲେ। ଜ୍ୟୋତିରଞ୍ଜନ ସିଂ, ପିୟୁଷ ମହାନ୍ତି, ନଳିନୀ ମହାପାତ୍ର, ଜୁଲିନା ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯିବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଆକାଶଛୁଆଁ ପରିବା ଦର; ଖାଉଟି ହନ୍ତସନ୍ତ

କଟକ,୨।୭(ସମିସ):

**କମୁଛି ଛତ୍ରବଜାର ବ୍ୟବସାୟ**



ପନିପରିବା ଦର ଆକାଶଛୁଆଁ ପାଇଁ ଏବେ ସାଧାରଣ ଖାଉଟି ହନ୍ତସନ୍ତ ହେଲେଣି। ଗତ ଏକ ମାସ ମଧ୍ୟରେ ସମସ୍ତ ପନିପରିବାର ଦର ଦୁଇ ଗୁଣା ହୋଇଯାଇଛି। ଦର ବଢିବା ପାଇଁ ଖାଉଟିଙ୍କ ଚାହିଦା କମିଛି। ଏଣୁ ଅନୁରୂପ ଭାବେ କଟକର ପ୍ରମୁଖ ପରିବା ମଣ୍ଡି ଛତ୍ରବଜାରରେ ବେପାର ବି ୫୦ ପ୍ରତିଶତ କମିଯାଇଛି। ଛତ୍ରବଜାର ଉପରେ ବି ପଡିଛି ଦର ବୃଦ୍ଧିର ପ୍ରଭାବ। ଦର ଅହେତୁକ ବଢିଯିବାରୁ ଛତ୍ରବଜାରକୁ ଖାଉଟିଙ୍କ ଆଗମନ ଗତ ୧୫ଦିନ ହେବ ଅଧା କମିଯାଇଛି। ଏବେ ବେଶ କିଛି ଦିନ ଧରି ପରିବା ବଜାରରେ ନିଆଁ ଲାଗିଛି। କିଛି ମାସ ପୂର୍ବରୁ ପ୍ରଚୁର ପରିମାଣରେ ପନିପରିବା ଉତ୍ପାଦନ ହେଉଥିବା ବେଳେ ଚାଷୀ ମାନେ କିନ୍ତୁ ସେମାନଙ୍କ ଉତ୍ପାଦିତ ପନିପରିବାର ଉଚିତ ମୂଲ୍ୟ ପାଉନଥିବା ଅଭିଯୋଗ ହେଉଥିଲା। ଏପରିକି ବାଙ୍ଗାଲୋରରୁ ଟମାଟୋ ଆସି ଏଠାରେ କିଲୋ ପ୍ରତି ୨୦ଟଙ୍କାରେ ବିକ୍ରି ହେଉଥିଲା। ହେଲେ ଗତ ୧୫ଦିନ ହେବ ଟମାଟୋ ଦର ୪୦ଟଙ୍କାରେ ପହଞ୍ଚିଛି। ଛତ୍ରବଜାର ବ୍ୟବସାୟୀ ସଂଘର ସଂପାଦକ ଦେବେନ୍ଦ୍ର ନାଥ ସାହୁଙ୍କ କହିବାନୁସାରେ ପନିପରିବା ଦର ବୃଦ୍ଧିର ପ୍ରଭାବ ବଜାର ଉପରେ ପଡିଛି। ଶ୍ରୀ ସାହୁଙ୍କ କହିବା କଥା କି ମେ ରେ ଯେଉଁ ବର୍ଷା ହେବା କଥା ତାହା ନହେବାରୁ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଅମଳ କମି କମିଯାଇଥିଲା। ସେହିପରି ଗୁଜୁରାଟ ଓ ଆସାମରେ ଲଗାଣ ବର୍ଷା ପାଇଁ ସେହି ରାଜ୍ୟ ଗୁଡିକ କର୍ଣ୍ଣାଟକ, ଆନ୍ଧ୍ର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଓ ଛତିଶଗଡ ଆଦି ଅନ୍ୟ ପରିବା ଉତ୍ପାଦନକାରୀ ରାଜ୍ୟ ଉପରେ ନିର୍ଭରଶୀଳ ହୋଇପଡିଥିଲେ। ଏଣୁ ଏହା ଦର ବୃଦ୍ଧିର ଏକ କାରଣ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି। କଟକ ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା ହୋଇଥିଲା ବେଳେ ଏହାର ତ୍ରିକୋଣ ଭୂମି ଅଞ୍ଚଳରେ ଅବସ୍ଥିତି ଏଠାରେ ପନିପରିବା ଚାଷ ପାଇଁ ବେଶ ସହାୟକ ହୋଇଥାଏ। ଗତ କିଛି ଦିନ ହେବ ଲଗାଣ ବର୍ଷା ପାଇଁ ପରିବା ଉତ୍ପାଦନ ପ୍ରଭାବିତ ହୋଇଛି। ଭେଣ୍ଡି କିଲୋ ପ୍ରତି ୫୦ଟଙ୍କା ଥିବା ବେଳେ କଲରା କିଲୋ ୮୦ଟଙ୍କାରେ ବିକ୍ରି ହେଉଛି। ପୋଟଳ କିଲୋ ୫୦ଟଙ୍କା, ଝୁଡଙ୍ଗ କିଲୋ ୮୦ଟଙ୍କା, ବିନ୍ କିଲୋ ୧୭୦, ସାରୁ ୭୦ଟଙ୍କା ଓ କଞ୍ଚା ଲଙ୍କା ୨୦୦ ଟଙ୍କା ରହିଛି। ଗ୍ରାହକଙ୍କ କହିବାନୁଯାୟୀ ଛତ୍ରବଜାରକୁ ୫୦୦ଟଙ୍କା ନେଲେ ପରିବା ବ୍ୟାଗ ଏବେ ଭର୍ତ୍ତି ହେଉ ନାହିଁ। କେବଳ ଆଳୁ ଓ ପିଆଜ ଦର ନିୟନ୍ତ୍ରଣରେ ରହିଥିବା ବେଳେ ଆଉ ସମସ୍ତ ପରିବା ଆକାଶଛୁଆଁ ହୋଇଛି। ଦର କମିବା ପାଇଁ ଆଉ ୨୦-୨୫ଦିନ ଲାଗିବ ବୋଲି କୁହନ୍ତି ବ୍ୟବସାୟୀ କିନ୍ତୁ ଅଧିକ ବର୍ଷା ହେଲେ ପୁଣି ଫସଲ କ୍ଷତିଗ୍ରସ୍ତ ହେବ ବୋଲି ସେ କହିଛନ୍ତି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ବିନୋଦିନୀ ଦତ୍ତ
କୋଷ୍ଠା, ଶୂଳିଆପଦା, ମୟୂରଭଞ୍ଜ
ଆବିର୍ଭାବ : ୦୨/୦୨/୧୯୪୨
ତିରୋଧାନ : ୨୩/୦୬/୨୦୨୫
ତୁମର ଅବର୍ତ୍ତମାନ ରେ ଚାହିଁ ଚାହିଁ ୧୧ଦିନ ବିତିଗଲା। ତୁମର ସ୍ନେହ ମମତା, ମିଠା କଥା ଓ ଭଗବତ୍ ଚେତନା କାଳ କାଳକୁ ଆମର ପାଥେୟ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ କୋଟି କୋଟି ପ୍ରଣାମ।
ଶୋକସନ୍ତପ୍ତ:
ସ୍ୱାମୀ, ପୁଅ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାର ବର୍ଗ

### ଅନ୍ତ୍ୟୋଦୟ ଗୃହ ହିତାଧିକାରୀ ଚିହ୍ନଟରେ ପକ୍ଷପାତିତା ଅଭିଯୋଗ

# ବ୍ଲକ୍ ସମ୍ମୁଖରେ ମହିଳାଙ୍କ ଧାରଣା

କଟକ,୨।୭ (ସମିସ):



ମାହାଙ୍ଗା ବ୍ଲକରେ ଅନ୍ତ୍ୟୋଦୟ ଗୃହ ହିତାଧିକାରୀ ଚିହ୍ନଟରେ ରାଜନୈତିକ ପକ୍ଷପାତିତା ଓ ଚଞ୍ଚକତା କରାଯାଉଥିବା ପ୍ରତିବାଦରେ ଆଜି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବହୁ ଲୋକ ଧାରଣା ଦେବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ମାହାଙ୍ଗା ବ୍ଲକ କାର୍ଯ୍ୟାଳୟରେ ଦିବ୍ୟାଙ୍ଗ, କର୍କଟ ରୋଗୀ, ବିଧବା ଓ ଅଗ୍ନିବିପନ୍ନ ମହିଳା ହିତାଧିକାରୀ ଅଭିଯୋଗ କରିବା ସହ ଧାରଣାରେ ବସି ରହିବା ଘଟଣା ଅନ୍ତ୍ୟୋଦୟ ଗୃହ ବଣ୍ଟନ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମାହାଙ୍ଗା ବ୍ଲକ ଭଉଁରିଆ ପଞ୍ଚାୟତର ଶାସକ ଦଳର କିଛି ଦଲାଲ ଅର୍ଥ ଆଦାୟ କରି ଦଳୀୟ ଭିତ୍ତିରେ ହିତାଧିକାରୀ ଚୟନ କରିଥିବା ଧାରଣାରତ ମହିଳାମାନେ ଅଭିଯୋଗ କରିଛନ୍ତି। ଭଉଁରିଆ ପଞ୍ଚାୟତରେ ମୋଟ ୧୦ ଜଣ ହିତାଧିକାରୀଙ୍କୁ ଗୃହ ବଣ୍ଟନ ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ଚିଠା ପ୍ରସ୍ତୁତ କରାଯାଇଥିବାବେଳେ କେବଳ ରାମକାପୁର ରାଜସ୍ୱ ଗ୍ରାମରେ ୭ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯିବା ଘଟଣା ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି। ଭଉଁରିଆ, ନହଙ୍ଗ, ପନ୍ଦରବାଟିଆ ଓ ତଳ ନହଙ୍ଗ ଆଦି ଗ୍ରାମ ମଧ୍ୟରୁ ତିନି ଜଣ ହିତାଧିକାରୀ ଚୟନ ହୋଇଥିବାରୁ ଗୃହ ପ୍ରଦାନ ନିମନ୍ତେ ହୋଇଥିବା ଚିଠାରେ ବ୍ୟାପକ ଚଞ୍ଚକତା କରାଯାଇଛି। ମାହାଙ୍ଗା ବିଧାୟକଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା ଜଣେ ସ୍ଥାନୀୟ ରାଜନୈତିକ ବ୍ୟକ୍ତିବିଶେଷ ଏହି ହେରଫେରରେ ସଂପୃକ୍ତ ଥିବା ଧାରଣାରତ ମହିଳାମାନେ ଅଭିଯୋଗ କରିଛନ୍ତି।


ସୂଚନା ଅନୁଯାୟୀ, ପନ୍ଦରବାଟିଆ ଗ୍ରାମର ଅତ୍ୟନ୍ତ ଗରିବ କର୍କଟ ରୋଗୀ ବିଜୟ ଦାସଙ୍କ ପତ୍ନୀ କମଳା ଦାସ, ଭଉଁରିଆ ଗ୍ରାମର ଭାସ୍କର ଦାସଙ୍କ ପତ୍ନୀ ସୀମା ଦାସ, ବାବାଜି ରାଉତଙ୍କ ପତ୍ନୀ କଲ୍ୟାଣୀ ରାଉତ, ସଞ୍ଜୟ ପ୍ରଧାନଙ୍କ ପତ୍ନୀ ଭୋଦେଇ ପ୍ରଧାନ, ତଳ ନହଙ୍ଗ ଗ୍ରାମର ପୁନାନନ୍ଦ ସାହୁଙ୍କ ପତ୍ନୀ କାଞ୍ଚନବାଳା ସାହୁ, ଅଜୟ ମଲିକଙ୍କ ପତ୍ନୀ ସବିତା ମଲିକ ଅନ୍ତେଦୋୟ ଗୃହ ପାଇବା ନିମନ୍ତେ ସମସ୍ତ ମାନଦଣ୍ଡ ପୂରଣ କରୁଥିବାବେଳେ ସେମାନଙ୍କୁ ଏହି ଦ୍ୱିତୀୟ ପର୍ଯ୍ୟାୟ ତାଲିକାରୁ ବାଦ୍ ଦିଆଯାଇ ସ୍ୱଚ୍ଛଳ ବର୍ଗର ଲୋକଙ୍କୁ ତାଲିକାରେ ଅର୍ନ୍ତଭୁକ୍ତ କରିଥିବା ଅଭିଯୋଗ ହୋଇଛି। ଏହାର ଏକ ବିଧିବଦ୍ଧ ତଦନ୍ତ କରି ପ୍ରସ୍ତୁତ ହୋଇଥିବା ତାଲିକା ରଦ୍ଦ କରିବାକୁ ମାହାଙ୍ଗା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ମାହାଙ୍ଗା ଅତିରିକ୍ତ ବିଡିଓ ଜନ୍ମେଜୟ ରାଉତଙ୍କୁ ଯୋଗାଯୋଗ କରିବାରୁ ଦ୍ୱିତୀୟ ପର୍ଯ୍ୟାୟ ଗୃହ ବଣ୍ଟନ ପରେ ସେମାନଙ୍କୁ ତୃତୀୟ ପର୍ଯ୍ୟାୟରେ ଅନ୍ତୋଦୟ ଗୃହ ପ୍ରଦାନ କରାଯିବ ବୋଲି ତାଲିକା ପ୍ରସ୍ତୁତ ହୋଇଥିବା କହିଥିଲେ। ତେବେ ଭଉଁରିଆ ପଞ୍ଚାୟତଠାରୁ ଆରମ୍ଭ କରି ମାହାଙ୍ଗା ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରିୟାପ୍ରୀତି ତୋଷଣ ନୀତିରେ ହାତ ଗୁଞ୍ଜା ନେଇ ବହୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ଦଳୀୟ ଭିତ୍ତିରେ ଅନ୍ତ୍ୟୋଦୟ ଗୃହ ପ୍ରଦାନ ତାଲିକା ପ୍ରସ୍ତୁତ କରାଯାଇଥିବାରୁ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବାକୁ କଟକ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି। ଅପରପକ୍ଷରେ ଧାରଣାରତ ମହିଳାମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ଗୃହ ପ୍ରଦାନ କରା ନ ଗଲେ ସେମାନେ ଆଗାମୀ ଦିନରେ ବ୍ଲକରେ ପୁନର୍ବାର ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ସ୍ୱର୍ଣ୍ଣ ଜରାଶ୍ରମର ଅନ୍ତେବାସୀଙ୍କୁ ବସ୍ତ୍ର ପ୍ରଦାନ କାର୍ଯ୍ୟକ୍ରମ



ନରସିଂହପୁର,୨।୭ (ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କାନପୁର ଅଞ୍ଚଳର ବରିଷ୍ଠ ନାଗରିକ ମଞ୍ଚ ତରଫରୁ ନରସିଂହପୁର ସ୍ଥିତ ସ୍ୱର୍ଣ୍ଣ ଚାରିଟେବୁଲ ଟ୍ରଷ୍ଟର ଜରାଶ୍ରମରେ ପହଁଞ୍ଚି ଅନ୍ତେବାସୀଙ୍କୁ ବସ୍ତ୍ର, ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ଏଥିରେ ମଞ୍ଚର ସଭାପତି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଅନ୍ୟତମ ଉପଦେଷ୍ଟା ତ୍ରିଲୋଚନ ସାହୁ, ଉପସଭାପତି ସନାତନ ଜେନା, ସମ୍ପାଦକ ରବିଶଙ୍କର ରଣା, ସହସମ୍ପାଦକ କିଶୋର ସାହୁ, କୋଷାଧ୍ୟକ୍ଷ କାଶୀନାଥ ଗାଣ ଓ କୁଳମଣି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜରାଶ୍ରମର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସମାଜସେବୀ ପ୍ରଭାକର ମିଶ୍ର, ସମ୍ପାଦକ ସେବାନିବୃତ ଅଧ୍ୟକ୍ଷ କୁଳମଣି ବାରିକ, କୋଷାଧ୍ୟକ୍ଷ ସେବାନିବୃତ ଅଧ୍ୟକ୍ଷ ଉମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତିରେ ବସ୍ତ୍ର ଓ ମିଷ୍ଟାନ ବଣ୍ଟନ କରାଯାଇଥିଲା। ପ୍ରଫେସର ଶ୍ରୀ ବାରିକ, ବରିଷ୍ଠ ନାଗରିକ ମଞ୍ଚର ସମସ୍ତ କର୍ମକର୍ତ୍ତାଙ୍କୁ ସାମ୍ପ୍ରତିକ ଅବକ୍ଷୟମାନ ସମାଜରେ ବରିଷ୍ଠ ନାଗରିକଙ୍କ ଅବସ୍ଥା ଏବଂ ଜରାଶ୍ରମର ଆବଶ୍ୟକତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଶ୍ରୀ ମିଶ୍ର ସ୍ୱର୍ଣ୍ଣ ଜରାଶ୍ରମର ସୃଷ୍ଟି ଓ ପରିଚାଳନା ଉପରେ ପ୍ରାଞ୍ଜଳ ଭାବରେ ବୁଝାଇବା ସହ କାନପୁର ବରିଷ୍ଠ ନାଗରିକ ମଞ୍ଚର ଏତାଦୃଶ ସେବାକାର୍ଯ୍ୟ ପାଇଁ ସାଧୁବାଦ ଜଣାଇଥିଲେ। ଶେଷରେ ପ୍ରଫେସର ଶ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ନାଟ୍ୟଗୁରୁ ଶେଷଦେବ ଜେନାଙ୍କ ସ୍ମୃତିସଭା



ଟାଙ୍ଗୀ,୨।୭ (ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡା ପଞ୍ଚାୟତ କଣୀ ଗ୍ରାମସ୍ଥ ଜୟ ଜାଡୁଆ ଡ୍ରାମାଟିକ କ୍ଲବ ପକ୍ଷରୁ ନାଟ୍ୟଗୁରୁ ଶେଷଦେବ ଜେନାଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଡ୍ରାମା କ୍ଲବର ସଭାପତି ଧୁଳେନ୍ଦ୍ର ଦଳେଇଙ୍କ ନେତୃତ୍ୱରେ ଜୟ ଜାଡୁଆ ଡ୍ରାମାଟିକ କ୍ଲବର ବିରଷ୍ଠ କଳାକାର ଯୁବ କଳାକାର, ସମସ୍ତ କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ନାଟ୍ୟ ଗୁରୁ ସ୍ୱର୍ଗତ ଶେଷଦେବ ଜେନାଙ୍କ ବାସଭବନ ଧର୍ମଶାଳା ବ୍ଲକ ମୁରାରାରିପୁର ଗ୍ରାମରେ ପହଞ୍ଚି ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ତାଙ୍କର ଅବଦାନ ଜୟ ଜାଡୁଆ ଡ୍ରାମାଟିକ କ୍ଲବ ପାଇଁ ସବୁଦିନ ସ୍ମରଣୀୟ ହୋଇ ରହିବ ବୋଲି କଳାକାର ସଦସ୍ୟମାନେ ଅଭିଭାଷଣ ରଖିଥିଲେ। ଉପସଭାପତି ଜଗନ୍ନାଥ କର, ସମ୍ପାଦକ ବିଷ୍ଣୁ ଚରଣ ଦଳେଇ, ମ୍ୟାନେଜର ଉଦ୍ଧବ ଚରଣ ଦାସ, ବରିଷ୍ଠ କଳାକାର ଅଭିରାମ କର, ନିତ୍ୟ ରଞ୍ଜନ ବେହେରା, ପଞ୍ଚାନନ ଶତପଥୀ, ପ୍ରଦୀପ ନାୟକ, ଜ୍ୟୋତି ରଞ୍ଜନ ସ୍ୱାଇଁ, ଅକ୍ଷୟ ମହାରଣା, ଚକ୍ରଧର ଦାସ, ମାଷ୍ଟର ଅନାମ, ଅଶ୍ୱିନୀ ଦାସ, ଯୁବ କଳାକାର କୈଳାସ ବେହେରା, ଜୀବେନ୍ଦ୍ରୁ ଲେଙ୍କା, ଅବକାଶ କର, ପ୍ରଦୀପ ଦାସ, ଜିତେନ୍ଦ୍ର ଲେଙ୍କା, ଚନ୍ଦନ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ତହସିଲ କାର୍ଯ୍ୟାଳୟରେ ପରିମଳ ବିପର୍ଯ୍ୟସ୍ତ

ନିଶ୍ଚିନ୍ତକୋଇଲି,୨।୭ (ସମିସ): ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି କାର୍ଯ୍ୟାଳୟରେ ପରିସ୍ରା ଓ ଝାଡ଼ା ପାଇଁ ୨ଟି ପାଇଖାନା ରହିଥିବା ବେଳେ ଏହାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ଦୁଇଟି ପାଇଖାନାକୁ ଭଲଭାବରେ ସଫାସୁତୁରା କରା ନ ଯିବାରୁ ଏଥିରୁ ବାହାରୁଥିବା ଦୁର୍ଗନ୍ଧରେ ନାକ ଫାଟିପଡୁଛି। ଗ୍ରାଉଣ୍ଡ ଫ୍ଲୋରରେ ଥିବା ପାଇଖାନାର ମୁଖ୍ୟ ଦ୍ୱାର କବାଟ ନ ଥିବା ବେଳେ ଏହା ଭିତରେ ବିଭିନ୍ନ ରଙ୍ଗ ଡ଼ବା ଓ ଅନାବନା ଜିନିଷପତ୍ର ରହିଥିବାର ଦେଖାଯାଇଛି। ପ୍ରଥମ ମହଲାର ପାଇଖାନାକୁ ସଫାସୁତୁରା କରା ନ ଯିବା ସହିତ ଏଥିରେ ଫିନାଇଲ ତଥା ବିଭିନ୍ନ ବିଶୋଧନ ଦ୍ରବ୍ୟ ବ୍ୟବହାର କରାଯାଉ ନ ଥିବାରୁ ଏଥିରୁ ଦୁର୍ଗନ୍ଧ ବାହାରୁଛି। ଏହି ଦୁର୍ଗନ୍ଧମୟ ପରିବେଶ ମଧ୍ୟରେ କାର୍ଯ୍ୟାଳୟର କର୍ମଚାରୀ ଓ ଅଧିକାରୀମାନେ ବସି କାର୍ଯ୍ୟ କରୁଥିବାବେଳେ ସେମାନଙ୍କର ମଧ୍ୟ କୌଣସି ପ୍ରତିକ୍ରିୟା ଦେଖାଯାଉ ନାହିଁ। ବିଭିନ୍ନ କାର୍ଯ୍ୟରେ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ଏହି ଦୁର୍ଗନ୍ଧମୟ ପରିବେଶ ମଧ୍ୟରେ ଅଣନିଶ୍ୱାସୀ ହୋଇପଡୁଛନ୍ତି। ଅଳ୍ପ ଦିନ ଏହି ତହସିଲ କାର୍ଯ୍ୟାଳୟର ଗୃହକୁ ରଙ୍ଗ କରାଯାଇ ଅବ୍ୟବହୃତ ଗୃହକୁ ସଜଡ଼ାଯିବା ଏବଂ ଭାଙ୍ଗି ଯାଇଥିବା ଝରକା କବାଟ ଓ ଚଟାଣ ଆଦିକୁ ମରାମତି କାର୍ଯ୍ୟ କରାଯାଇଥିଲା ବେଳେ ପାଇଖାନାଟି ଏଭଳି ଦହନୀୟ ଅବସ୍ଥାରେ ପଡ଼ିରହିଥିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଫଳରେ ଲୋକମାନେ ବାହାରେ ପରିସ୍ରା କରୁଥିବା ଓ ମହିଳାମାନେ ପରିସ୍ରା ପାଇଁ ହଇରାଣ ହରକତ ହେଉଥିବା ଦେଖାଯାଇଛି। ଏହାଛଡ଼ା କାର୍ଯ୍ୟାଳୟରେ ଲୋକମାନଙ୍କ ପାଇଁ ପାନୀୟଜଳର ବ୍ୟବସ୍ଥା ମଧ୍ୟ ସଠିକ୍ ଭାବେ ନ ଥିବା ଅଭିଯୋଗ ହେଉଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଏସ୍‌ଭି-ନିରତାରରେ ଜାତୀୟ କର୍ମଶାଳା



କଣ୍ଟାପଡ଼ା,୨।୭ (ସମିସ): ଭାରତ ସରକାରଙ୍କ ଅଧିନସ୍ଥ ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ ସଂସ୍ଥାନରେ ଶ୍ରବଣ ଏବଂ ବାକ୍ ଚିକିତ୍ସା ବିଭାଗ ଦ୍ୱାରା ଶିଶୁ ମାନଙ୍କର କକଲିୟାର ପ୍ରତ୍ୟାରୋପଣ ପରେ ଶ୍ରବଣ ଏବଂ ବାକ୍ ଚିକିତ୍ସାର ଆବଶ୍ୟକତା ସମ୍ବନ୍ଧୀୟ ଏକ ଜାତୀୟ ଦୁଇଦିନିଆ କର୍ମଶାଳା ଆଜି ଉଦଯାପିତ ହୋଇଯାଇଛି। ଉକ୍ତ କର୍ମଶାଳାଟିକୁ ଭୁବନେଶ୍ୱର ଏମସ୍‌ର କର୍ଣ୍ଣ, ନାସା ଏବଂ ଗଳା ବିଭାଗର ବିଭାଗୀୟ ମୁଖ୍ୟ ଡାକ୍ତର ପ୍ରଦୀପ୍ତ କୁମାର ପରିଡା, ଅନୁଷ୍ଠାନର ନିର୍ଦ୍ଦେଶକ ଡା.ପତିତପାବନ ମହାନ୍ତି, ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋରଚନ୍ଦ୍ର ମହାପାତ୍ର ଏବଂ ଶ୍ରବଣ, ବାକ ଚିକିତ୍ସା ବିଭାଗୀୟ ମୁଖ୍ୟ ଡା. ଜୟଶଙ୍କର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହିତ ଅଧ୍ୟାପକ ଡାକ୍ତର ଇନ୍ଦ୍ରନିଲ ଚାଟାର୍ଜୀ, ସେନଜିତ୍ ଗିରି, ଶୁଭଶ୍ରୀ ମିଶ୍ର, ଶଶାଙ୍କ ଶେଖର ମହାନ୍ତି ଏବଂ ରାଜେଶ ତ୍ରିପାଠୀ ଆଦି କକଲିୟାର ପ୍ରତ୍ୟାରୋପଣ ପରେ ଶ୍ରବଣ ଏବଂ ବାକ୍ ଚିକିତ୍ସାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଉକ୍ତ କର୍ମଶାଳାଟିରେ ଦେଶର ବିଭିନ୍ନ ପ୍ରାନ୍ତରୁ ୧୫୦ ଜଣ ଚିକିତ୍ସକ, କକଲିୟାର ପ୍ରତ୍ୟାରୋପଣ ହୋଇଥିବା ଦିବ୍ୟାଙ୍ଗ ଶିଶୁ ଏବଂ ସେମାନଙ୍କ ପରିବାରବର୍ଗ ଯୋଗ ଦେଇଥିଲେ।

## ବିଦ୍ୟୁତ ବିଭାଗ ବରିଷ୍ଠ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା



ସାଲେପୁର,୨।୭ (ସମିସ): ସାଲେପୁର ଇଲେକ୍ଟ୍ରି ଡିଭିଜନ୍‌ର ବରିଷ୍ଠ କର୍ମଚାରୀ ତଥା ପୂର୍ବତନ ସାମରିକ ଅଧିକାରୀ ଡ. ଚିତ୍ତରଂଜନ ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସାଲେପୁର ବିଦ୍ୟୁତ୍ ଡିଭିଜନ୍ ସ୍ଥିତ ସଭାକକ୍ଷରେ ଏଜିଏମ୍ ନରେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସାଲେପୁର ସବ୍‌ଡିଭିଜନ୍‌ର ଏସ୍‌ଡିଓ ରବିନ୍ଦ୍ର କୁମାର ଦୀକ୍ଷିତ ଯୋଗଦେଇ ଶ୍ରୀ ପଣ୍ଡାଙ୍କ ବହୁମୁଖୀ ପ୍ରତିଭା ବିଷୟରେ ଆଲୋଚନା କରିଥିଲେ। ଏଥିରେ ଡିଭିଜନ୍‌ର ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ରହି ଶ୍ରୀ ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଉକ୍ତ ସଭାରେ ସିଏସ୍‌ଏମ୍ ଶୁଭେନ୍ଦୁ କୁମାର ପଟ୍ଟନାୟକ, ସିଆରଇ ଅଜୟ କୁମାର ସୂତାର ଉପସ୍ଥିତ ଥିବାବେଳେ ବରିଷ୍ଠ କର୍ମଚାରୀ ରାଜେନ୍ଦ୍ର ନାରାୟଣ ଶତପଥି, ଜ୍ଞାନରଞ୍ଜନ ଶରଣ, ରଶ୍ମିରଞ୍ଜନ ମହାନ୍ତି ପ୍ରମୁଖ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିବାବେଳେ ପ୍ରଶାନ୍ତ ସାମଲ ଧନ୍ୟବାଦ ଦେଇଥିଲେ।

## ନିଶା ନିବାରଣ ସଚେତନତା

ଅଡ଼ଶପୁର,୨।୭ (ସମିସ): ଓଡିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଉଦୟନାଥ ବିଜ୍ଞାନ ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଲେଫ୍ଟନାଣ୍ଟ ଚିରଶ୍ରୀ ଇନ୍ଦ୍ରସିଂଙ୍କ ତତ୍ତ୍ୱବଧାନରେ ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଫେସର ଡ଼ ପ୍ରିୟବ୍ରତ ମହାନ୍ତିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ତଥା ଗଣିତ ବିଭାଗର ଅଧ୍ୟାପକ ମହେନ୍ଦ୍ର କୁମାର ମହାପାତ୍ର, ଅଧ୍ୟାପକ ନୀଳମଣି ସାହୁ, ସଂସ୍କୃତ ଅଧ୍ୟାପକ ସତ୍ୟଜିତ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ପ୍ରଫେସର ମହାନ୍ତି ନିଶା ଠାରୁ ଦୁରେଇ ରହିବା ପାଇଁ ଏବଂ ନିଶାମୁକ୍ତ ସମାଜ ଗଠନ କରିବାରେ ଛାତ୍ରଛାତ୍ରୀଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ସତ୍ୟଜିତ ନନ୍ଦ ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପେନ୍‌ସନ କାଗଜ ପ୍ରଦାନ



ନରସିଂହପୁର,୨।୭ (ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ଏକାଧିକ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷକଶିକ୍ଷୟିତ୍ରୀ ସେବାନିବୃତ୍ତ ହୋଇଛନ୍ତି। ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପେନସନ ଓ ଅନ୍ୟ ଅର୍ଥ ପ୍ରାପ୍ତି କାର୍ଯ୍ୟାଦେଶ ପାଞ୍ଚ ଜଣଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ପେନସନ କାର୍ଯ୍ୟାଦେଶ ମଣ୍ଡଳ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ରାଉତରାୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନିରଞ୍ଜନ ପ୍ରଧାନ, ବିଜୟ ଭୂୟାଁ, ଲକ୍ଷ୍ମୀଧର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟାଦେଶ ବଣ୍ଟନରେ ପ୍ରଧାନଶିକ୍ଷୟିତ୍ରୀ ସୁସ୍ମିତା ସେନ, ରାଧାମାଣୀ ସରକାରୀ ବିଦ୍ୟାଳୟ ବଡଭୂଇଁ, ସହକାରୀ ଶିକ୍ଷୟିତ୍ରୀ ଗୋଲାପ ସାହୁ, ସରକାରୀ ବିଦ୍ୟାଳୟ ତ୍ରିଲୋଚନପୁର, ପ୍ରଧାନଶିକ୍ଷକ ସନାତନ ବାରିକ, ସରକାରୀ ପ୍ରାଥମିକ ବିଦ୍ୟାଳୟ, କଳାମାଟିଆ, ସୁରେଶ ଚନ୍ଦ୍ର ମଲ୍ଲିକ, ଶଶି ଦେବରାଜ ଉପ୍ରା ବିଦ୍ୟାଳୟ, କାଠଖୁଣ୍ଟ, ସହକାରୀ ଶିକ୍ଷକ ଶୁଭେନ୍ଦ୍ର ପ୍ରଧାନ, ସରକାରୀ ଉପ୍ରା ବିଦ୍ୟାଳୟ କୋକଳବାଙ୍କୁ ଆଜି ଉକ୍ତ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି।

## ଉପ ଡାକଘରେ ସଂଯୋଗ ହେଲା ବ୍ୟାଟେରୀ

କନ୍ଦରପୁର,୨।୭ (ସମିସ): ବୟାଳିଶମୌଜା ବେଣ୍ଟକାର ଉପ ଡାକଘରେ ୟୁପିଏସ ବ୍ୟାଟେରୀ ସଂଯୋଗ ହୋଇଛି। ୪୨ମୌଜା ଅଧିବାସୀଙ୍କ ପକ୍ଷରୁ ଏହା ଦୀର୍ଘଦିନର ଦାବି ଥିଲା। ଏଣିକି ବିଦ୍ୟୁତ୍ ଲାଇଟ କଟିଲେ ବିକଳ୍ପ ଭାବେ ୟୁପିଏସ ବ୍ୟାଟେରୀ ଧାର୍ଯ୍ୟ ସମୟ ପର୍ଯ୍ୟନ୍ତ ବିଜୁଳି ଶକ୍ତି ଯୋଗାଇବ। ଏଥିପାଇଁ ଡାକ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ୪୨ମୌଜା ଯାଦବ ମହାସଭା ସଭାପତି ସାମ୍ବାଦିକ ବୁଲେଇବେହେରା, ବିକାଶ ପରିଷଦ ସଭାପତି ଆଡଭୋକେଟ କେଶବଚନ୍ଦ୍ର କର, ଶାନ୍ତିକମିଟି ସଭାପତି ଶରତଚନ୍ଦ୍ର ରାୟ, ପ୍ରକୃତି ବନ୍ଧୁ ନବକିଶୋର ପଣ୍ଡା, ଅଧ୍ୟାପକ ଗଣେଶ୍ୱର ଦାଶ, କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ, ପ୍ରଭାତ ଖଟୁଆ, ସଂଗ୍ରାହକ ନାରାୟଣଚନ୍ଦ୍ର ମହାନ୍ତି, ରୁଦ୍ରନାରାୟଣ ଦାସ, ରବୀନ୍ଦ୍ର ଦେବତା, କୃଷ୍ଣଚନ୍ଦ୍ର ଦାଶ, ସୁଜିତ ଦେବତା, ଦୁଷ୍ମନ୍ତ ନନ୍ଦ, ପର୍ଶୁରାମ ବେହେରା, ଦୁର୍ଗା ଚରଣ ପ୍ରଧାନ, ପ୍ରମୋଦ ରାଉତ, ପ୍ରମୋଦ ମହାପାତ୍ର, ଅଶୋକ ତ୍ରିପାଠୀ, ଶିବପ୍ରସାଦ ସାହୁ, ଚିତ୍ରସେନ ଦାସ, ପ୍ରସନ୍ନ ବେହେରା, ଶୁକଦେବ ମହାରଣା, ଜ୍ୟୋତିରଞ୍ଜନ ଭୋଳ, ସୁବାସଚନ୍ଦ୍ର ସାହୁ, ନାରାୟଣ ଭୋଇ, ନିକୁଞ୍ଜ ସ୍ୱାଇଁ ଓ ଭଜକୃଷ୍ଣ ଲେଙ୍କା ପ୍ରମୁଖ ଧନ୍ୟବାଦ ଜଣାଇଛନ୍ତି।

## ବଡ଼ଭାଇ ମାଡ଼ରେ ସାନ ଗୁରୁତର

ଚୌଦ୍ୱାର,୨।୭ (ସମିସ): ଚୌଦ୍ୱାର ପୌରପାଳିକା ଗୁପ୍ତେଶ୍ୱର ସାହିରେ ଏକ ପରିବାରରେ ଜମିବାଡ଼ି ଭାଗବଣ୍ଟାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ବଡ଼ଭାଇ ଆକ୍ରମଣରେ ସାନଭାଇ ଗୁରୁତର ହୋଇଥିବା ଜଣାପଡ଼ିଛି। ସାନଭାଇର ଅଭିଯୋଗକ୍ରମେ, ପୁଲିସ ବଡ଼ଭାଇ ଗୁପ୍ତେଶ୍ୱର ସାହିର ଲିଙ୍ଗରାଜ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ ଜମିବାଡ଼ି ଭାଗବଣ୍ଟାକୁ ନେଇ ଲିଙ୍ଗରାଜ ଓ ତାଙ୍କ ସାନଭାଇ ଜଗବନ୍ଧୁଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ଉତ୍ୟକ୍ତ ଲିଙ୍ଗରାଜ ଏକ କାଠ ଫାଳିଆରେ ଜଗବନ୍ଧୁଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ଜଗବନ୍ଧୁଙ୍କ ମୁଣ୍ଡପାଟି ସେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

### ତେଲଙ୍ଗାନା କେମିକାଲ ବିସ୍ଫୋରଣ ଘଟଣା

## ଜନ୍ମମାଟିରେ ଲଗ୍ନଜିତଙ୍କ ଶେଷକୃତ୍ୟ ସମ୍ପନ୍ନ

ତିଗିରିଆ,୨।୭ (ସମିସ):





ତେଲଙ୍ଗାନା କେମିକାଲ ଫ୍ୟାକ୍ଟ୍ରିରେ ବିସ୍ଫୋରଣରେ ମୃତ ତିଗିରିଆ ବ୍ଲକ ଅନ୍ତର୍ଗତ ପୁରୁଣା ତିଗିରିଆ ପଞ୍ଚାୟତ ଅଧୀନ ପାଇକିଆଁରା ଗ୍ରାମର ଲଗ୍ନଜିତ ଦୁଆରୀଙ୍କ ଶବ ବୁଧବାର ଅପରାହ୍ନରେ ନିଜ ଜନ୍ମମାଟିରେ ପହଞ୍ଚିଛି। ଅତ୍ୟନ୍ତ ଶୋକାକୁଳ ପରିସ୍ଥିତିରେ ପିତା, ମାତା, ବନ୍ଧୁ, ସାଙ୍ଗସାଥୀଙ୍କ ଅନ୍ତିମ ଦର୍ଶନ ପରେ ଲଗ୍ନଜିତଙ୍କ ମରଶରୀରକୁ ଗ୍ରାମ ଶ୍ମଶାନରେ ଦାହ କରାଯାଇଛି। ତିଗିରିଆ ଥାନା ଅନ୍ତର୍ଗତ ପୁରୁଣା ତିଗିରିଆ ପଞ୍ଚାୟତସ୍ଥିତ ପାଇକିଆଁରା ଗ୍ରାମର ଗୋଡିସାହିର ବାସିନ୍ଦା ମାନସ ଦୁଆରୀ ଓ ଭାରତୀ ଦୁଆରୀଙ୍କ ଏକମାତ୍ର ପୁତ୍ର ଲଗ୍ନଜିତ ଦୁଆରୀ ହାଇଦ୍ରାବାଦର ଏକ ଫାର୍ମାସିଟ୍ୟୁକାଲ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ଉକ୍ତ କମ୍ପାନୀରେ କେମିକାଲ ରିଆକ୍ସନ ଘଟିବା ଫଳରେ ନିଆଁ ଲାଗି ଗତ ୩୦ ତାରିଖ ଅପରାହ୍ନରେ ମୃତ୍ୟୁ ହୋଇଯାଇଥିଲା। ଘରର ଏକମାତ୍ର ରୋଜଗାରିଆ ହୋଇଥିବା ବେଳେ ଏବେ ନିଜର ଏକମାତ୍ର ପୁତ୍ରକୁ ହରାଇବା ପରେ ଅଭାବୀ ମାନସଙ୍କ ପରିବାରଙ୍କ ସମେତ ସମଗ୍ର ପାଇକିଆଁରା ଲଗ୍ନଜିତଙ୍କ ଏଭଳି ଅସ୍ୱାଭାବିକ ମୃତ୍ୟୁରେ ଦୁଃଖରେ ଭାଙ୍ଗି ପଡିଛି। ଆଜି ଅପରାହ୍ନ ପ୍ରାୟ ୨ଟା ବେଳେ ହାଇଦ୍ରାବାଦରୁ ଆମ୍ବୁଲାନ୍ସ ଯୋଗେ ଲଗ୍ନଜିତଙ୍କ ମୃତଦେହ ଆସି ପାଇକିଆଁରା ଗ୍ରାମରେ ପହଞ୍ଚିଥିଲା। ଲଗ୍ନଜିତଙ୍କ ଶବ ପହଞ୍ଚିବା ପରେ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହ ଶତାଧିକ ଲୋକ ଲଗ୍ନଜିତଙ୍କ ଶେଷ ଦର୍ଶନ ପାଇଁ ରୁଣ୍ଡ ହୋଇଥିଲେ। ଆଠଗଡ ନିର୍ବାଚନମଣ୍ଡଳୀର ବିଜେପି ନେତା ଅଭୟ ବାରିକ, ପଞ୍ଚାୟତସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ଯୋଜନା ବୋର୍ଡ ସଭ୍ୟା ସସ୍ମିତା ରାଉତ ଓ ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ପୁରୁଣା ତିଗିରିଆ ପଞ୍ଚାୟତ ସରପଞ୍ଚ ପ୍ରତାପ ଜେନା, ସୋମପଡା ସରପଞ୍ଚ ପ୍ରଶାନ୍ତ ରାଉତ, ବାଲିପୁଟ ସରପଞ୍ଚ ରଞ୍ଜନ ସୁତାର, ପୁରୁଣା ତିଗିରିଆ ପଞ୍ଚାୟତ ଯୁବ ବିଜେପି ନେତା ପ୍ରଶାନ୍ତ ବେହେରା, ଗ୍ରାମ ସଭାପତି ପରେଶ ନାୟକ, ପାଞ୍ଚଗାଁ ସର୍କଲ ରାଜସ୍ୱ ନିରୀକ୍ଷକ କାହ୍ନୁଚରଣ ଦେହୁରୀଙ୍କ ସମେତ ଅନ୍ୟ ନେତୃବୃନ୍ଦ ପାଇକିଆଁରା ଗ୍ରାମରେ ପହଞ୍ଚି ଲଗ୍ନଜିତଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ।

# ସମ୍ପାଦକୀୟ



ଜଙ୍ଗଲ ଅସୀମ ଦୟାର ପ୍ରତୀକ, ଯିଏ ନିଜର ଜୀବନ ଉତ୍ସର୍ଗ କରି ସମସ୍ତ ପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରେ।
- ଗୌତମ ବୁଦ୍ଧ

ସକାଳ
THE SAKALA

## ରେଳକୁ ଗତି ଦେବ ରାଜସ୍ୱ

ରେଳବାଇ ପକ୍ଷରୁ ବର୍ଦ୍ଧିତ ଯାତ୍ରୀଭଡ଼ା ଲାଗୁ ହେବା ପୂର୍ବରୁ ଅସହଜ ଓ ଅସୁରକ୍ଷିତ ରେଳଯାତ୍ରା ପ୍ରତି ସର୍ବାଧିକ ଗୁରୁତ୍ୱ ଦେଇ ସୁଧାର ଓ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରିବାର ଥିଲା। କ୍ରମାଗତ ରେଳ ଦୁର୍ଘଟଣା ଅପବାଦରୁ ମଧ୍ୟ ରେଳବାଇ ମୁକ୍ତ ହୋଇନାହିଁ। ରେଳଯାତ୍ରୀଙ୍କ ଆସ୍ଥା ଓ ବିଶ୍ୱାସଭାଜନ ହେଲା ଭଳି ପଦକ୍ଷେପକୁ ପ୍ରାଥମିକତା ଦେବାର ଥିଲା। ଅବଶ୍ୟ ଏକଥା ସତ ଯେ ନିୟମିତ ମରାମତି ଓ ଆଧୁନିକୀକରଣର ବ୍ୟୟଭାରକୁ ଦୃଷ୍ଟିରେ ରଖି ରାଜସ୍ୱ ବୃଦ୍ଧିର ଆବଶ୍ୟକତା ରହିଛି। କୋଭିଡ ପରେ ଏହା ପ୍ରଥମ ଯାତ୍ରୀଭଡ଼ା ବୃଦ୍ଧି। ଆମକୁ ଏଠାରେ କହିବାକୁ ପଡୁଛି ଯେ ଶୀତତାପ ନିୟନ୍ତ୍ରିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ବର୍ଗରେ ଯାତାୟାତ ପାଇଁ ପୂର୍ବରୁ ଧାର୍ଯ୍ୟ ହୋଇଥିବା ଯାତ୍ରୀଭଡ଼ା ବିମାନ ଯାତ୍ରାର ଦେୟଠାରୁ ସାମାନ୍ୟ କମ୍ ହୋଇଥିବାରୁ ଆଜିକାଲି ବିମାନଯାତ୍ରାକୁ ପସନ୍ଦ କରୁଛନ୍ତି ଉଚ୍ଚବର୍ଗର ଯାତ୍ରୀ। ତେଣୁ ଯାତ୍ରୀଭଡ଼ା ବୃଦ୍ଧି ନିଷ୍ପତ୍ତି ନେବା ପୂର୍ବରୁ ସଂସଦୀୟ କମିଟି ଏନେଇ ପର୍ଯ୍ୟାପ୍ତ ବିଚାର ଆଲୋଚନା କରିବାର ଥିଲା।

ଯାତାୟାତର ବ୍ୟୟଭାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ ବର୍ଗଙ୍କ ରେଳଯାତ୍ରା ଉପରେ ନିର୍ଭରଶୀଳତା ବୃଦ୍ଧି ପାଇଛି। ସେ ଦୃଷ୍ଟିରୁ ବିଚାର କଲେ, ରେଳବାଇକୁ ଆମେ ଦେଶର ଜୀବନରେଖା ରୂପେ ଗ୍ରହଣ କରିଥାଉ। କିନ୍ତୁ ଏଥିସହ ସଂଶ୍ଲିଷ୍ଟ ମୌଳିକ ସେବା ବା ସୁବିଧା ସୁଯୋଗ ଯେ ଆଶାନୁରୂପ ହୋଇପାରି ନାହିଁ, ତାହା ଆମକୁ ସ୍ୱୀକାର କରିବାକୁ ପଡ଼ିବ। ବର୍ଦ୍ଧିତ ଯାତ୍ରୀ ଭଡ଼ାର ଅନ୍ୟତମ ଉଲ୍ଲେଖନୀୟ ଦିଗ ହେଲା, ସାଧାରଣ ଶ୍ରେଣୀରେ ୫ ଶହ କିଲୋମିଟର ଯାତ୍ରା କ୍ଷେତ୍ରରେ ଭଡ଼ା ବୃଦ୍ଧି କରାଯାଇନାହିଁ। ସେହିଭଳି ଉପନଗର ଏକକ ଯାତ୍ରୀଭଡ଼ା ଓ ସିଜିନ୍ ଟିକଟ୍‌ର ଦେୟ ଅପରିବର୍ତ୍ତିତ ରହିଛି। ଆସନ ସଂରକ୍ଷଣ ଫି, ସୁପରଫାଷ୍ଟ ସରଚାର୍ଜ ଓ ଅନ୍ୟାନ୍ୟ ଶୁଳ୍କ ବଢ଼ା ଯାଇନାହିଁ। ସାଧାରଣ ୨ୟ ଶ୍ରେଣୀ ବର୍ଗରେ ୫୦୧ ରୁ ୧୫୦୦ କିଲୋମିଟର ଯାତାୟତ କ୍ଷେତ୍ରରେ ଭଡ଼ା ୫ ଟଙ୍କା, ୧୫୦୧ରୁ ୨୫୦୦ କିଲୋମିଟର ପିଛା ୧୦ ଟଙ୍କା ଏବଂ ୨୫୦୧ରୁ ୩୦୦୦ କିଲୋମିଟର ପର୍ଯ୍ୟନ୍ତ ଯାତାୟାତରେ ଭଡ଼ା ୧୫ ଟଙ୍କା ବଢ଼ିଛି। ଏହାଛଡ଼ା ସ୍ଲିପର ଓ ପ୍ରଥମ ଶ୍ରେଣୀର ଯାତ୍ରୀଭଡ଼ା କିଲୋମିଟର ପିଛା ୦.୫ ଟଙ୍କା ବଢ଼ିଥିବାର ଜଣାପଡ଼ିଛି। ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନ୍‌ରେ ଅଣଶୀତତାପ ନିୟନ୍ତ୍ରିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଯାତାୟତ ସକାଶେ ଯାତ୍ରୀଭଡ଼ା କିଲୋମିଟର ପିଛା ୧ ପଇସା ବଢ଼ିଛି। ତେବେ ଶୀତତାପ ନିୟନ୍ତ୍ରିତ ବର୍ଗରେ ଯାତାୟତ ସକାଶେ ଭଡ଼ା କିଲୋମିଟର ପିଛା ୨ ପଇସା ବଢ଼ାଯାଇଛି। ଏହି ବର୍ଦ୍ଧିତ ଭଡ଼ା ସହ ଯାତ୍ରୀଙ୍କୁ ଜିଏସଟି ମଧ୍ୟ ଦେବାକୁ ପଡ଼ିବ। ରେଳ ଓ ବିମାନ ଯାତ୍ରାର ତୁଳନାତ୍ମକ ଭଡ଼ା ସଂପର୍କରେ ପର୍ଯ୍ୟାଲୋଚନା କଲାବେଳେ କେବଳ ଏତିକି କୁହାଯାଇପାରିବ ଯେ ବିମାନ ସେବା ଏବେ ମଧ୍ୟ ଦେଶର ସବୁ ଅଞ୍ଚଳକୁ ଉପଲବ୍ଧ ନୁହେଁ। ତେବେ ବର୍ଦ୍ଧିତ ଭଡ଼ାକୁ ବିଚାର କଲେ ଯେକୌଣସି ଯାତ୍ରୀ ସମୟ ଅପଚୟକୁ ଏଡ଼ାଇ ଯିବା ସକାଶେ ବିମାନ ଯାତ୍ରାକୁ ଅଧିକ ପସନ୍ଦ କରିବ। ରେଳ ମନ୍ତ୍ରଣାଳୟକୁ ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ଅଧିକ ପ୍ରତିଯୋଗୀକ୍ଷମ କରିବା ପାଇଁ ମୌଳିକ ସୁବିଧାସୁଯୋଗର ଉନ୍ନତି ପ୍ରତି ଅଧିକ ଧ୍ୟାନ ଦେବାକୁ ପଡ଼ିବ।

ଏତେ ଅବ୍ୟବସ୍ଥା ସତ୍ତ୍ୱେ ଯାତାୟତ ପାଇଁ ରେଳବାଇ ଉପରେ ନିର୍ଭରଶୀଳତା ବଢ଼ିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ରେଳଯାତ୍ରୀଙ୍କ ସଂଖ୍ୟା ୭୧୫ କୋଟି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ବିନା ସଂରକ୍ଷଣ ସୁବିଧାରେ ଯାତାୟତ କରୁଥିବା ଯାତ୍ରୀଙ୍କ ସଂଖ୍ୟା ୬୩୪ କୋଟି। ଆର୍ଥିକ ଦୃଷ୍ଟିରୁ ବିଚାର କଲେ ସମାଜର ନିମ୍ନବର୍ଗର ଲୋକେ ସାଧାରଣ ବର୍ଗରେ ଯାତାୟତ କରିବାକୁ ବାଧ୍ୟ ହୋଇଥା'ନ୍ତି। ଯେଉଁବର୍ଗରେ କି ଶୌଚାଳୟ ସୁବିଧା ଆଦୌ ବ୍ୟବହାର ଉପଯୋଗୀ ନୁହେଁ। ଏପରିକି ଟ୍ୟାପରେ ଜଳ ପ୍ରବାହର ଅନିୟମିତତା ସକାଶେ ଯାତ୍ରୀ ନାନା ଅସୁବିଧାର ସମ୍ମୁଖୀନ ହୋଇଥାଏ। ବଗିର କ୍ଷମତାଠାରୁ ଯଥେଷ୍ଟ ଅଧିକ ଯାତ୍ରୀ ଯାତାୟତ କରୁଥିବାରୁ ବିଶୃଙ୍ଖଳା ଓ ଆପରାଧିକ କାର୍ଯ୍ୟକଳାପ ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଆମ ବିପୁଳ ଜନସଂଖ୍ୟାର ଏକ ବୃହତ୍ ଅଂଶ ଏବେ ମଧ୍ୟ ରେଳଯାତ୍ରା ଉପରେ ନିର୍ଭରଶୀଳ। ତେଣୁ ପ୍ରତିବର୍ଷ ରେଳବଜେଟ ଉପସ୍ଥାପନ ବେଳେ ଦେଶର ବିଭିନ୍ନ ଅଞ୍ଚଳ ସହ ରେଳ ସଂଯୋଗକୁ ପ୍ରାଧାନ୍ୟ ଦିଆଯାଉଛି। ସେହି ଅନୁପାତରେ ବିଭିନ୍ନ ଟ୍ରେନର ରହଣି ଏବଂ ସ୍ଥଳବିଶେଷରେ ନୂଆ ରେଳ ଷ୍ଟେସନ ସକାଶେ ଦାବି ମଧ୍ୟ ହେଉଛି। କିନ୍ତୁ ଯାତ୍ରୀଙ୍କ ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ପ୍ରତି ଯେତିକି ଧ୍ୟାନ ଦିଆଯିବା କଥା ସେଦିଗରେ ଏପର୍ଯ୍ୟନ୍ତ ଆଖିଦୃଶିଆ କାମ ହୋଇପାରିନାହିଁ। ବହୁ ଅବ୍ୟବସ୍ଥା ଓ ଅନିୟମିତତାରେ ପରିଚାଳିତ ରେଳବାଇକୁ ସୁଧାରିବାରେ ଆବଶ୍ୟକତା ପ୍ରତି ଯେଉଁମାନେ ଦୃଷ୍ଟି ଦେବା କଥା ସେମାନଙ୍କ ଯାତାୟତର ମାଧ୍ୟମ ବିମାନ ହୋଇଥିବାରୁ ପ୍ରକୃତ ସ୍ଥିତି ସଂପର୍କରେ ସେମାନେ ଯେ କେତେଦୂର ଅବଗତ ସେ ନେଇ ସନ୍ଦେହ ରହିଛି। ଯେତେଦୂର ମନେହୁଏ ରେଳବାଇର ଉଚ୍ଚ ଓ ନିମ୍ନବର୍ଗର କର୍ମଚାରୀଙ୍କୁ ବାଦ ଦେଲେ ମଧ୍ୟମ ବର୍ଗର ତଦାରଖକାରୀଙ୍କ ଅଭାବ ନିଯୁକ୍ତି ସଙ୍କୋଚନର ଅନ୍ୟ ଏକ ଦିଗ, ଯାହାକି ପରିଲକ୍ଷିତ ଅସଜଡ଼ା ପରିସ୍ଥିତି ପାଇଁ ଅନେକାଂଶରେ ଦାୟୀ।

ବର୍ଦ୍ଧିତ ଯାତ୍ରୀଭଡ଼ା ଯେ ଅସହନୀୟ ସ୍ଥିତି ସୃଷ୍ଟି କରିଛି ଏକଥା ନୁହେଁ, ତେବେ ସର୍ବନିମ୍ନ ସୁବିଧା ସୁଯୋଗ ଅଭାବ ଯାତ୍ରୀଙ୍କ ମଧ୍ୟରେ ସୃଷ୍ଟି କରିଥିବା ଅସନ୍ତୋଷକୁ ଏହି ଭଡ଼ା ବୃଦ୍ଧି ବହୁଗୁଣିତ କରିବ। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଶୀତତାପ ନିୟନ୍ତ୍ରିତ ବଗିର ଯାତ୍ରୀଭଡ଼ାଠାରୁ ୩.୫ ପ୍ରତିଶତ ଏବଂ ସାଧାରଣ ବର୍ଗର ରେଳଯାତ୍ରୀଙ୍କଠାରୁ ୩୯ ପ୍ରତିଶତ ଅତିରିକ୍ତ ରାଜସ୍ୱ ଆଦାୟ ହେବ। ଚଳିତ ବିତ୍ତବର୍ଷରେ ରେଳବାଇର ପୁଞ୍ଜିନିବେଶ ଅପରିବର୍ତ୍ତିତ ରହିଛି। ରାଜସ୍ୱ ଅଭାବରୁ ନୂଆ ରେଳଲାଇନ ନିର୍ମାଣ ଓ ମରାମତି କାର୍ଯ୍ୟରେ ଶିଥିଳତା ପରିଲକ୍ଷିତ ହୋଇଛି। ବାରମ୍ବାର ଘଟୁଥିବା ଦୁର୍ଘଟଣାର ଏହା ଅନ୍ୟତମ ଏକ କାରଣ। ତଥାକଥିତ ସୁପରଫାଷ୍ଟ ଟ୍ରେନର ଗତିଶୀଳତା ମଧ୍ୟ ହ୍ରାସ ପାଇବାର ବାଧ୍ୟବାଧକତା ସୃଷ୍ଟି ହୋଇଛି। ତେଣୁ ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଯାତାୟତ କରୁଥିବା ଟ୍ରେନ ପାଇଁ ଅତିଷ୍ଠ ରେଳଯାତ୍ରୀ। ଏହାକୁ ଯଦି କେହି ରେଳବାଇର ଗତି ଓ ପ୍ରଗତିରେ ବାଧକ କୁହେ ତେବେ ତାହାକୁ ଭୁଲ କହିବା ମଧ୍ୟ ଅସୀମଚୀନ ହେବ। ●

## ଆଧୁନିକତା ବନାମ ଆଧୁନିକ ସାହିତ୍ୟ

ପ୍ରଫୁଲ୍ଲ କୁମାର ସାହୁ

ବାସ୍ତବରେ ଆଧୁନିକତା ହେଉଛି ଏକ ନୂତନ ଦୃଷ୍ଟିକୋଣ। କୌଣସି କାଳଖଣ୍ଡ ଆଧୁନିକ ନୁହେଁ। ଆମେ ଶୁଣିଛେ ସାରଳା ଦାସ, ଉପେନ୍ଦ୍ର ଭଞ୍ଜ ପ୍ରମୁଖ ତାଙ୍କ ସମୟରେ ଆଧୁନିକ ଥିଲେ। ଏହି ଦୃଷ୍ଟିକୋଣ ଯେତେବେଳେ ଜୀବନରେ ଆସେ ସେତେବେଳେ ଜୀବନ ଆଧୁନିକ ପାଲଟିଯାଏ ଏବଂ ଯେତେବେଳେ ସାହିତ୍ୟରେ ପ୍ରବେଶ କରେ ସେତେବେଳେ ଆମେ କହୁ ଆଧୁନିକ ସାହିତ୍ୟ। ସମାଜ ଜୀବନରେ ଏକ ନିରନ୍ତନ ପ୍ରବାହ ଅଛି ଏବଂ ସମାଜ ସହିତ ବ୍ୟକ୍ତି ଜୀବନର ମଧ୍ୟ ଏକ ପ୍ରଭାବ ଅଛି। ଯେତେବେଳେ ସମାଜ ଜୀବନରେ ପରିବର୍ତ୍ତନ ଆସେ ସେତେବେଳେ ବ୍ୟକ୍ତି ଜୀବନକୁ ରୂପାନ୍ତରିତ ହୁଏ। ବେଳେବେଳେ ଏମିତି ମଧ୍ୟ କିଛି ବ୍ୟକ୍ତି ଆସନ୍ତି, ଯିଏ ସମାଜକୁ ପରିବର୍ତ୍ତନ ବା ପ୍ରଭାବିତ କରିଥା'ନ୍ତି। ଯେତେବେଳେ ସମାଜ ଦ୍ୱାରା ବ୍ୟକ୍ତି ପ୍ରଭାବିତ ହୁଏ, ତା'କୁ ଆମେ ପରମ୍ପରା, ସଂସ୍କୃତି ଆଦି ନାମରେ ନାମିତ କରୁ। ପୁଣି ଯେତେବେଳେ ବ୍ୟକ୍ତି ସମାଜକୁ ପ୍ରଭାବିତ କରେ ସେତେବେଳେ ଆମେ କହୁଛେ ଆଧୁନିକ। ସେହିପରି ଗୋଟାଏ କାଳଖଣ୍ଡରେ ବାସ କରୁଥିଲେ ମଧ୍ୟ ସବୁସ୍ଥାନର ବୈଶ୍ୱିକ ପରିବେଶ ଅଲଗା। ତେଣୁ ଆଧୁନିକତାର ଭିତ୍ତିଭୂମି ମଧ୍ୟ ଅଲଗା ଅଲଗା।

ଆମେ ପଢ଼ିଛେ ଅଷ୍ଟାଦଶ ଶତାବ୍ଦୀରେ ୟୁରୋପରେ ଶିଳ୍ପ ବିପ୍ଳବରୁ ଆଧୁନିକତାର ଅୟମାରମ୍ଭ। ଟେଲିଫୋନ, ଷ୍ଟିମଇଞ୍ଜିନ ଇତ୍ୟାଦିର ଉଦ୍ଭାବନରେ ମନ୍ଦିର, ମସଜିଦ, ଗିର୍ଜା, ଚର୍ଚ୍ଚ ସଂସ୍କୃତିରୁ ଜୀବନ ଆସିଲା ଶିଳ୍ପ ଓ ବିଜ୍ଞାନ ସଂସ୍କୃତିକୁ। ଯେଉଁ ସମୟରେ ୟୁରୋପରେ ଶିଳ୍ପର ବିକାଶ ଚାଲିଥିଲା ସେହି ସମୟରେ ଆମେ ବଳଦ ଗାଡ଼ିକୁ ଆମର ଆଧୁନିକତା କହୁଥିଲେ। ତେଣୁ ୟୁରୋପର ଯାହା ଆଧୁନିକତା ଆମର ତାହା ଆଧୁନିକତା ନୁହେଁ। ଏଠି ନବଜାଗରଣ ଓ ଆଧୁନିକତା ଆସିଛି ନଅଙ୍କ ଦୁର୍ଭିକ୍ଷର ଆଁ ଭିତରୁ, ଭାଷା ସୁରକ୍ଷାର ଆନ୍ଦୋଳନ ଭିତରୁ, ବ୍ରାହ୍ମ ଧର୍ମ, ମହିମା ଧର୍ମ, ଅଲେଖ ଧର୍ମ ଭିତରୁ। ଗୌରୀ ଶଙ୍କର ରାୟ, ରାମ ଶଙ୍କର, ଫକୀର ମୋହନ ସେନାପତି, ରାଧାନାଥ ରାୟ ପ୍ରମୁଖ ଶିଳ୍ପୋଦ୍ୟୋଗୀ ଏବଂ ଉତ୍କଳ ଦୀପିକା, ସମ୍ବାଦ ବାହିକା ଗୋଟେ ଗୋଟେ ଆଧୁନିକତାର ଉତ୍ପାଦ। ଯଦି ଏସବୁ ନଥା'ନ୍ତା ଓଡ଼ିଶାରେ ନବଜାଗରଣ ଆସି ନ ଥା'ନ୍ତା।

ଆଧୁନିକର ଦୁଇଟି ରୂପ ଅଛି - ବାହ୍ୟ ଓ ଅନ୍ତ। ଆମେମାନେ ବାହ୍ୟରୂପର ଆଧୁନିକତାକୁ ଅଧିକ ଗୁରୁତ୍ୱ ଦେଇଛେ। ତାରକାମାନେ ଚିରା ପୋଷାକ କିମ୍ବା ଚଷମା ପିନ୍ଧିଲେ ତାଙ୍କୁ ଅନୁକରଣ କରି ଆମେ ଚିରା ପୋଷାକ ଓ ରାତିରେ ମଧ୍ୟ କଳାଚଷମା ଓ ଟୋପି ପିନ୍ଧୁଛନ୍ତି। ଏ ହେଉଛି ବାହ୍ୟ ଆଧୁନିକତା। ଏହା ମଣିଷର ଅନ୍ତଃଚେତନାକୁ ପ୍ରଭାବିତ କରେ ନାହିଁ। ବ୍ୟକ୍ତିର ଅନ୍ତଃଚେତନାର ଅନ୍ଧାରକୁ ଆଲୋକିତ କରିବା ହେଉଛି ଚେତନାର ଆଧୁନିକତା। ଅନ୍ତଃଚେତନାର ଅନ୍ଧାର ସେତେବେଳେ ଆଲୋକିତ ହେବ ଯେତେବେଳେ ଆଧୁନିକତାର ଅନ୍ତରୂପ ବିକଶିତ ହେବ। ଯେତେବେଳେ ଗୋଟିଏ ଶମ୍ବାଳୁଆ ପ୍ରଜାପତିରେ ପରିବର୍ତ୍ତନ ହେବ। ଯେତେବେଳେ ଝଡ଼ାଫୁଙ୍କାରେ ବିଶ୍ୱାସ ନ କରି ଜଣେ ଡାକ୍ତରଖାନାକୁ ଯିବ।

ଆଧୁନିକତା ଅନ୍ତଃଚେତନାରେ ଆସେ। ଓଡ଼ିଆ ସମାଜରେ ଜଣେ କନ୍ଧ କବି କହିଲେ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ'। ଆଜି ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ଆଧୁନିକତା ଆସିନଥିଲା। ଏହି ମହାନ ବ୍ୟକ୍ତିତ୍ୱ ପାଇଁ ହିଁ ଓଡ଼ିଆରେ ମଣିଷର ଜୀବନ ପାଇଁ ସାହିତ୍ୟ ଲେଖା ଆରମ୍ଭ ହେଲା। ଏଡ଼େ ବଡ଼ କବିମାନଙ୍କ ପାଟିରୁ ମଣିଷ ପାଇଁ ପଦେ କବିତା ବାହାରି ନଥିଲା। ଲାବଣ୍ୟବତୀର ଓଠରୁ ଖସିପଡୁଥିବା ମହୁ ବୁନ୍ଦାରେ ପିମ୍ପୁଡ଼ି ଧାର ଧାର ଲାଗିଯାଉଥିଲା। ସଂସ୍କୃତ ରସିକ ପଣ୍ଡିତମାନେ ଲାବଣ୍ୟବତୀ ଚିତ୍ତରେ ବାଃ ବାଃ ହେଉଥିଲେ। ମଲ୍ଲିମାଳ ଶ୍ୟାମକୁ ଦେବା ପାଇଁ କବିମାନେ ବ୍ୟସ୍ତ ହେଉଥିଲେ। କେଉଁଠି ଥିଲା ଧାନ କାଟୁଥିବା ସ୍ତ୍ରୀ ଲୋକର କଥା? କେଉଁଠି ଥିଲା ଗରିବ ଲୋକର କଥା, କେଉଁଠି ଥିଲା ଖୁଦ ରଙ୍କୁଣି ମାଆର ଆତୁର ଚିତ୍କାର? ମହିମା ଗୋସ୍ୱାମୀ ବୁଝାଇ ଦେଲେ। ଈଶ୍ୱର ନିରାକାର ଅଣାକାର କହି କପିଳାସର ଶିଖରରେ ବସି ଅଗ୍ନିର ଧୂନିରେ ଜାଳିଦେଲେ ଜାତି, ବର୍ଣ୍ଣ, ଆଭିଜାତ୍ୟର ଗରିମା। ରାଜା ରାମମୋହନ ରାୟ, ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟସମାଜ ଯଥାକ୍ରମେ ବ୍ରାହ୍ମସମାଜ ଗଠନ କରି କଲିକତାରେ ଯେଉଁ ବିକାଶର ମଡେଲ ଥୋଇଦେଲେ ସେହି ସଂସ୍କାରକୁ ମଧୁସୂଦନ ଓଡ଼ିଶା ଆଣିଲେ। ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମାଜରୁ କୁସଂସ୍କାର, କୁନୀତି, ଅନ୍ଧବିଶ୍ୱାସକୁ ସାହିତ୍ୟ ଧାରାରେ ବଦଳେଇବା। ୟୁରୋପର ଆଧୁନିକତା ଥିଲା ଯାନ୍ତ୍ରିକ ଆଧୁନିକତା, କିନ୍ତୁ ଓଡ଼ିଶାର ଆଧୁନିକତା ଥିଲା ଆଧ୍ୟାତ୍ମିକ ଆଧୁନିକତା। ଏହି କବିମାନେ, ଏହି ସନ୍ଥମାନେ ଓଡ଼ିଶାର ଜୀବନଧାରଣା ପ୍ରଣାଳୀରେ ପରିବର୍ତ୍ତନ ଆଣିଲେ।

ଆମ ସାହିତ୍ୟର ପୃଷ୍ଠଭୂମି ୟୁରୋପର ନବଜାଗରଣ ନୁହେଁ, ଆଧୁନିକ ଚେତନାର ପୃଷ୍ଠଭୂମି। ଗୋଟିଏ ପରମ୍ପରା, ପରିବେଶ, ପାଣିପାଗ, ଭୂଗୋଳକୁ ନେଇ ଆଧୁନିକତା ଆସିଥାଏ। ଆଧୁନିକତା ଗୋଟେ ଚେତନା, ଏକ ଦୃଷ୍ଟିକୋଣ, ଏକ ଜାଗରଣ, ବଞ୍ଚିବାର ଏକ କଳା। ବ୍ୟକ୍ତିତ୍ୱ ନିର୍ମାଣ ହିଁ ଆଧୁନିକ। ସଂସ୍କାରିତ, ସାହାଯ୍ୟକାରୀ, ସମ୍ବେଦନଶୀଳ, ଉଦାର, ପ୍ରଶସ୍ତ ବ୍ୟକ୍ତିତ୍ୱ ହେଉଛି ଆଧୁନିକ ବ୍ୟକ୍ତିତ୍ୱ। ତେଣୁ ଆଧୁନିକ ହେବା ଏକ ସହଜ କଥା ନୁହଁ। ଆଧୁନିକ ମଣିଷ ଲାବଣ୍ୟବତୀର ହସକୁ ଯେତିକି ଗୁରୁତ୍ୱ ଦିଏ ସେତିକି ଖୁଦ ରଙ୍କୁଣୀ ମାଆର ଆତୁର ଚିତ୍କାରକୁ ମଧ୍ୟ ଦିଏ। କାହିଁକି ରାଧାନାଥଙ୍କୁ ଆମେ ଆଧୁନିକ କହୁଛେ? କାରଣ ରାଧାନାଥ ବହିରେ ଲୁହ ଆଣିଲେ। ସାହିତ୍ୟରେ ରାଧାନାଥଙ୍କ ସବୁ କାବ୍ୟନାୟିକା ମରିଗଲେ। ଯେଉଁ ଦେଶରେ ଲାବଣ୍ୟବତୀ ଚନ୍ଦ୍ରଭାନୁ ନିମିତ୍ତ ବିରହରେ ଛଟପଟ ହେଉଥିଲେ ସେଠି ରାଧାନାଥ ତାଙ୍କ କାବ୍ୟନାୟିକାମାନଙ୍କୁ ମାରିଦେଉଛନ୍ତି କ'ଣ ପାଇଁ? ଏ ହେଉଛି ବାସ୍ତବ ଦୃଷ୍ଟିକୋଣ।

ଜୀବନ ପାଇଁ କଳା ସାହିତ୍ୟ କଳ୍ପନା ରାଜ୍ୟରେ ବିଚରଣ ନକରି ଜୀବନର କଥା କହିବ। ରିକ୍ସାବାଲା ପିଠିରେ ଝରିଯାଉଥିବା ସ୍ୱେଦର କଥା କହିବ। ଛେଳି ଚରାଉଥିବା ତଅପୋଇର କଥା କହିବ। କବିତାର ଧାରା ବଦଳିବ ସାହିତ୍ୟର ଦୃଷ୍ଟିକୋଣ ମଧ୍ୟ ବଦଳିବ। ମଣିଷ ଗୋଟିଏ ଓଠରେ ହସେ, ଦୁଇଟି ଆଖିରେ କାନ୍ଦେ। ଜୀବନରେ ପ୍ରତିଟି ହସର ମୂଲ୍ୟ ଦୁଇ ବୁନ୍ଦା ଲୁହ ଦେଇକି ଶୁଝିବାକୁ ପଡ଼େ। ଅନ୍ୟର ଲୁହକୁ ବୁଝିବା ହେଉଛି ଆଧୁନିକତା। ଯେଉଁ ସାହିତ୍ୟରେ ଲୁହର କଥା, କରୁଣ ଚିତ୍କାରର ବେଦନା, ବାସ୍ତବର କଥା, ସଂଘର୍ଷର କଥା ରହିଲା ସେ ସାହିତ୍ୟ ହେଉଛି ଆଧୁନିକ ସାହିତ୍ୟ।

ସମକାଳୀନ ସମାଜରେ ଘଟୁଥିବା ଘଟଣାବଳୀର ବାସ୍ତବ ବର୍ଣ୍ଣନା ହିଁ ଆଧୁନିକ ସାହିତ୍ୟ। ତେଣୁ ଆମ ଓଡ଼ିଆ ଆଧୁନିକତାର ଗୋଟେ ସ୍ୱଦେଶୀ ରୂପ ଅଛି। ସବୁ କଥାକୁ ୟୁରୋପ ସହିତ ତୁଳନା କଲେ ହେବନାହିଁ। ତାଙ୍କର ଯେତେବେଳେ ଲେଖା ହେଉଥିଲା 'ଲଭ୍ ସଙ୍ଗ ଅଫ୍ ଜାଲ୍‌ଫ୍ରେଡ୍ ପ୍ରୁଫ୍ରକ୍' ଆମର ନନ୍ଦ କିଶୋର ବଳ ଲେଖୁଥିଲେ 'ଲୁଲୁ ପାଇଁ ନାନା ବାୟା' ଗୀତ। ଆମ ସାହିତ୍ୟର ଧାରା ଭିନ୍ନ। ଓଡ଼ିଆ ଆଧୁନିକତା ଯାହାକୁ ଆମେ ନବଜାଗରଣ ବୋଲି କହୁଛେ, ସେଠି ଆମେ ଦେଖିଛେ ପଦ୍ମାବତୀ, ବାବାଜୀ, ରେବତୀ, ଛ'ମାଣ ଆଠ ଗୁଣ୍ଠ, ବିବାସିନି, ବିବେକୀ, ରାଣ୍ଡି ପୁଅ ଅନନ୍ତା। ଏଗୁଡ଼ିକ ସମକାଳୀନ ସମାଜର ସାହିତ୍ୟ ବା ଆଧୁନିକତାର ପରିଚୟ। ଏଥିରୁ ପୁଣି ଖୋଜାପଡ଼ିବ ଯୁଗସ୍ରଷ୍ଟା କିଏ? ଯୁଗ ସ୍ରଷ୍ଟା ସିଏ, ଯିଏ ଲେଖିଛି ବାସ୍ତବତାର କରୁଣ ଚିତ୍କାର ଲୁହ ଆଉ ସ୍ୱେଦର କାହାଣୀ। ଯେଉଁ ସାହିତ୍ୟ ସମାଜର କଥା କହେ ଯେଉଁ ସାହିତ୍ୟ ଗଣମଣିଷ ଓ ତୃଣମୂଳସ୍ତରର କଥା କହେ, ତାହା ଆଧୁନିକ ସାହିତ୍ୟ, ସେ ସ୍ରଷ୍ଟା ଆଧୁନିକ।

ଆଧୁନିକ ଏକ ଯୁଗ ନୁହେଁ, ଏକ ସ୍ରୋତ। ଏହି ସ୍ରୋତରେ ହୁଏତ କିଛି ଯୁଗ ଚଳିଯାଇପାରେ। ସାରଳାଯୁଗ, ମଧ୍ୟଯୁଗ, ପଞ୍ଚସଖା ଯୁଗ ପରେ ଆଧୁନିକ ସାହିତ୍ୟ ଏକ ଚେତନା। ଏ ଚେତନାରେ ଗୋପବନ୍ଧୁ ଆସିଲେ, ଦେଲେ ସତ୍ୟବାଦୀ ଚେତନା। ଆସିଲା ସବୁଜ ଓ ପ୍ରଗତିଶୀଳ ଚେତନା। ଆଧୁନିକ ଏକ ନଇ, ଯେଉଁଠି ପ୍ରବାହିତ ହୁଏ ଦିଗନ୍ତ ଚେତନାର ସୁଅ। ●

ହୁମ୍ମା(ଗଞ୍ଜାମ), ମୋ: ୭୮୫୩୯୮୬୯୯୭

## ବନୀକରଣର ଆନ୍ତରିକତାରେ ପ୍ରଶ୍ନବାଚୀ

ଡ.ମନୋଜ କୁମାର ମହାନ୍ତି

ଅଧୁନା ପରିବେଶର ଅବନତି ବିଶ୍ୱର ଏକ ପ୍ରମୁଖ ସମସ୍ୟା ଭାବେ ଉଭାହୋଇଛି। ଜୀବଜଗତ; ବିଶେଷ କରି ମାନବଜାତିର ଅସ୍ତିତ୍ୱ ନଷ୍ଟ ହେଇଯିବ ଯଦି ପରିବେଶ ପ୍ରତି ଅମାନବୀୟ ଅତ୍ୟାଚାରକୁ ନିୟନ୍ତ୍ରଣ କରା ନ ଯିବ। ନିକଟରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ନିକଟସ୍ଥ କାଞ୍ଚନ ଗୋଚିୱାଲରେ ଅବସ୍ଥିତ ୪୦୦ଏକର ପରିଧି ବିଶିଷ୍ଟ ଜଙ୍ଗଲକୁ ରାତିର ଅନ୍ଧାରରେ ଉଚ୍ଛେଦ ପାଇଁ ସରକାରଙ୍କ ପଦକ୍ଷେପ ପରିବେଶକୁ ବୀଭତ୍ସ କରିବାର ଏକ ଜ୍ୱଳନ୍ତ ଉଦାହରଣ। ଓଡ଼ିଶାରେ ଅନୁଗୁଳ ଓ ଢେଙ୍କାନାଳର ଫୁସଫୁସ୍ କୁହାଯାଉଥିବା ଛେଣ୍ଡିପଦାରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ୯ କୋଟି ବୃକ୍ଷଛେଦନ କରି ୩୫ଟି କୋଇଲାଖଣି ଖନନ ପାଇଁ କେନ୍ଦ୍ରସରକାରଙ୍କ ପ୍ରୟାସର ପରବର୍ତ୍ତୀ ଫଳାଫଳ କ'ଣ? ବଲାଙ୍ଗୀର ଜିଲ୍ଲାର ରାମାୟଣ ପ୍ରସିଦ୍ଧ ଗନ୍ଧମର୍ଦ୍ଦନ ପାହାଡ଼କୁ ନିଲାମ ପାଇଁ ଯୋଜନା ଚାଲିଥିବା ଅଭିଯୋଗ ହେଉଛି। ସେହିପରି ଗୋଟେପଟେ ବୃକ୍ଷସୁରକ୍ଷା ସହ ବୃକ୍ଷରୋପଣ ଏବଂ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ସ୍ଲୋଗାନ, ପୁଣି ଅନ୍ୟପଟେ ରାସ୍ତାର ଦୁଇପାର୍ଶ୍ୱରୁ ଦୀର୍ଘବର୍ଷ ଧରି ଛାୟାପ୍ରଦାନପୂର୍ବକ ଶୁଦ୍ଧ ଅମ୍ଳଜାନ ବାଣ୍ଟୁଥିବା ବୃକ୍ଷଲତାକୁ ଛେଦନ କରି ଅଣଓସାରିଆ ରାସ୍ତାକୁ ପ୍ରଶସ୍ତ କରିବାର ବିଧିବଦ୍ଧ ଯୋଜନା ହାସ୍ୟାସ୍ପଦ ନୁହେଁ କି? ଶହଶହ ବର୍ଷଧରି ଛିଡ଼ା ହୋଇଥିବା ଘଞ୍ଚ ଜଙ୍ଗଲକୁ କାଟି ତା' ପରିବର୍ତ୍ତେ ରାସ୍ତା କଡ଼ରେ ଗଛଟିଏ ଲଗାଇବା କେଉଁ ମହାନତାର କାମ? ଦୀର୍ଘଦିନର ଦଣ୍ଡାୟମାନ ଦ୍ରୁମରେ ଥିବା ଉପାଦେୟତା ନିକଟରେ ସଦ୍ୟରୋପିତ ବୃକ୍ଷ କେତେଦୂର ଫଳପ୍ରଦ ଥରେ ବିଚାରକୁ ନିଆଯାଉ।

ପ୍ରତିବର୍ଷ ବନ ମହୋତ୍ସବରେ ବୃକ୍ଷରୋପଣ କରାଯାଉଛି ସତ, କିନ୍ତୁ ତା'ର ତତ୍ତ୍ୱାବଧାନ ସଠିକ ଭାବେ କରାଯାଉନାହିଁ। ରାସ୍ତାର କେଉଁ କଡ଼ରେ, ବିଦ୍ୟାଳୟ, ମହାବିଦ୍ୟାଳୟ, ପଞ୍ଚାୟତ ଓ ଅନ୍ୟ କାର୍ଯ୍ୟାଳୟ ପରିସରରେ ଚାରା ଗଛଟିଏ ଲଗାଇବା ବେଳେ ଯେଉଁ ମାତୃତ୍ୱର ସମ୍ମାନରେ ପ୍ରଚାର ପ୍ରସାର କରାଯାଏ, ପରବର୍ତ୍ତୀ ସମୟରେ ସେହି ମା'ର ସଠିକ ଯତ୍ନ ନିଆଯାଏ ତ? ଉଚ୍ଚ ପଦସ୍ଥ ଅଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ ଯେଉଁ ଆନ୍ତରିକ ଉଦ୍ୟମରେ ବର୍ଷକୁବର୍ଷ ଗଛଟିଏ ପୋତି ଚାଲନ୍ତି, ତା'ର ଉତ୍ତରଦାୟିତ୍ୱ କାହା ଉପରେ ନ୍ୟସ୍ତ କରନ୍ତି?

ମାଟିର ଅସ୍ତିତ୍ୱ ସହ ମଣିଷ ଖେଳିଚାଲିଛି। କେତେବେଳେ ତା' ଛାତିଚିରି ବୁର୍ଜଖଲିଫା ତ କେତେବେଳେ ଖଣିଖାଦାନର ଗଚ୍ଛିତ ସମ୍ପଦକୁ ପାଇବା ଲକ୍ଷ୍ୟରେ ତା'କୁ ଧ୍ୱଂସବିଧ୍ୱଂସ କରିବାରେ ଲାଗି ପଡ଼ିଛି। ଶିଳ୍ପ, ରାସ୍ତାଘାଟ, ବନ୍ଧବାଡ଼ ଓ ଉଚ୍ଚଉଚ୍ଚ ଅଟ୍ଟାଳିକା ନିର୍ମାଣ କରି ବିକାଶର ପତାକା ଉଡ଼େଇବାକୁ ମଣିଷ ବ୍ୟତିବ୍ୟସ୍ତ। ମନୁଷ୍ୟ ଦ୍ୱାରା ସୃଷ୍ଟ ଦୈନିକ ଘରୋଇ ଓ କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଯାଉଛି କୁଆଡ଼େ? ଉଭୟ ଶିଳ୍ପ ଓ ସହର ବର୍ଜ୍ୟବସ୍ତୁ ବର୍ଷବର୍ଷ ଧରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପଡ଼ି ରହି ମାଟି ଓ ପରିବେଶକୁ ପ୍ରଦୂଷଣ କରିଚାଲିଛି, ଯାହା ପ୍ରତ୍ୟେକ ସହରର ଏକ ପ୍ରମୁଖ ସମସ୍ୟା। ମାଟି, ପାଣି, ପବନ ଓ ଜଙ୍ଗଲ ପରିବେଶର ମୁଖ୍ୟ ଉପାଦାନ। ସୃଷ୍ଟିର କେନ୍ଦ୍ରବିନ୍ଦୁ ସାଜିଥିବା ମଣିଷ ବିକାଶ ଓ ପ୍ରଗତିର ମାର୍ଗରେ ପଥିକ ହୋଇ ସୃଷ୍ଟିକୁ ତା' ନିଜହାତରେ ନୂତନ ରୂପ ଦେବାରେ ବ୍ୟସ୍ତ।

ବିଜ୍ଞାନ ଓ ବୈଷୟିକ ବିଜ୍ଞାନର ସାହାରା ନେଇ ସେ ମଣିଷ ଜୀବନର ମାନଦଣ୍ଡକୁ ଉନ୍ନତ କରିବାରେ ସତପ୍ରଚେଷ୍ଟା କିଛି ଖରାପ କଥା ନୁହେଁ। ଦେଶକୁ, ରାଜ୍ୟକୁ ଆର୍ଥିକ ପ୍ରଗତି ଓ ବିକାଶଶୀଳ ଭାବେ ବିଶ୍ୱରେ ଉପସ୍ଥାପିତ କରିବାକୁ ହେଲେ ଶିଳ୍ପପ୍ରତିଷ୍ଠା ସହ ପ୍ରାକୃତିକ ସମ୍ପଦର ସଦୁପଯୋଗକୁ ଧ୍ୟାନଦେବା ଜରୁରୀ। ଶିଳ୍ପ ପ୍ରତିଷ୍ଠା ହେଲେ ଯୁବଗୋଷ୍ଠୀ ନିଯୁକ୍ତି ପାଇବେ। କର୍ମନିଯୁକ୍ତି ସହ ଆର୍ଥିକ ମାନଦଣ୍ଡ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ଓ ଗମନାଗମନ କ୍ଷେତ୍ରରେ ନିରନ୍ତର ବିକାଶ ଓ ପ୍ରଗତି ଅନ୍ତରାଳେ ବିଶ୍ୱ ଭୌଗୋଳିକ ମାନଚିତ୍ରର ସୁନ୍ଦର ସବୁଜିମାକୁ ଆମେ କଦର୍ଯ୍ୟ ଓ ଧୂଳିଧୂସରିତ କରୁନାହାନ୍ତି ତ? ବିଶ୍ୱ ପ୍ରଦୂଷଣ ସର୍ବେକ୍ଷଣ ଅନୁସାରେ ଭାରତର ୧୩ଗୋଟି ସହର ସମ୍ପୂର୍ଣ୍ଣ ପ୍ରଦୂଷିତ। ସେଥିମଧ୍ୟରୁ ଆସାମ ଓ ମେଘାଳୟ ମଧ୍ୟରେ ଥିବା ବ୍ରିନାହାଟ ଭାରତର ପ୍ରମୁଖ ପ୍ରଦୂଷିତ ସହରଭାବେ ବିଶ୍ୱ ଦରବାରରେ ପରିଚିତ। ଭାରତର ରାଜଧାନୀ ଦିଲ୍ଲୀର ପରିବେଶ ବିଗତ ଦିନରୁ ଏପର୍ଯ୍ୟନ୍ତ ସୁଧୁରିବାରେ କୌଣସି ସଙ୍କେତ ଦେଖାଯାଉ ନାହିଁ। ସଚେତନ କାର୍ଯ୍ୟକ୍ରମ ଜାରି ରହିଛି।

ଆମକୁ ହୃଦୟଙ୍ଗମ କରିବାକୁ ହେବ ଖାଦ୍ୟ, ବସ୍ତ୍ର ଓ ବାସଗୃହ ମଣିଷ ଜୀବନ ପାଇଁ ଯେତିକି ଜରୁରୀ, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଆମ ପରିବେଶ ଓ ପାରିପାର୍ଶ୍ୱିକ ବାତାବରଣ। ସୁସ୍ଥ, ନିରୋଗ ସହ ଶାନ୍ତିପୂର୍ଣ୍ଣ ସହବସ୍ଥାନ ବିଶ୍ୱ ମାନବସମାଜର ଶ୍ରେଷ୍ଠ ଲକ୍ଷ୍ୟ। ବୃକ୍ଷଲତା, ନଦୀନାଳ, ପାହାଡ଼ପର୍ବତ, ବଣଜଙ୍ଗଲ, ବନ୍ୟପ୍ରାଣୀ ଓ ଉଦ୍ଭିଦସମୂହ ସେମାନଙ୍କର ବିଭିନ୍ନ ପ୍ରଜାତି, ପ୍ରକୃତି ଓ ପରିବେଶ ସହ ଜୀବଜଗତର ଆରମ୍ଭରୁ ଅବସ୍ଥାପିତ। ସେମାନେ ପ୍ରକୃତି ଓ ପରିବେଶକୁ ନିଜର ଯୋଗଦାନ ଦ୍ୱାରା ସନ୍ତୁଳିତ କରିଆସିଛନ୍ତି। କିନ୍ତୁ ଶ୍ରେଷ୍ଠପ୍ରାଣୀ ମଣିଷ ପରିବେଶକୁ ନେଇ ଯେଉଁ ଆଚରଣ ପ୍ରଦର୍ଶନ କରୁଛି ସେଥିରେ ପେଶି ହୋଇଚାଲିଛନ୍ତି ମାନବଜାତି।

ନିଜର ଅଭିବୃଦ୍ଧି ଓ ସୁରକ୍ଷାରେ ଧ୍ୟାନମଗ୍ନ ମଣିଷ ଦିନକୁଦିନ ପୃଥିବୀର ପରିବେଶକୁ ବିପର୍ଯ୍ୟସ୍ତ କରିବାରେ ଲାଗିଛି। ଏବେ ତା'ର ମନେପଡ଼ିଛି ଏକ ସୁସ୍ଥ ଜୀବନ ଅତିବାହିତ ପାଇଁ ଏକ ସୁସ୍ଥ ସମାଜ ଓ ସୁସ୍ଥ ପ୍ରାକୃତିକ ପରିବେଶ ଅପରିହାର୍ଯ୍ୟ। ସେଥିପାଇଁ ବନ ମହୋତ୍ସବ ପାଳନ କରି ଗଛ ଲଗାଇବାର ପ୍ରଚେଷ୍ଟା ଚାଲିଛି। ଖାଲି ଗଛଟିଏ ପୋତି ଫିତାକାଟି ଗଣମାଧ୍ୟମ ଆଗରେ ଭାବପ୍ରବଣତାର ଶବ୍ଦ ପରିପ୍ରକାଶ ଉପଯୁକ୍ତ ମାଧ୍ୟମ ନୁହେଁ। ଯେଉଁଠି ସଭ୍ୟସମାଜ ବୃଦ୍ଧାମାତାର ଯତ୍ନ ନ ନେଇ ବୃଦ୍ଧାଶ୍ରମକୁ ଠେଲିଦିଏ, ସେଠି ଗଛଟିକୁ କେତେ ବା ଯତ୍ନ କରିବ? ●

ଭଦ୍ରକ, ମୋ: ୮୮୯୫୩୪୧୦୩୩

## ବୈପ୍ଳବିକ ଚେତନାର ବଳିଷ୍ଠ ବାର୍ତ୍ତାବହ ଜଗନ୍ମୋହନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ଓଡ଼ିଆ ସାହିତ୍ୟର ପ୍ରଥମ ନାଟ୍ୟକାର ଜଗନ୍ମୋହନ ଲାଲଙ୍କୁ କିଏ ଅବା ବିସ୍ମରି ଯିବା ସମ୍ଭବ! ସମାଜରେ ଯେଉଁ କୁସଂସ୍କାର ଲକ୍ଷ୍ୟ କରିଥିଲେ ଜଗନ୍ମୋହନ, ନାଟକ ଅଭିନୟ ଦ୍ୱାରା ତାହାର ଦୂରୀକରଣ ସମ୍ଭବ - ଏହି ବିଶ୍ୱାସ ତାଙ୍କ ମଧ୍ୟରେ ଦୃଢ଼ୀଭୂତ ହୋଇଥିବା କମ୍ ଚମକପ୍ରଦ ବିଷୟ ନୁହେଁ। ନାଟକ ଲେଖିବାର ଦୁଇବର୍ଷ ପୂର୍ବରୁ ସେ ପ୍ରତିଷ୍ଠା କରିଥିଲେ ନିଜ ଗ୍ରାମ ମାହାଙ୍ଗାରେ 'ରାଧାକାନ୍ତ' ରଙ୍ଗମଞ୍ଚ। ସେ ଏକାଧାରାରେ ଥିଲେ ନାଟ୍ୟକାର, ନିର୍ଦ୍ଦେଶକ, ମୁଖ୍ୟ ଅଭିନେତା ଓ ପୃଷ୍ଠପୋଷକ। 'ବାବାଜୀ' ୧୮୭୭ ମସିହାରେ ରଚନା କରି ସେ ଯେଉଁ ସାମାଜିକ ଆଲୋଡ଼ନ ସୃଷ୍ଟି କରିଥିଲେ ତାହା ତାଙ୍କର ବୈପ୍ଳବିକ ଚେତନାର ଯେ ଏକ ଅଗ୍ନିସ୍ଫୁଲିଙ୍ଗ ଏହା ବାରମ୍ବାର ଉପଲବ୍ଧି କରିବାର ବିଷୟ ନିଶ୍ଚୟ। ଯେଉଁ ସମୟରେ ପୌରାଣିକ ବିଷୟ ପ୍ରତି ଦର୍ଶକମାନଙ୍କର ରହିଥିଲା ତୀବ୍ର ଆକର୍ଷଣ, ସେଇ ସମୟରେ ଏକ ସାମାଜିକ ନାଟକ ରଚନାର ପରିକଳ୍ପନା ହିଁ ହେଉଛି ତାଙ୍କର ଏକ ସୁଦୃଢ଼ ବୈପ୍ଳବିକ ପଦକ୍ଷେପ। ଜଣେ ସାଧୁ ବାବାଜୀଙ୍କର ଆଗମନ ଓ ସମାଜର ବିଭିନ୍ନ ସ୍ତରରେ ରହିଥିବା କୁସଂସ୍କାରର ଉଦ୍‌ଘାଟନ କରିଦେଇ ଏହାର ଦୂରୀକରଣ ପାଇଁ ସେ ଯେଉଁ ବାର୍ତ୍ତା ପ୍ରଦାନ କଲେ, ସେଥିରେ ରହିଥିଲା ତେଜସ୍ୱୀ ନାଟ୍ୟକାରଙ୍କ ଆମ୍ବାର ଆହ୍ୱାନ। ସେ ଜଣେ ସମାଜ ସଚେତନ ମଣିଷ ଭାବରେ କିପରି ତୀକ୍ଷ୍ଣ ଦୃଷ୍ଟିରେ ଅବଲୋକନ କରୁଥିଲେ ବିଭିନ୍ନ ପ୍ରକାରର ଚରିତ୍ରକୁ, ଏହା ତାହାର ପ୍ରକୃଷ୍ଟ ନିଦର୍ଶନ।

ଯେଉଁ ସମୟରେ ଏ ନାଟକର ସୃଷ୍ଟି ସମ୍ଭବ ହୋଇଛି, ତାହାକୁ ଚକ୍ଷୁସମକ୍ଷରେ ରଖିଲେ, ଯାହା ପାଠକ ବା ଦର୍ଶକକୁ ଅଭିଭୂତ କରିଦିଏ, ତାହା ହେଲା ନାଟ୍ୟକାରଙ୍କ ବ୍ୟକ୍ତିତ୍ୱ। ଯାହାର ବ୍ୟକ୍ତିତ୍ୱ ଯେତିକି ବଳିଷ୍ଠ ତାଙ୍କ ନାଟକର ଅନ୍ତଃଆବେଦନ ସେତିକି ଗଭୀର ଓ ଘନିଷ୍ଠ। କିନ୍ତୁ ନାଟ୍ୟକାର ଜଗନ୍ମୋହନଙ୍କ ମର୍ଯ୍ୟାଦା ଯେପରି ଶୀର୍ଷ ସୋପାନରେ ପ୍ରତିଷ୍ଠିତ ହେବାର ଯଥାର୍ଥତା ରହିଛି, ତାହା ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ। ନିଜେ ପ୍ରଥମେ ପରିବର୍ତ୍ତିତ ନ ହେଲେ କେବଳ ନାଟକ ରଚନା ଦ୍ୱାରା କେହି ଆଲୋଡ଼ନ ସୃଷ୍ଟି କରିଦେଇ ପାରେନା। ସମାଜକୁ ପରିବର୍ତ୍ତିତ ରୂପରେ ଦେଖିବାର ଯେଉଁ ପ୍ରତିଜ୍ଞା କରିଥିଲେ ଜଗନ୍ମୋହନ ତାହାର ବଳିଷ୍ଠ ପ୍ରତିବିମ୍ବ ହେଉଛି ତାଙ୍କ ନାଟ୍ୟ ସର୍ଜନା ଏବଂ ମଞ୍ଚରେ ତାହାର ପ୍ରାଣବନ୍ତ ଅବତାରଣା।

'ବାବାଜୀ' ନାଟକ ଲେଖିଦେଇ ସେ ସନ୍ତୁଷ୍ଟ ହୋଇନାହାନ୍ତି। ପରବର୍ତ୍ତୀ ସୃଷ୍ଟି ହେଲା ତାଙ୍କର 'ସତୀ'। ବ୍ରିଟିଶ୍ ସାମ୍ରାଜ୍ୟର ଆଧିପତ୍ୟ ସ୍ୱୀକାର କରି ଯେଉଁ ସ୍ୱଦେଶୀୟ ଶାସକମାନେ ନିରୀହ ଜନତାଙ୍କ ପ୍ରତି କରୁଥିଲେ ଅକଥନୀୟ ଅତ୍ୟାଚାର ସେମାନଙ୍କ ବିରୁଦ୍ଧରେ ସ୍ୱରଉତ୍ତୋଳନ କରିବା କ'ଣ ସହଜ ବ୍ୟାପାର? ଯେଉଁ ପ୍ରତିବାଦ କରିବା ପାଇଁ ଶିକ୍ଷିତ ଗୋଷ୍ଠୀର ସୁଦ୍ଧା ନ ଥିଲା ସାମର୍ଥ୍ୟ, ଜଗନ୍ମୋହନ ସେଇ ଦୁଃସାହସିକ ବାଣୀ ସଂଯୋଜିତ କରିଛନ୍ତି ନାଟକରେ। ସମ୍ପ୍ରତି ନାରୀମୁକ୍ତିର ପାଶ୍ଚାତ୍ୟ ତତ୍ତ୍ୱ ଦ୍ୱାରା ପ୍ରଭାବିତ ହୋଇ ଯେଉଁମାନେ ସାହିତ୍ୟ ସୃଷ୍ଟି କରୁଛନ୍ତି ସେମାନଙ୍କ ଦୃଷ୍ଟି ପ୍ରଥମେ ଆକର୍ଷିତ ହେବା ଉଚିତ ଜଗନ୍ମୋହନ ଲାଲଙ୍କ ପ୍ରତି। 'ପ୍ରୀତି', 'ବୃଦ୍ଧବିବାହ' ନାଟକ ଦୁଇଟିରେ ଓଡ଼ିଶାର ଶିକ୍ଷିତ ସମାଜକୁ ବିସ୍ମିତ ଓ ଚେତନାଦୀପ୍ତ କରିଦେବା ପାଇଁ ତାଙ୍କ ପ୍ରଚେଷ୍ଟାର ଯେ ନଥିଲା ଅନ୍ତ ତାହା ପୁନଃ ପୁନଃ ସ୍ମରଣ ଓ ସମୀକ୍ଷା କରିବା ଆବଶ୍ୟକ। ଜଣେ ନାଟ୍ୟସ୍ରଷ୍ଟାଙ୍କ ନାଟ୍ୟାଦର୍ଶ ହୋଇପାରେ କିପରି ଶକ୍ତିସଂପନ୍ନ ତାହାର ବଳିଷ୍ଠ ଉଦ୍ଭାସନ ହେଉଛନ୍ତି ଜଗନ୍ମୋହନ। ନାଟକର ମୂଳ ଆଭିମୁଖ୍ୟ ଯେ ହେଉଛି ସାମାଜିକ ପରିବର୍ତ୍ତନ ତାହା ଯେପରି ଭାବରେ ପ୍ରମାଣିତ କରିଦେଇଛନ୍ତି ଜଗନ୍ମୋହନ ତାହାର ତୁଳନା କାହିଁ? ନାଟକର ସର୍ଜନା ଥିଲା କଳ୍ପନାର ସ୍ତରରେ। ତାହା ବାସ୍ତବତାର ଭୂମିରେ ପ୍ରୋଥିତ କରିଦେଇ ସେ ସୂର୍ଯ୍ୟୋଦୟର ସଂକେତ ପ୍ରଦାନ କଲେ।

ଆଜିର ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ ଓ ପ୍ରାଣବାନ ଦର୍ଶକମାନେ ଏ କଥା ଜାଣିରଖିବା ଆବଶ୍ୟକ ଯେ, ଯେଉଁ ସଂସ୍କାର ଆଣିବା ପାଇଁ ଅଙ୍ଗୀକାରବଦ୍ଧ ଥିଲେ ଜଗନ୍ମୋହନ, ତାହା ନିଜ ବାସ୍ତବ ଜୀବନରେ ମଧ୍ୟ ପ୍ରୟୋଗ କରିଛନ୍ତି। ଏହି ସତ୍ୟ ଯେପରି ପ୍ରଭାବଶାଳୀ ଭାବରେ ଉପସ୍ଥାପିତ ହେବା ଏକାନ୍ତ ଜରୁରୀ, ତାହା ହୋଇ ପାରିଛି କି? ତାଙ୍କ ସ୍ରଷ୍ଟା ମାନସ ଓ ସୃଷ୍ଟି ସମ୍ପଦର ପୁନଃ ଉପସ୍ଥାପନା ହୋଇପାରିବ ଅଧିକରୁ ଅଧିକ ଅର୍ଥଦ୍ୟୋତକ। ତାଙ୍କ ବିଧବା ସୁକନ୍ୟାଟିର ପୁନଃବିବାହ କରାଇ ସେ ସାହିତ୍ୟ ଜଗତକୁ ଆଶ୍ଚର୍ଯ୍ୟ କରିଦେଇପାଇଛନ୍ତି। ଜଗନ୍ମୋହନ ବାସ୍ତବରେ ସାମାଜିକ ପରିବର୍ତ୍ତନର ବଳିଷ୍ଠ ବାର୍ତ୍ତାବହ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୁରୁଣା ପେନ୍‌ସନ୍ ବ୍ୟବସ୍ଥାରେ ରହିବାକୁ ଯନ୍ତ୍ରୀଙ୍କ ମାମଲା

# ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ହାଇକୋର୍ଟଙ୍କ ରହିତାଦେଶ

ଭୁବନେଶ୍ୱର, ୨।୭(ସମିସ): ବର୍ଷବର୍ଷ ଧରି ଠିକାରେ କାମ କରିବା ପରେ ୨୦୦୫ ଜାନୁଆରୀରେ ଯନ୍ତ୍ରୀମାନେ ନିୟମିତ ହୋଇଛନ୍ତି। ସେମାନଙ୍କୁ ୧୯୯୨ର ପୁରୁଣା ପେନ୍ସନ୍ ରୁଲ୍ ଓ ୧୯୩୮ର ଜିପିଏଫ୍ ରୁଲ୍ ପରିସରରୁ ବାଦ୍ ଦେବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ନେଇଥିଲେ। ଏହା ଉପରେ ହାଇକୋର୍ଟ ରୋକ୍ ଲଗାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୦୫ ପୂର୍ବରୁ ଠିକାରେ ଦୀର୍ଘବର୍ଷ ଧରି କାମ କରିଥିବା ବହୁ ଯନ୍ତ୍ରୀଙ୍କୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ନିୟମିତ କରିଥିଲେ। ଏମାନଙ୍କ ମଧ୍ୟରୁ କେତେକ ଅବସର ଗ୍ରହଣ କରି ପୁରୁଣା ପେନ୍ସନ୍ ରୁଲ୍ ଆଧାରରେ ପେନ୍ସନ, ଜିପିଏଫ୍ ଆଦି ପାଇଛନ୍ତି। ଅନ୍ୟମାନଙ୍କର ଏବେ ବି ପ୍ରତି ମାସରେ ଜିପିଏଫ୍ ଟଙ୍କା କଟୁଛି। ତେବେ ଏଣିକି ଏଭଳି ଯନ୍ତ୍ରୀମାନଙ୍କୁ ଜିପିଏଫ୍ ବ୍ୟବସ୍ଥାରୁ ବାଦ୍ ଦେବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ମୁଖ୍ୟ ଯନ୍ତ୍ରୀ ଗତମାସ ୬ ତାରିଖରେ ସମସ୍ତ ଦପ୍ତରକୁ ଚିଠି ଲେଖି ଆଉ ସେମାନଙ୍କ ମାସିକ ଜିପିଏଫ୍ ଜମା ଦରମାରୁ ନକାଟିବା ଲାଗି ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ଏଥିରେ କ୍ଷତିଗ୍ରସ୍ତ ହୋଇ ସୁଶାନ୍ତ ମହାପାତ୍ର ନାମକ ଜଣେ ଯନ୍ତ୍ରୀ ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାଟିର ବିସ୍ତୃତ ଶୁଣାଣି କରି ରାଜ୍ୟ ସରକାରଙ୍କୁ ପକ୍ଷ ରଖିବା ଲାଗି ସୁଯୋଗ ଦେବା ସହ ତାଙ୍କ ମଧ୍ୟବର୍ତ୍ତୀକାଳୀନ ଆଦେଶରେ ସଂପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୌଣସି ପ୍ରତିକୂଳ ପଦକ୍ଷେପ ନ ନେବାକୁ କହିଛନ୍ତି।

ଆବେଦନକାରୀଙ୍କ ପକ୍ଷରୁ ଅମୀୟ କୁମାର ଛାଟୋଇ ମାମଲା ପରିଚାଳନା କରୁଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବର୍ଷବର୍ଷ ଧରି ଠିକାରେ କାମ କରିଥିବା ବହୁ ଯନ୍ତ୍ରୀଙ୍କୁ ବିଭିନ୍ନ ସମୟରେ ନିୟମିତ କରାଯାଇଛି। ସେମାନଙ୍କ ଭିତରୁ ଅନେକ ମଧ୍ୟ ଏକାଧିକ ପଦୋନ୍ନତି ପାଇଛନ୍ତି। ଆଉ କେତେକ ଅବସର ଗ୍ରହଣ କରି ସାରିଲେଣି। ଏଭଳି ଘଟଣାରେ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ଦପ୍ତର ଆପତ୍ତି ଉଠାଇ ଗତବର୍ଷ ଡିସେମ୍ବର ୨୬ ତାରିଖରେ ରାଜ୍ୟ ସରକାରଙ୍କୁ ଏକ ସ୍ପଷ୍ଟିକରଣ ଦେଇଥିଲେ। ତାହାରି ଆଧାରରେ ଗତ ମେ୧୭ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସର୍ବୋଚ୍ଚ ମୁଖ୍ୟ ଯନ୍ତ୍ରୀଙ୍କୁ ଏକ ପତ୍ର ଲେଖି ୨୦୦୫ ଜାନୁଆରୀ ପହିଲା ପରେ ନିୟମିତ ହୋଇଥିବା ଠିକା ଯନ୍ତ୍ରୀମାନଙ୍କୁ ପୁରୁଣା ପେନ୍ସନ୍ ରୁଲ୍ ଓ ଜିପିଏଫ୍ ରୁଲ୍‌ରୁ ପରିସରରୁ ବାଦ୍ ଦେବାକୁ କହିଥିଲେ।

ଉଲ୍ଲେଖଥାଉ କି, ୨୦୦୫ ଜାନୁଆରୀ ପହିଲାରୁ ରାଜ୍ୟ ସରକାରଙ୍କ "କଣ୍ଟ୍ରିବ୍ୟୁଟାରୀ ପେନ୍ସନ୍ ସ୍କିମ୍' ଲାଗୁ ହୋଇଛି। ଏହି ଆଇନ୍ ଆଧାରରେ ୨୦୦୫ ଜାନୁଆରୀ ପହିଲା ପରେ ନିଯୁକ୍ତ ରାଜ୍ୟ ସରକାରୀ କର୍ମଚାରୀମାନେ ସେମାନଙ୍କ ମାସିକ ବେତନରୁ କଣ୍ଟ୍ରିବ୍ୟୁଟାରୀ ପେନ୍‌ସନ୍ ସ୍କିମ୍‌ରେ ନିର୍ଦ୍ଧାରିତ ଅର୍ଥ ଜମା କରିବା କଥା ଏବଂ ଏହି ଆଧାରରେ ସେମାନେ ପ୍ରୋଭିଡେଣ୍ଟ ଫଣ୍ଡର ଅର୍ଥ ଫେରସ୍ତ ପାଇବା ସହ ଜମା ଅର୍ଥ ଭିତ୍ତିରେ ମାସିକ ପେନ୍‌ସନ୍ ପାଇବେ। ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ପାଇବା ପରେ ସରକାର ବିଭିନ୍ନ ଦିଗ ପ୍ରସଂଗରେ ତର୍ଜମା କରୁଛନ୍ତି। ତଦନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବରିଷ୍ଠ ଅଧିକାରୀ କହିଛନ୍ତି।

## ବଦଳିଲା ପିସିସି ନିର୍ଦ୍ଦେଶନାମା

# ମଧ୍ୟବର୍ତ୍ତୀକାଳୀନ ଜିଲ୍ଲା ସଭାପତି ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର,୨।୭ (ସମିସ): ଓଡିଶା କଂଗ୍ରେସ ଆପଣାଇବ ଗୁଜରାଟ ମଡେଲ। "ସଂଗଠନ ସୃଜନ' ମାଧ୍ୟମରେ ଜିଲ୍ଲାସଭାପତି ଚୟନ କରାଯିବ। ମାସେ ଭିତରେ ଏହି ପ୍ରକ୍ରିୟା ସରିବ ଓ ଖୁବଶୀଘ୍ର ରାଜ୍ୟର ସମସ୍ତ ୩୫ ଟି ସାଂଗଠନିକ ଜିଲ୍ଲା ପାଇଁ କଂଗ୍ରେସ ଜିଲ୍ଲା ସଭାପତି ଘୋଷଣା କରିବ। ସୁପାରିସ କିମ୍ବା ଲବି ବଦଳରେ ଜିଲ୍ଲାସ୍ତରରୁ ଏଆଇସିସିର ଟିମ ଜିଲ୍ଲା ସଭାପତି ଚୟନ କରିବେ। ପଡୋଶୀ ରାଜ୍ୟ ଓ ପିସିସି ସ୍ତରର ଜଣେ ଜଣେ ନେତା ଜିଲ୍ଲା ଗସ୍ତରେ ଯିବେ। ସେମାନେ ଲଗାତାର କିଛି ଦିନ ଧରି ଜିଲ୍ଲାସ୍ତରୀୟ ସଂଗଠନର ତର୍ଜମା କରିବେ। ଏହାପରେ ସେହି ସଦସ୍ୟମାନେ ଜିଲ୍ଲାର ସଭାପତି ଓ କମିଟି ଗଠନ କିଭଳି ହେବ ତାହା ଚୟନ କରିବେ ବୋଲି ନିଷ୍ପତ୍ତି ହୋଇଛି। ୬ ରୁ ୮ ଜଣଙ୍କୁ ନେଇ ଜିଲ୍ଲା କମିଟି ଗଠନ ହେବ ବୋଲି ଜଣାପଡ଼ିଛି।

ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟାରେ ପ୍ରତିକ୍ରିୟା ଦେଇ ପିସିସିର ୩୫ଟି ସାଂଗଠନିକ ଜିଲ୍ଲା ସଭାପତି ଚୟନ କରିବାକୁ ଏଆଇସିସି ଓଡିଶାରେ ଗୁଜରାଟ ମଡେଲ ଆପଣାଇଛି। ଗୁଜରାଟ ମଡେଲ ଦ୍ୱାରା ଜିଲ୍ଲା ସଭାପତିଙ୍କୁ ଅଧିକ କ୍ଷମତା ଦିଆଯିବ ବୋଲି କହିଛନ୍ତି। ଏହି ପ୍ରକ୍ରିୟା ଆସନ୍ତା ମାସରେ ଆରମ୍ଭ ହୋଇ ଏକ ମାସ ମଧ୍ୟରେ ସରିବ ବୋଲି ପିସିସି ସଭାପତି କହିଛନ୍ତି। "ସଂଗଠନ ସୃଜନ' ନାମରେ ଅଭିଯାନ ଆରମ୍ଭ କରାଯିବ। ଅନ୍ୟପଟେ ନିକଟରେ ପିସିସି ପକ୍ଷରୁ ରାଜ୍ୟର ୩୨ ଟି ସାଂଗଠନିକ ଜିଲ୍ଲା ପାଇଁ ଯେମାନଙ୍କୁ ମଧ୍ୟବର୍ତ୍ତୀକାଳୀନ ସଭାପତି ଭାବେ ଘୋଷଣା କରାଯାଇଥିଲା ସେମାନଙ୍କୁ ଏବେ "ଜିଲ୍ଲା ସଂଯୋଜକ' ଭାବେ ନାମିତ କରାଯାଇଛି। ଆଜି ଏନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି।

ଆସନ୍ତା ୧୧ ତାରିଖରେ ରାହୁଲ ଗାନ୍ଧୀ ଓଡ଼ିଶା ଆସୁଛନ୍ତି। ତାଙ୍କ ଗସ୍ତକୁ ଦୃଷ୍ଟିରେ ରଖି ୩୨ ଟି ଜିଲ୍ଲା ପାଇଁ ସଂଯୋଜକ ନିଯୁକ୍ତ କରାଯାଇଥିବା ଜଣାପଡ଼ିଛି। ଦିନିକିଆ ଓଡିଶା ଗସ୍ତରେ ରାହୁଲ ଗାନ୍ଧୀ ସମାବେଶରେ ଯୋଗଦେଇ କଂଗ୍ରେସ କର୍ମୀଙ୍କୁ ଗୁରୁମନ୍ତ୍ର ଦେବା ସହ ଦଳୀୟ କର୍ମୀଙ୍କ ସହ ଆଲୋଚନା କରିବାର କାର୍ଯକ୍ରମ ରହିଛି। ରାହୁଲଙ୍କ ଓଡିଶାଗସ୍ତ ନେଇ ଉତ୍ସାହିତ ଅଛନ୍ତି କଂଗ୍ରେସ କର୍ମୀ ଓ ନେତା। ଡବଲ ଇଞ୍ଜିନ ସରକାରଙ୍କ ବିଫଳତାକୁ ରାହୁଲ ମୁଖ୍ୟ ପ୍ରସଙ୍ଗ କରି ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେବେ ବୋଲି ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି।

## ଇଣ୍ଡିଆନ୍ ବ୍ୟାଙ୍କ ଶାଖାରୁ ସଶସ୍ତ୍ର ଡକାୟତି

# ୨୨ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଲୁଟ୍

**ନୟାଗଡ଼, ୨।୭ (ସମିସ):** ନୟାଗଡ଼ ସଦରଥାନା ଅନ୍ତର୍ଗତ ଜେମାଦେଇପୁର ପାଟଣା ଇଣ୍ଡିଆନ୍ ବ୍ୟାଙ୍କରୁ ବୁଧବାର ଅପରାହ୍ନରେ ସଶସ୍ତ୍ର ଡକାୟତି ହୋଇଛି। ୬ରୁ ୮ ଜଣ ଦୁର୍ବୃତ୍ତ ୩ଟି ବାଇକ୍‌ରେ ଆସି ବ୍ୟାଙ୍କ ବନ୍ଦ ବେଳକୁ ଭିତରେ ପଶିଥିଲେ। କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରାଇବା ସହ ଗ୍ରାହକଙ୍କୁ ମଧ୍ୟ ଡରାଇଥିଲେ। ବ୍ୟାଙ୍କରେ କାର୍ଯ୍ୟରତ ବଣିଆ ଏବଂ ଅନ୍ୟ ଦୁଇ ଜଣ ବ୍ୟାଙ୍କ କର୍ମଚାରୀ ଲୁଟେରାଙ୍କ ମାଡ଼ରେ ରକ୍ତାକ୍ତ ହୋଇଥିଲେ। ବ୍ୟାଙ୍କ କର୍ମଚାରୀଙ୍କଠାରୁ ଚାବି ପାଇବା ପରେ ସେ ବ୍ୟାଙ୍କରେ ଥିବା ନଗଦ ୨୨ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ଏବଂ ଆଜି ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାର ଲୁଟି ନେଇଥିଲେ। ବ୍ୟାଙ୍କରେ ଉପସ୍ଥିତ ଜଣେ ମହିଳା ଗ୍ରାହକ ସୁଷମା ମଲ୍ଲିକଙ୍କ ଠାରୁ ୨୦ହଜାର ଟଙ୍କା ନେଇଯାଇଛନ୍ତି ଲୁଟେରା। ଅନ୍ୟ ଜଣେ ମହିଳା ଗ୍ରାହକଙ୍କଠାରୁ ୨୦ ହଜାର ଟଙ୍କା ଏବଂ ଅନ୍ୟ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ନେଇ ଯାଇଛନ୍ତି। ଲୁଟେରାମାନେ ଓଡିଆରେ କଥାବାର୍ତ୍ତା କରୁଥିବାବେଳେ ସମସ୍ତେ ମୁହଁରେ ମୁଖା ଓ ହେଲମେଟ୍ ପିନ୍ଧିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଦୁର୍ବୃତ୍ତମାନେ ଟଙ୍କା ନେଇ ବାଇକ୍ ଯୋଗେ ଖସି ଯାଉଥିବା ବେଳେ ଦୁଇ ଜଣ ଲୁଟେରାଙ୍କୁ ପୁଲିସ ଗୋଡ଼ାଇ ଗୋଡ଼ାଇ ଧରିବାରେ ସଫଳ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରଶାସନ ଅଚଳ...

କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ସେହିପରି ଅନ୍ୟ ପ୍ରଶାସନିକ ସେବା ସଂଘ ମଧ୍ୟ ଓଏଏସ୍ ସଂଘକୁ ସମର୍ଥନ ଜଣାଇଛନ୍ତି।। ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାକୁ ୩ ଦିନ ବିତିଯିବା ପରେ ମଧ୍ୟ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଗିରଫ ନ ହେବା ଯୋଗୁଁ ବୁଧବାର ସକାଳେ ଓଏଏସ୍ ସଂଘ ପୁନର୍ବାର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଭେଟିଥିଲେ। ଏହି ସମୟରେ ସଂଘ ପକ୍ଷରୁ ଏକ ବିସ୍ତୃତ ଦାବିପତ୍ର ଦିଆଯାଇଥିବା ବେଳେ ୩ଟି ମୁଖ୍ୟ ଦାବି ଉପରେ କୌଣସି ସାଲିସ୍ କରାଯିବ ନାହିଁ ବୋଲି ସଂଘ ରୋକଠୋକ୍ କହିଥିଲା। ଓଏଏସ୍ ରତ୍ନାକର ସାହୁଙ୍କ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା 'କିଙ୍ଗପିନ୍' ଜଗନ୍ନାଥ ପ୍ରଧାନଙ୍କୁ ଗିରଫ ନିମନ୍ତେ ସଂଘ ଦାବି କରିଥିଲା। ଏହା ସହ ରାଜ୍ୟର ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଯଥା ତହସିଲଦାର, ଉପ-ଜିଲ୍ଲାପାଳ, ବିଡିଓ ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି କରାଯାଇଥିଲା। ଓ ତୃତୀୟ ଦାବି ଭାବରେ ରତ୍ନାକର ସାହୁଙ୍କ ଆକ୍ରମଣ ଘଟଣାକୁ ସରକାର ନିନ୍ଦା କରିବା ସହ ଅଧିକାରୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଯେପର୍ଯ୍ୟନ୍ତ ସରକାର ଏହି ଦାବି ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି ଓଏଏସ୍ ସଂଘ ସମୂହ ଛୁଟିରେ ରହିବ ବୋଲି ସଂଘ ସ୍ପଷ୍ଟ କରିଛି । ଅନ୍ୟପଟେ ରାଜ୍ୟରେ ଘଟିଥିବା ଏହି ଘଟଣା ଏବେ ଜାତୀୟ ସ୍ତରରେ ମଧ୍ୟ ଓଡ଼ିଶା ପାଇଁ ନିନ୍ଦା ଆଣିଛି। ଖୋଦ୍ ରାଜଧାନୀ ଭୁବନେଶ୍ୱର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ପ୍ରମୁଖ କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଅଧିକାରୀଙ୍କ ଉପରେ ମାଡ଼ ଘଟଣାକୁ ଜାତୀୟ ସ୍ତରରେ ନିନ୍ଦା କରାଯାଉଛି। ଜାତୀୟ ଗଣମାଧ୍ୟମଗୁଡ଼ିକରେ ମଧ୍ୟ ଏହି ଖବର ବଡ଼ ପ୍ରସଙ୍ଗ ପାଲଟିଛି। ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଏହାକୁ ଜଙ୍ଗଲରାଜ୍‌ର ଆଖ୍ୟା ଦିଆଯାଉଥିବା ବେଳେ ଜାତୀୟ କଂଗ୍ରେସ ଓ ଅନ୍ୟ ରାଜ୍ୟଗୁଡ଼ିକରେ ଥିବା ଆଞ୍ଚଳିକ ଦଳର ବରିଷ୍ଠ ନେତାମାନେ ମଧ୍ୟ ଏହି ଘଟଣାକୁ ନିନ୍ଦା କରିବା ସହ ବିଜେପି ସରକାର ଉପରେ ବର୍ଷିଛନ୍ତି। ପୂର୍ବରୁ ଓଏଏସ୍ ସଂଘ ପକ୍ଷରୁ ଆହୂତ ସମୂହ ଛୁଟି ଡାକରା ଆନ୍ଦୋଳନକୁ ରାଜ୍ୟ ଓଆର୍‌ଏସ୍ ସଂଘ, ଓଏଫ୍‌ଏସ୍ ସଂଘ, ଓଡ଼ିଶା ସୂଚନା ସେବା ସଂଘ, ଓଡ଼ିଶା କୃଷି ସେବା ସଂଘ ସମର୍ଥନ ଜଣାଇଥିବା ବେଳେ ବୁଧବାର ଓଡ଼ିଶା ସଚିବାଳୟ ସମୀକ୍ଷକ ସେବା ସଂଘ, ଓଡ଼ିଶା ଅଧସ୍ଥନ ଅର୍ଥ ସେବା ସଂଘ ଓଏଏସ୍ ସଂଘକୁ ସମର୍ଥନ ଜଣାଇଛି। ତେବେ ରାଜ୍ୟରେ ବର୍ତ୍ତମାନ ବିଭିନ୍ନ ଜିଲ୍ଲାରେ ବନ୍ୟା ସ୍ଥିତି ଉପୁଜିଥିବା ବେଳେ ଓଆର୍‌ଏସ୍ ଅଧିକାରୀମାନଙ୍କର ରାଜ୍ୟ ସରକାର ସହଯୋଗ ଲୋଡ଼ିଥିଲେ। ରାଜସ୍ୱ ମନ୍ତ୍ରୀ ଏନେଇ ଓଆର୍‌ଏସ୍ ସଂଘ ସହ ଆଲୋଚନା କରିବା ପରେ ସେମାନେ କେବଳ ବନ୍ୟା ମୁକାବିଲା ଓ ରଥଯାତ୍ରା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହିଁ ସହଯୋଗ କରିବେ ବୋଲି କହିଛନ୍ତି। ମାତ୍ର ଦାବି ପୂରଣ ନ ହେବା ଯାଏ ସେମାନେ ଅନ୍ୟ କୌଣସି ପ୍ରଶାସନିକ କାର୍ଯ୍ୟ କରିବେ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ଅକଳରେ ସରକାର...

ସହ ଆଲୋଚନା କଲି। ଏବେ ମୁଁ ମୋ ଘରକୁ ଯାଉଛି ବୋଲି କହି ଜଗନ୍ନାଥ ନିଜ ଘରକୁ ଫେରି ଯାଇଛନ୍ତି। ସେହିପରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖିଛନ୍ତି। ଓଏଏସ ସଂଘ ଜଗନ୍ନାଥଙ୍କୁ ଗିରଫଦାରୀ ନେଇ ଅଡ଼ି ବସିଥିବା ବେଳେ ତାଙ୍କ ବିରୋଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବକି ବୋଲି ସାମ୍ବାଦିକ ପ୍ରଶ୍ନ କରିଥିଲେ। ଏନେଇ ସରକାର ଚିନ୍ତା କରୁଛନ୍ତି ବୋଲି ମନମୋହନ ଧାଡ଼ିକିଆ ଉତ୍ତର ରଖିଛନ୍ତି। ଜଗନ୍ନାଥ ପ୍ରସଙ୍ଗରୁ ଦଳ ନିଜକୁ ଦୂରେଇ ନେବା ଏବେ ସରକାରଙ୍କ ପାଇଁ ଆହ୍ୱାନ ପାଲଟିଛି। ଜଗନ୍ନାଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ କି ନାହିଁ ସେନେଇ ସରକାର ଅଠାକାଠିରେ ପଡ଼ିଛନ୍ତି। ରାଜ୍ୟ କାର୍ଯ୍ୟାଳୟକୁ ଆସିବା ପୂର୍ବରୁ ଜଗନ୍ନାଥ ପ୍ରଧାନ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଥିଲେ। ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା ଆଡ଼କୁ ଗତି କରୁଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଯିବାକୁ ଯାଉଛି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ଏବଂ ଆମ ସରକାର ହିତ ପାଇଁ ମୁଁ ଆଇନକୁ ସମ୍ମାନ ଦେଉଛି। ଆଇନ ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ, ସେଥିରେ ମୁଁ ସମ୍ପୂର୍ଣ୍ଣ ସହଯୋଗ କରିlବେ ବୋଲି ସେ ଉଲ୍ଲେଖ କରିଥିଲେ। ଜଗନ୍ନାଥଙ୍କ ଏପରି ପୋଷ୍ଟ ପରେ ତାଙ୍କ ଗିରଫଦାରି ଚର୍ଚ୍ଚା ବଢ଼ିଥିଲା। ଅପରପକ୍ଷେ ଗଣମାଧ୍ୟମକୁ ସୂଚନା ଦେଇ ମନମୋହନ ସାମଲ କହିଥିଲେ ଯେ ଆମେ ଜଗନ୍ନାଥ ପ୍ରଧାନଙ୍କୁ ଡାକି ଆଲୋଚନା କଲୁ। ଦଳର ଆଭ୍ୟନ୍ତରୀଣ କଥାକୁ ଗଣମାଧ୍ୟମ ଆଗରେ କୁହାଯାଇପାରିବ ନାହିଁ। ତେବେ ଓଏଏସ ରତ୍ନାକର ସାହୁଙ୍କ ଉପରେ ଆକ୍ରମଣ ଘଟଣାକୁ ଦଳ ପକ୍ଷରୁ ନିନ୍ଦା ସହ ଏବଂ ସମସ୍ତେ ବାରମ୍ବାର ଦୁଃଖ ପ୍ରକାଶ କରିଛନ୍ତି। ତେଣୁ ଏହାକୁ ନେଇ ବାରମ୍ବାର ଆଲୋଚନା କରିବା ଉଚିତ୍ ନୁହେଁ ବୋଲି ମନମୋହନ ଜବାବ ରଖିଛନ୍ତି। ରାଜ୍ୟ ବିଜେପି ସଭାପତି ଏବଂ ଜଗନ୍ନାଥଙ୍କ ଆଭିମୁଖ୍ୟ ସରକାରଙ୍କୁ ସଙ୍କଟରେ ପକାଇବ ବୋଲି ମତ ଦେଇଛନ୍ତି ରାଜନୈତିକ ସମୀକ୍ଷକ। ଯଦି ଜଗନ୍ନାଥଙ୍କୁ ଗିରଫ କରାନଯାଏ, ତାହେଲେ ଓଏଏସ ଅଧିକାରୀ କାର୍ଯ୍ୟରେ ଯୋଗଦେବେ ନାହିଁ। ୨ ଦିନ ଧରି ଏହା ରାଜ୍ୟରେ ସରକାରୀ କାର୍ଯ୍ୟକୁ ଠପ୍ କରିଦେଲାଣି। ଓଏଏସ ସଂଗଠନର ଏପରି ଆଭିମୁଖ୍ୟ ଆଗକୁ ଆହୁରି ବଡ଼ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ହସ୍‌ପିଟାଲରେ ରତ୍ନାକର...

ବୁଧବାର ରତ୍ନାକର ବିଏମ୍‌ସି କାର୍ଯ୍ୟାଳୟକୁ ଆସିଥିଲେ। ବିଏମ୍‌ସର ସୁରକ୍ଷା ସମ୍ବନ୍ଧୀୟ ଏକ ବୈଠକରେ ଯୋଗ ଦେଇଥିଲେ। ଏହାପରେ ପୁଲିସ କମିଶନର ଏବଂ ମେୟରଙ୍କ ସହ ଆଲୋଚନା ହୋଇଥିଲା। କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାରେ ତାଙ୍କ ଅନ୍ୟ ସହଯୋଗୀଙ୍କ ସହ ଆଲୋଚନା ହୋଇଥିଲା। ଏହାପରେ ସେ ବସିଥିବାବେଳେ ଅକସ୍ମାତ ଚୌକିରୁ ପଡ଼ିଯାଇ ଅଚେତ ହୋଇ ଯାଇଥିଲେ। କିଛି ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ରତ୍ନାକର ମାଡ଼ ଖାଇବା ପରେ ପ୍ରବଳ ମାନସିକ ଚାପରେ ରହୁଛନ୍ତି। ତାଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଚାପ ପ୍ରୟୋଗ କରାଯାଉଛି। ଦିନ ପ୍ରାୟ ୪ଟା ୩୦ସମୟରେ ସେ ଅଚାନକ ଝାନନାଳ ହୋଇଯାଇଥିଲେ। ଏହାପରେ ବେହୋସ ହୋଇଯାଇଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ରୁଷିଛି ଜଗା...

ଏବେ ପୁଣି ବାହୁଡ଼ାବେଳରେ ପୁଣି ସମାନ ସ୍ଥିତି ସୃଷ୍ଟି ହୋଇଛି। ବିଧି ଅନୁସାରେ ଆଜି ତିନି ରଥର ଦକ୍ଷିଣ ମୋଡ଼ ହେବାକୁ ଥିବାବେଳେ ନନ୍ଦିଘୋଷ ରଥ ଆଗକୁ ଗଡ଼ି ପାରିନି। ଆସନ୍ତାକାଲି ନନ୍ଦିଘୋଷ ରଥ ଟଣା ହୋଇ ଦକ୍ଷିଣମୋଡ଼ ଦିଆଯିବ। ଶରଧାବାଲିରେ ଗୁଣ୍ଡିଚାମନ୍ଦିରକୁ ମୁହଁ କରି ଏକୁଟିଆ ଛିଡ଼ା ହୋଇଥିବା ଜଗାର ରଥକୁ ଦେଖି ଭକ୍ତଙ୍କ ମନରେ ଶଙ୍କା ସୃଷ୍ଟି ହୋଇଛି। ଆସନ୍ତା ୫ ତାରିଖରେ ବାହୁଡ଼ା ଯାତ୍ରା। ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାମୂର୍ତ୍ତି। ଏଥିଲାଗି ପରମ୍ପରା ଅନୁଯାୟୀ ବୁଧବାର ତିନିରଥର ଦକ୍ଷିଣ ମୋଡ଼ କରାଯାଉଥିଲା। ଦେବୀ ସୁଭଦ୍ରାଙ୍କ ଦେବଦଳନ ଓ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣ ମୋଡ଼ ହୋଇ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ଲାଗିଛି। ହେଲେ ନୀତି ବିଳମ୍ବ ଯୋଗୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଗଡ଼ିପାରି ନାହିଁ। ଗୁରୁବାର ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯିବ। ମଧ୍ୟାହ୍ନ ସାଢ଼େ ୧୨ଟାରେ ଆଜ୍ଞାମାଳ ବିଜେ ହେବା ଲାଗି ସମୟ ନିର୍ଘଣ୍ଟ ହୋଇଥିଲା। ହେଲେ ଦେଢ଼ ଘଣ୍ଟା ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୨ଟାରେ ଆଜ୍ଞାମାଳ ବିଜେ ହୋଇଥିଲା।

ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାବିଗ୍ରହ ଏବେ ଆଡ଼ପଣ୍ଡପରେ ଅବସ୍ଥାନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ମଙ୍ଗଳବାର ହେରାପଞ୍ଚମୀ ନୀତି ବିଳମ୍ବ ହୋଇଥିଲା। ତେଣୁ ବୁଧବାର ସକାଳ ୭ଟା ୫୫ରେ ମଙ୍ଗଳ ଆଳତି ହୋଇଥିଲା। ସକାଳ ୯ଟା ୪୫ରେ ଅବକାଶ ନୀତି ବଢ଼ିବା ପରେ ସାହାଣମେଳା ଦର୍ଶନ ହୋଇଥିଲା। ପରେ ଦ୍ୱାରପାଳ ପୂଜା ଶେଷ ହୋଇ ଅପରାହ୍ନ ୧ଟାରେ ସକାଳ ଧୂପ ଓ ଭୋଗମଣ୍ଡପ ଉଠିବା ପରେ ୨ଟାରେ ଆଜ୍ଞାମାଳ ବିଜେ ହୋଇଥିଲା। ତିନିଠାକୁରଙ୍କ ଆଜ୍ଞାମାଳ ନେଇ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ରଥ ପାଖକୁ ଆସିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରହିଥିବା ତିନିରଥକୁ ବାହୁଡ଼ା ବିଜେ ଲାଗି ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ବିଜେ କାହାଳୀ, ଘଣ୍ଟଘଣ୍ଟା ବାଜିବା ପରେ ଦେବଦଳନ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା। ପୂର୍ବରୁ ଭୋଇ ସେବକଙ୍କ ଦ୍ୱାରା ରଥର ବ୍ରେକ ଓ ଦଉଡ଼ି ସଂଯୋଗ କରାଯାଇଥିଲା। ରାସ୍ତାର ଦୁଇପାର୍ଶ୍ୱରେ ଦକ୍ଷିଣ ମୋଡ଼ ପାଇଁ ବାଲି ପକାଯାଇଥିଲା। ପୁଲିସ କର୍ମଚାରୀମାନେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ଦେବଦଳନ ରଥକୁ ଟାଣି ନେଇଥିଲେ। ସେଠାରେ ରଥକୁ ବୁଲାଯାଇ ନାକଚଣା ଦ୍ୱାରକୁ ଅଣାଯାଇଥିଲା। ପ୍ରଥମେ ଦେବଦଳନ ରଥ ନାକଚଣା ଦ୍ୱାର ସମ୍ମୁଖରେ ଲାଗିଥିଲା। ପରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇ ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ନାକଚଣା ଦ୍ୱାରରେ ପହଞ୍ଚିଥିଲା। ତେବେ ଅସରାଏ ବର୍ଷା ଏବଂ ସନ୍ଧ୍ୟା ହୋଇଯିବାରୁ ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯାଇ ପାରିନାହିଁ। ଗୁରୁବାର ସକାଳ ୯ଟାରେ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଖଣିରୁ ଅତଡ଼ା...

ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାମ ଆରମ୍ଭ ହୋଇଥିଲା। ଘଞ୍ଚ ଜଙ୍ଗଲ ଭିତରେ ପାଦରେ ଚାଲି ଯିବାକୁ ପଡୁଥିବାରୁ ପ୍ରାୟ ୬ ଘଣ୍ଟାର କଠିନ ପରିଶ୍ରମ ପରେ ଉଦ୍ଧାର କାର୍ଯ୍ୟ ଶେଷ ହୋଇଥିଲା। ୩ଟି ମୃତଦେହକୁ ଅତଡ଼ା ଭିତରୁ ବାହାର କରାଯାଇ ବୁଧବାର ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଯୋଡ଼ା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ଏଭଳି ବିପଦପୂର୍ଣ୍ଣ ସ୍ଥାନରେ ଏହି ନିରୀହ ଶ୍ରମିକଙ୍କୁ ଆଣି କିଏ କାମରେ ଲଗାଇଥିଲା, କେବେଠାରୁ ଏଠାରେ ବେଆଇନ୍ ଖଣି ଖନନ କରାଯାଇ ମାଙ୍ଗାନିଜ ଉତ୍ତୋଳନ କରାଯାଉଥିଲା ଓ ଘଟଣାରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି; ଏ ସଂକ୍ରାନ୍ତରେ ପୁଲିସ ଖୋଳତାଡ଼ ଆରମ୍ଭ କରୁଛି। ମୃତକଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ବିଚାକୁଣ୍ଡି ମୁଣ୍ଡା ବସ୍ତିର ସରୋଜ ମୁଣ୍ଡା ଓରଫ୍ ଡେଙ୍ଗରା ନାମକ ଜଣେ ବ୍ୟକ୍ତି ଏମାନଙ୍କୁ ନେଇ ଏହି ଚୋରା ଖନନ କାମରେ ଲଗାଇଥିଲା। ଘଟଣା ପରଠାରୁ ସରୋଜ ଫେରାର ଥିବା ସେମାନେ କହିଛନ୍ତି। ତାକୁ ଧରିବା ସହ ମୃତକଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। ଏହି ପରିତ୍ୟକ୍ତ ଖଣିରେ ପ୍ରଚୁର ପରିମାଣରେ ଉଚ୍ଚ ମାନର ମାଙ୍ଗାନିଜ ଗଚ୍ଛିତ ରହିଛି, ଯାହାର ବଜାର ମୂଲ୍ୟ କୋଟି କୋଟି ଟଙ୍କା ହେବ। ଏହି ଘଟଣା ସାମ୍ନାକୁ ଆସିବା ପରେ ଖଣି ଅଞ୍ଚଳରେ କିପରି ବେଆଇନ୍ ଖଣିଜ ଉତ୍ତୋଳନ କାର୍ଯ୍ୟ ଚାଲିଛି ତାହା ଉନ୍ମୋଚିତ ହୋଇଛି। ମୂଲ୍ୟବାନ ଲୌହ ଓ ମାଙ୍ଗାନିଜ ପଥର ଚୋରା ଚାଲାଣ କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି ଖଣି ମାଫିଆ। ଏହି ଘଟଣା ଖଣି ବିଭାଗ, ବନ ବିଭାଗ ଓ ପୁଲିସ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।


**WANTED**

ବୟସ୍କ ଲୋକ କେୟାର,
ବେବିକେୟାର ଓ ରୋଷେଇ,
ଘର କାମ ପାଇଁ ତିନିଜଣ ମହିଳା
ଆବଶ୍ୟକ, ଭଲ ଦରମା ମିଳିବ
**6370964966**

**AFFIDAVIT**

By virtue of an affidavit Sl. No.-379, dtd. 24.06.2025 before Notary Public, Bhubaneswar, I , Dhiren Kumar Nayak have changed my name from Diran Kumar Nayak to Dhiren Kumar Nayak. Henceforth I shall be known as **Dhiren Kumar Nayak** for all purposes.

Sd/- Dhiren Kumar Nayak

**AFFIDAVIT**

I, Punam Agarwal, D/o.: Dillip Agrawal, resident of At: Bazarpada (Madanmohanpada), PO./P.S./Dist.: Angul, PIN-759122, Odisha, declare by this affidavit No.: 1846, dated-19/06/2025, that now onwards I shall be known as **POONAM AGRAWAL** for all future purposes.

**AFFIDAVIT**

By virtue of an affidavit Sworn before Notary Public, Salipur on dated 1st July 2025. I, Mr. Srikanta Malik, S/o- Sindhunath Malik, Resident of Village : At/Po-Mahakalpada, Dist-Jajpur, Pin-754214 , State-Odisha , I have changed my minor sons name from "S.S Shriansh" to "Shriansh Malik". Henceforth, He shall be known as **"Shriansh Malik "** for all Purpose.

Srikanta Malik

**AFFIDAVIT**

By virtue of an affidavit before the Executive Magistrate, Jajpur. I, Manasi Nath of Vill.- Jafarpur, P.O.- Adanga Purusottampur, P.S.- Jajpur Sadar, Dist.- Jajpur, Odisha, do hereby declare that my son's actual name is Jyoti Ranjan Nath mentioned in his Birth Certificate But in his Aadhar card wrongly mentioned as Jotirajan Natha. Henceforth he shall be known as **Jyoti Ranjan Nath** for all purposes.

Sd/- Manasi Nath

**AFFIDAVIT**

By virtue of an affidavit before The Notary Public, Titilagarh, on dated-01/07/2025. I, **Biranchi Gahir** (Applicant name), Son of Rushi Gahir, Permanent resident of At- Arshatula, P.O. Parasara, P.S. Sindhekela, Dist. Balangir, (Odisha), PIN- 767035 now residing at the same place affirm that I have changed my minor daughter's name from **Laps Mudra** (old name) To **Lopamudra Gahir** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Lopamudra Gahir** (new name).

**Biranchi Gahir**

**AFFIDAVIT**

By virtue of an affidavit sworn before Executive Magistrate, Banpur, dated 30/06/2025 I, Jogendra Bariki, S/o- Chintamani Bariki of Address At-Sarubaripadar, Po/Ps-Banpur, Dist.- Khordha declare that I have changed my name from Jogendra Barik to Jogendra Bariki. Henceforth, I shall be known as **Jogendra Bariki** for all purposes.

**AFFIDAVIT**

I, Subhashree Mohapatra, aged about 46 years, W/o-Ranjit Mahapatra, resident of At- Ainipur, Po-Kalarabank, Ps-Kishannagar, Dist-Cuttack, Odisha, Pin-754298 declare by this affidavit No. 1262, dtd-02/07/2025, that now onwards I shall be known as **SHUBHASHREE MOHAPATRA** for all future purposes.

**AFFIDAVIT**

**By virtue of an affidavit sworn before Executive Magistrate, Bhubaneswar, CF NO: 99, on Dated 01.07.2025, I, SASMITA PADHY, D/o Late Raghunath Panda, W/o Nilamadhab Padhy resident of HIG-1, BDA Duplex Phase-1, Pokhariput Bhubaneswar, Khorda, Pin - 751020, I have changed my name from SASMITA PANDA (Old Name) to SASMITA PADHY (New Name). Henceforth, I shall be known as SASMITA PADHY for all purposes.**

**Sd- SASMITA PADHY**

**AFFIDAVIT**

By virtue of an affidavit before Tahasildar cum Executive Magistrate laxmipur No 676, dated 26.06.2025, I Sri Ranjit Kumar Mahanandia, S/o Kamdeba Mahanandia, Village - Sarisapadar, Po. - Toyaput, PS - Laxmipur, Dist - Koraput, Odisha declare that I have changed my son's name from **Pritam Mahanandia** to **Subham Mahanandia**. Hence forth he will be known as **Subham Mahanandia** for all purposes.

**AFFIDAVIT**

I NEHA PATEL , W/o NAVEEN PATEL, resident of MAHATAMA GANDHI ROAD, Po / PS -Jeypore, Dt-Koraput, odisha -764 001, Odisha declare by this Affidavit No.,2932, Dated -02/07/2025,that now onwards I shall be known as **NEETA PATEL** for all future purpose.

**AFFIDAVIT**

I, Ranjit Mohapatra, aged about 50 years, S/o-Ramachandra Mahapatra, resident of At- Ainipur, Po-Kalarabank, Ps-Kishannagar, Dist-Cuttack, Odisha, Pin-754298 declare by this affidavit No. 1263, dtd-02/07/2025, that now onwards I shall be known as **RANJIT MAHAPATRA** for all future purposes.

**AFFIDAVIT**

By virtue of an affidavit sworn before The Notary Public, Dharmasala, Jajpur on dated-01/07/2025. I, **Sabita Malla,** aged about 51 years, W/o-Bijaya Malla, permanent resident of At- Purusottampur, PO- Gatanai, PS- Marshaghai, Dist- Kendrapara, Odisha, PIN-754141 declare that I have changed my minor son's name from **Asutosha Malla** (old name) To **Ashutosh Malla** (new name). Henceforth, he shall be known as **Ashutosh Malla** (new name) for all future purposes.

**Sabita Malla**

OFFICE OF THE PRINCIPAL
**PANCHAYAT SAMITI DEGREE COLLEGE**
AT/P.O.: BANGOMUNDA, DIST. BALANGIR (ODISHA) 767040
Mob: 9078208298

**CANCELLATION OF TENDER CALL NOTICE**

The Tender Call Notice published on Odia daily 'The Sakala' on dated 1st June 2025 for supply of IT Infrastructure hereby cancelled due to some un-avoidable reason.

Sd/- Principal,
P.S. Degree College, Bangomunda

**THE SAMBALPUR DISTRICT CO-OPERATIVE CENTRAL BANK**
HEAD OFFICE: BARGARH - 768028
SDCCB
Email: headoffice@sambalpurdccb.com

**Quotation Call Notice**

The Sambalpur District Co-operative Central Bank (SDCCB) invites Quotation call notice for purchase of Saleable & Non-Saleable articles for Branches & H.O. under the Sambalpur District Co-Operative Central Bank Ltd. (SDCCB), Bargarh, Odisha.

For details please visit Bank's website: **www.sambalpurdccb.com**. The last date for receipt of proposal is **11.07.2025 at 3.00 PM.**

SDCCB reserves the right to accept/reject any/all Quotation without assigning any reason thereof.

Sd/-Chief Executive Officer

**RAISUAN HIGHER SECONDARY SCHOOL**
AT/P.O.-RAISUAN, DIST-KEONJHAR

**WALK-IN INTERVIEW**

A walk-in-interview will be held in the college premises for the Contractual Engagement for the post of 1 no of **Peon, One Lady Attendant, and one Night Watchman** on **dt. 12.07.2025 (Saturday).** The interested candidates having minimum 8th pass may attend the same with all relevant testimonials. Preference will be given to Retired and Experienced candidates.

Sd/-Principal
Raisuan Higher Secondary School
Raisuan

GOVERNMENT OF ODISHA, DEPARTMENTOF WATER RESOURCES — A-355
Office of the Addl. Chief Engineer, Mechanical Circle, Bhubaneswar
Email Address: semechcircle104@gmail.com
e-Procurement Notice- Bid Identification No.- ACEM/MDB-24/2025-26

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : ACEM/MDB-24/2025-26 |
| 5. | Estimated Cost | : Rs. 13,55,851/- |
| 6. | Period of Completion | : 02 (Two) calendar months. |
| 7. | Date & time of availability of bid documents in the Portal | : From dt.03.07.2025 (10.00 AM) to dt.14.07.2025 (5.30 PM) |
| 8. | Last date/ time for receipt of bid In the Portal | : dt.14.07.2025 (up to 5.30 PM) |
| 9. | Date and Place of opening of Bid | : dt.15.07.2025 (12.00 Noon onwards in the O/O the undersigned) |
| 10. | Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

OIPR-32405/11/0078/2526 — Addl. Chief Engineer, Mechanical Circle Bhubaneswar

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAOCRSPBBS-11-2025, ତା.23.06.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ହାଓଡ଼ା - ବିଶାଖାପାଟଣା ମେନ୍ ଲାଇନରେ ସୁର୍ଲା ରୋଡ଼ - ଇଚ୍ଛାପୁରମ ଷ୍ଟେସନ ମଧ୍ୟରେ ରେଲୱେ କି.ମି. 622/1-3 ଠାରେ ଲେଭେଲ୍ କ୍ରସିଙ୍ଗ୍ ନଂ. 326 ପରିବର୍ତ୍ତେ ରୋଡ଼ ଓଭର ବ୍ରିଜ୍ (ROB) (1 X 36.0 ମିଟର କମ୍ପୋଜିଟ୍ ଗର୍ଡ୍ଡର + 2 X 24.0 ମିଟର କମ୍ପୋଜିଟ୍ ଗର୍ଡ୍ଡର + 4 X 14.5 ମିଟର T-Beam ଗର୍ଡ୍ଡର)ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 6126.73 ଲକ୍ଷ, EMD : ₹ 32,13,400/-

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAOCRSPBBS-12-2025, ତା.26.06.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ହାଓଡ଼ା - ବିଶାଖାପାଟଣା ମେନ୍ ଲାଇନରେ ମନ୍ଦସା - ବାରୁଆ ଷ୍ଟେସନ ମଧ୍ୟରେ ରେଲୱେ କି.ମି. 655/25-27 ଠାରେ ଲେଭେଲ୍ କ୍ରସିଙ୍ଗ୍ ନଂ. 353 ପରିବର୍ତ୍ତେ ରୋଡ଼ ଓଭର ବ୍ରିଜ୍ (ROB) (1 X 36.0 ମିଟର କମ୍ପୋଜିଟ୍ ଗର୍ଡ୍ଡର + 2 X 24.0 ମିଟର କମ୍ପୋଜିଟ୍ ଗର୍ଡ୍ଡର + 4 X 18.75 ମିଟର T-Beam ଗର୍ଡ୍ଡର)ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 6121.34 ଲକ୍ଷ, EMD : ₹ 32,10,700/-

କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ (ଉଭୟ କ୍ରସ ସଂଖ୍ୟା ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.07.2025ରିଖ 1500 ଘଟିକାରେ (ଟେଣ୍ଡର ସଂ. 1 ନିମନ୍ତେ) ଏବଂ ତା.29.07.2025ରିଖ 1500 ଘଟିକାରେ (ଟେଣ୍ଡର ସଂ. 2 ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଯ୍ୟୁକ୍ତ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G & G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ / ନିର୍ମାଣ / RSP / ଭୁବନେଶ୍ୱର

PR-49/CI/25-26

## ଚୌଦ୍ୱାର ପୌରପାଳିକା ଓ ଏନ୍‌ଏଚ୍‌ଏଆଇର ଖାମଖିଆଲି ନୀତି

# ଜଳବନ୍ଦୀ ଅବସ୍ଥାରେ ଚୌଦ୍ୱାର ଅଞ୍ଚଳବାସୀ

ଚୌଦ୍ୱାର, ୨୭(ସମିସ)



ପ୍ରଶାସନ ଏବଂ ଏନଏଚଏଆଇର ଖାମଖିଆଲି ନୀତି ଯୋଗୁଁ ନାହିଁ ନ ଥିବା ହଇରାଣ ହେଉଛନ୍ତି ଚୌଦ୍ୱାର ଅଞ୍ଚଳବାସୀ। ଦୀର୍ଘଦିନ ଧରି ନାଳନର୍ଦ୍ଦମା ପାଣି ଘେରରେ ଜଳବନ୍ଦୀ ଜୀବନ ବିତାଉଥିଲେ ମଧ୍ୟ ଏଯାଏ କାହାରି ନଜର ପଡୁ ନଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ସ୍ଥାନୀୟବାସିନ୍ଦା। ବିଶେଷ କରି ଚୌଦ୍ୱାରବାସୀଙ୍କ ପାଇଁ ଅଧିକ ଦୁଃଖ ଆଣି ଦେଇଛି ୫୫ନମ୍ବର ଜାତୀୟ ରାଜପଥ। ବର୍ତ୍ତମାନ ଏହି ରାସ୍ତା ସମ୍ପ୍ରସାରଣ ଚାଲିଥିବାବେଳେ କେବେ ଶେଷ ହେବ ସେ ନେଇ କେହି ବି କହିପାରୁନାହାନ୍ତି। ଯାହାଫଳରେ ଅଧାପନ୍ତରିଆ ରାସ୍ତା ଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟିବା ଭଳି ଘଟଣା ଦେଖିବାକୁ ମିଳୁଛି। ତେବେ ଦୁର୍ଘଟଣାରୁ ଅଧିକ ଯନ୍ତ୍ରଣା ଦେଉଛି ନର୍ଦ୍ଦମା ପାଣି। ଜାତୀୟରାଜପଥ ପାର୍ଶ୍ୱରେ ବର୍ଜ୍ୟଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ହୋଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇ ନାହିଁ। ବିଭିନ୍ନ ସ୍ଥାନରେ ଡ୍ରେନେଜ କାମ ହୋଇ ନ ଥିବାରୁ ସହରର ବର୍ଜ୍ୟଜଳ ଡ୍ରେନ ଦ୍ୱାରା ପ୍ରବାହିତ ହୋଇ ଯେଉଁଠାରେ ଡ୍ରେନ ନାହିଁ ସେଠାରେ ରାସ୍ତା ଉପରେ ପ୍ରବାହିତ ହେବା ସହ ଜନବସତି ଗୁଡ଼ିକରେ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଏହି ବର୍ଜ୍ୟଜଳ ଯୋଗୁଁ ଚୌଦ୍ୱାର ମହାବିଦ୍ୟାଳୟ ନିକଟରେ ୧୭ ନମ୍ବର ୱାର୍ଡରେ ଥିବା ଜନବସତିରେ ଏହି ନର୍ଦ୍ଦମାପାଣି ଜମା ହୋଇ ରହୁଛି ଏପରିକି ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚତାର ନର୍ଦ୍ଦମା ପାଣି ରହିବା ଯୋଗୁଁ ଲୋକଙ୍କ ଘରେ ଏହି ନର୍ଦ୍ଦମା ପାଣି ପ୍ରବେଶ କରୁଛି। ଯାହା ଦ୍ୱାରା ଲୋକେ ଘରୁବାହାରି ନ ପାରିବା ଯୋଗୁଁ ଏକ ପ୍ରକାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ବିଶେଷ କରି ୧୭ ନମ୍ବର ୱାର୍ଡ ଧୁମାବତୀ ବିହାର, ଶ୍ରୀସାଇ ବିହାର ଅଞ୍ଚଳ ୪୦୦ରୁ ଊର୍ଦ୍ଧ୍ୱ ପରିବାର ଅଧିକ ପ୍ରଭାବିତ ହେଉଛନ୍ତି। ଏହି ଅଞ୍ଚଳବାସୀ ପୌରପାଳିକାକୁ ସବୁଠୁ ଅଧିକ ହୋଲଡିଂ ଟିକସ ଦେଉଥିଲେ ମଧ୍ୟ ଅଧିକ ଅବ୍ୟବସ୍ଥାରେ ରହିଛନ୍ତି। ସେହିଭଳି ଜାତୀୟ ରାଜପଥ ପାର୍ଶ୍ୱରେ ନିର୍ମାଣ ହୋଇଥିବା ଡ୍ରେନ ଲେଭଲ ଠିକ ଭାବେ ନ ଥିବାଯୋଗୁଁ ଜନବସତିରୁ ନିଷ୍କାସିତ ହେବାକୁ ଥିବା ବର୍ଜ୍ୟଜଳ ଓଲଟା ପ୍ରବେଶ କରୁଛି। ପୁନଶ୍ଚ ସୁଭପର କଲୋନୀଠାରୁ ଧୁମାବତୀ ମନ୍ଦିର ପର୍ଯ୍ୟନ୍ତ ପୌରପାଳିକା ପକ୍ଷରୁ ସ୍ୱତନ୍ତ୍ର ଡ୍ରେନ କରାଗଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ସମ୍ପ୍ରତି ଚାରିଆଡେ ଝାଡ଼ାବାନ୍ତି ଭଳି ସଂକ୍ରାମକ ରୋଗ ଯୋଗୁଁ ଏବେ ଜନସାଧାରଣ ଆତଙ୍କିତ ରହୁଥିବାବେଳେ ଏହି ଅଞ୍ଚଳରେ ନର୍ଦ୍ଦମା ପାଣି ଯୋଗୁଁ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଆଦି ବ୍ୟାପିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଚୌଦ୍ୱାର ଅଞ୍ଚଳବାସୀ ରାଜପଥ ପାର୍ଶ୍ୱରେ ଥିବା ସମସ୍ତ ଡ୍ରେନେଜ ଗୁଡ଼ିକ ଶେଷ କରିବାକୁ ଦାବି କରୁଥିଲେ ମଧ୍ୟ ଏନଏଚଏଆଇ କର୍ତ୍ତୃପକ୍ଷ ଅତ୍ୟନ୍ତ ବେପରୁଆ ଭାବେ ପକାଇ ରଖୁଛି। ଫଳରେ ବର୍ଜ୍ୟଜଳ ନିଷ୍କାସନ ହେବାରେ ସମସ୍ୟା ସୃଷ୍ଟି ହେଉଥିବା କୁହାଯାଉଛି। ଅନ୍ୟପକ୍ଷରେ ଚୌଦ୍ୱାର ପୌର କର୍ତ୍ତୃପକ୍ଷ ମଧ୍ୟ ଜଳବନ୍ଦୀ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଶହ ଶହ ପରିବାର ଏଭଳି ସମସ୍ୟା ଭୋଗ କରୁଥିବାବେଳେ ଚୌଦ୍ୱାର ପୌରପାଳିକା, ଜନସ୍ୱାସ୍ଥ୍ୟ ବିଭାଗ କାହାରି ନଜର ନାହିଁ। ଏନେଇ ତ୍ୱରିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

● ବ୍ରହ୍ମକ୍ଷେତ୍ରରେ ହେରା ପଞ୍ଚମୀ

## ମା' ଲକ୍ଷ୍ମୀ ଭାଙ୍ଗିଲେ ଜଗନ୍ନାଥଙ୍କ ରଥ



ନିଶ୍ଚିନ୍ତକୋଇଲି, ୨୭(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ପାଠ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରା ୫ମ ଦିନରେ ହେରାପଞ୍ଚମୀ ପାଳିତ ହୋଇଛି। ଶ୍ରୀମନ୍ଦିରରେ ମା' ଲକ୍ଷ୍ମୀଙ୍କୁ ଛାଡ଼ିଦେଇ ମହାପ୍ରଭୁ ଭଗିନୀ ସୁଭଦ୍ରାଙ୍କୁ ସାଥିରେ ନେଇ ରଥରେ ଚଢ଼ି ଗୁଣ୍ଡିଚା ମନ୍ଦିରକୁ ଆସିଛନ୍ତି। ଏଭଳି ସ୍ଥିତିରେ ମା' ଲକ୍ଷ୍ମୀ ଜଗନ୍ନାଥଙ୍କ ଉପରେ ରୋଷ କରି ଶ୍ରୀମନ୍ଦିର ଛାଡ଼ି ଗୁଣ୍ଡିଚା ମନ୍ଦିରକୁ ଆସି ଜଗନ୍ନାଥଙ୍କ ସହ ଝଗଡ଼ା କରି ଫେରିବା ବାଟରେ ମହାପ୍ରଭୁଙ୍କ ରଥ ଭାଙ୍ଗିଦେଇ ଚାଲିଯାଇଛନ୍ତି। ଶ୍ରୀଜୀଉଙ୍କ ପୂଜକମାନଙ୍କ ଦ୍ୱାରା ପ୍ରଥାଗତ ମା'ଲକ୍ଷ୍ମୀଙ୍କର ବିଭିନ୍ନ ରୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ରାତିରେ ସୁସଜ୍ଜିତ ବିମାନରେ ମା' ଲକ୍ଷ୍ମୀଙ୍କୁ ଜଗନ୍ନାଥଙ୍କ ନିକଟକୁ ନିଆଯାଇ ପାରମ୍ପରିକ ଗ୍ରନ୍ଥ 'ମାନବର' କୁଳପୁରୋହିତ ବନବିହାରୀ ମିଶ୍ରଙ୍କ ଦ୍ୱାରା ପଠନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରେ ମା' ଲକ୍ଷ୍ମୀ ଶ୍ରୀମନ୍ଦିରକୁ ଫେରିବା ବାଟରେ ରଥ ଭାଙ୍ଗି ଦେଇ ଚାଲିଯାଇଥିଲେ। ମ୍ୟାନେଜିଂ ଟ୍ରଷ୍ଟି ଧିରେନ୍ଦ୍ରନାଥ ବେହେରା, ରାଜେନ୍ଦ୍ର ମୋହନ କର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମସ୍ତ ପୂଜା ପଣ୍ଡା ଯୋଗ ଦେଇଥିଲେ।

● ବାଲେଶ୍ୱର ଓ ମୟୂରଭଞ୍ଜରେ ବନ୍ୟା ସ୍ଥିତି

## ୧୦ହଜାର ଲୋକଙ୍କୁ ଉଦ୍ଧାର କଲା ଓଡ୍ରାଫ ଟିମ

କଟକ, ୨୭(ସମିସ): ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଏବଂ ଜଳକା ଭଳି ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି ପରେ ବନ୍ୟା ପରିସ୍ଥିତି ଦେଖାଯାଇଛି। ଏଥିପାଇଁ ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ ଫୋର୍ସ (ଓଡ୍ରାଫ) ବନ୍ୟା ପ୍ରଭାବିତ ଉଭୟ ଜିଲ୍ଲାରେ ବ୍ୟାପକ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ନିରନ୍ତର ନିୟୋଜିତ ହୋଇଛି। ମୟୂରଭଞ୍ଜରେ ୬ଟି ଦଳ ଏବଂ ବାଲେଶ୍ୱରରେ ୫ଟି ଦଳ ମୁତୟନ କରାଯାଇଛି। ଡିଆଇଜି (ପୂର୍ବାଞ୍ଚଳ ରେଞ୍ଜ) ଡ.ସତ୍ୟଜିତ ନାଏକଙ୍କ ତତ୍ତ୍ୱାବଧାନରେ ଏହି ଓଡ୍ରାଫ ଟିମ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଛନ୍ତି। ଉଭୟ ଜିଲ୍ଲାର ୧୮ଟି ବ୍ଲକରୁ ଅଦ୍ୟାବଧି ୮୧୯୧ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନରେ ଥଇଥାନ କରାଯାଇଛି। ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ଭୋଗରାଇ, ବସ୍ତା, କମର୍ଦ୍ଦା, ସିଙ୍ଗଳା ଆଦି ଅଞ୍ଚଳର ୨ ହଜାରରୁ ଅଧିକ ସ୍ଥାନୀୟ ବାସିନ୍ଦାଙ୍କୁ ଜଳ ଘେରରୁ ଉଦ୍ଧାର କରାଯାଇଛି। ସେହିପରି ମୟୂରଭଞ୍ଜ ଜିଲ୍ଲାର ସାରସକଣା, ରସଗୋବିନ୍ଦପୁର, ବଡସାହି, ବେତନଟୀ ଏବଂ ବାରିପଦା ଅଞ୍ଚଳର ୬ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନରେ ଛଡାଯାଇଛି।



## ନିର୍ମାଣକୁ ମାସେ ପୂରିନି; ରାସ୍ତା ଫାଟିଲା



କିଶନନଗର, ୨୭(ସମିସ): ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ସୋମପୁର-କିଶନନଗର ୭ କିମି ରାସ୍ତାର ପ୍ରଶସ୍ତିକରଣ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିଲା। ଗତ ଜାନୁଆରୀ ମାସରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏହି ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ହେଲେ ଏହି ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏବେ କେତେକ ସ୍ଥାନରେ ରାସ୍ତା ଦବିଯିବାରୁ ପିଚୁ ଫାଟି ଆଁ କଲାଣି। ରାସ୍ତାର ନିର୍ମାଣ ସମୟରେ ପୁରୁଣା ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ପିଚୁ ଖୋଳି ଦିଆଯାଇ ନୂତନ ଭାବେ ପିଚୁ କରାଯାଇଥିଲା। ରାସ୍ତାର ପ୍ରଶସ୍ତିକରଣ ପାଇଁ ଦୁଇ ପାର୍ଶ୍ୱରେ ମାଟି ପକାଯାଇଛି। କିନ୍ତୁ ଉକ୍ତ ମାଟି ସେହି ରାସ୍ତା ପାର୍ଶ୍ୱରୁ ଖୋଳାଯାଇଛି। ଯାହା ଦ୍ୱାରା ରାସ୍ତା ପାର୍ଶ୍ୱରେ ଗର୍ତ୍ତ ସୃଷ୍ଟି ହୋଇଛି। ତାହା ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ସୃଷ୍ଟି କରୁଛି। ବର୍ଷାଦିନ ଆରମ୍ଭରୁ ଅସରାଏ ବର୍ଷା ହେବା ପରେ ରାସ୍ତା କଡ଼ ମାଟି ଧୋଇ ହୋଇ ରାସ୍ତାର ଦୁଇ ପାର୍ଶ୍ୱରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଉକ୍ତ ରାସ୍ତାରେ ପ୍ରତ୍ୟେକ ଦିନ କିଶୋରନଗର ସାପ୍ତାହିକ ହାଟ, ଦୈନିକ ବଜାର, ତହସିଲ କାର୍ଯ୍ୟାଳୟ, କଲେଜ, ଡାକ୍ତରଖାନା, ବ୍ୟାଙ୍କ, ଡାକ ଘର, ଥାନା ଆଦିକୁ ବିଭିନ୍ନ କାର୍ଯ୍ୟରେ ଶହ ଶହ ଲୋକେ ଯାତାୟତ କରିଥାନ୍ତି। ଦୁର୍ଘଟଣା ହେବା ଆଶଙ୍କା ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

## ନାଗରିକ ମଞ୍ଚର ଆଇନ ସଚେତନତା

ନିଶ୍ଚିନ୍ତକୋଇଲି, ୨୭(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ତରତ ଠାରେ ମା' ହରଚଣ୍ଡୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଞ୍ଚ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସଭାପତି ଶରତଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଏଥିରେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ, ଆଇନଜୀବୀ ଜିତେନ୍ଦ୍ର ମିଶ୍ର, ସେବା ନିବୃତ୍ତ ପୁଲିସ ଡ଼ିଏସପି ରତ୍ନାକର ଦାସ ପ୍ରମୁଖ ପାରିବାରିକ ହତାଦରରୁ ରକ୍ଷା ପାଇବା, ଜମିଜମା ସଂକ୍ରାନ୍ତ ସମସ୍ୟାର ସମାଧାନ କରିବା, ସାମାଜିକ ସୁରକ୍ଷା ଓ ବିଭିନ୍ନ ଫୌଜଦାରୀ ଆଇନର ବିଭିନ୍ନ ଦିଗ ସମ୍ବନ୍ଧରେ ସଚେତନ କରାଇଥିଲେ। ମଞ୍ଚର ସଭ୍ୟ ଦିଲ୍ଲୀପ କୁମାର ରଥ ଓ ଶରତଚନ୍ଦ୍ର ପ୍ରଧାନ ଆଇନର ସହାୟତା ସଂକ୍ରାନ୍ତରେ ବିଭିନ୍ନ ପ୍ରଶ୍ନ ପଚାରି ତାର ସରଳ ସମାଧାନ ପାଇଁ ସହଯୋଗ ଲୋଡ଼ିଥିଲେ। ସଭ୍ୟ ଦେବବ୍ରତ ପଣ୍ଡା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲା ବେଳେ ଉପସଭାପତି ଅଜୟ କୁମାର ମଲ୍ଲ ଏହି ଶିବିରର ଲକ୍ଷ୍ୟ ଓ ଆଭିମୁଖ୍ୟ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଭରତଚନ୍ଦ୍ର ସାହୁ, ପ୍ରହ୍ଲାଦ ସେଠୀ, ଶିବପ୍ରସାଦ ପଣ୍ଡା, ପ୍ରତାପ କିଶୋର ମହାନ୍ତି, ବଟକୃଷ୍ଣ ସ୍ୱାଇଁ, ଶତ୍ରୁଘ୍ନ ରାଉଳ, ରଘୁନାଥ ଶତପଥୀ, ଅନିରୁଦ୍ଧ ମହାନ୍ତି, ପ୍ରହ୍ଲାଦ ଜେନା, ନିମାଇଁ ଚରଣ ରାଉତ, ମନମୋହନ ଦାସ ଉପସ୍ଥିତ ଥିଲେ।

## ବିଧାୟକଙ୍କ ଦ୍ୱାରା ଉନ୍ନୟନ କାର୍ଯ୍ୟର ସମୀକ୍ଷା

ନିଶ୍ଚିନ୍ତକୋଇଲି, ୨୭(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ମାହାଙ୍ଗା ବ୍ଲକର ୩୭ଟି ପଞ୍ଚାୟତ ଓ ନିଶ୍ଚିନ୍ତକୋଇଲି ବ୍ଲକର ୨୭ଟି ପଞ୍ଚାୟତ ମୋଟ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୬୪ଟି ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଛି। ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅଶୋକ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଯୋଗଦେଇ ଅନ୍ତୋଦ୍ୱୟ ଗୃହ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ସମ୍ପୃକ୍ତି କରିବା, ବିଧାୟକ ଉନ୍ନୟନ ପାଣ୍ଠିରେ ହେଉଥିବା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଏବଂ ବ୍ଲକର ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ ସଂକ୍ରାନ୍ତରେ ସମୀକ୍ଷା କରିଥିଲେ। ଦଳମତ ନିର୍ବିଶେଷରେ ସରକାରୀ ଯୋଜନାରେ ଯେଭଳି ସମସ୍ତେ ଉପକୃତ ହେବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ରଙ୍କ ସମେତ ଉଭୟ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ପଞ୍ଚାୟତ ଅଧିକାରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ସାଲେପୁର, ୨୭(ସମିସ): ସାଲେପୁର ହାଇସ୍କୁଲ ଆଲୁମନି ଆସୋସିଏସନ୍ ପକ୍ଷରୁ ସ୍କୁଲର କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସାଲେପୁର ହାଇସ୍କୁଲ ଆଲୁମନି ଆସୋସିଏସନ୍‌ର ସଭାପତି ମିହିର କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ରୂପେ ଚଳିତ ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟର ୩ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଯୁବ ସମାଜସେବୀ ନନ୍ଦକିଶୋର ଭୂୟାଁ, ସାଲେପୁର କଲେଜର ପୂର୍ବତନ ଅଧ୍ୟକ୍ଷ ହଳଧର ସାହୁ, ଉମେଶଚନ୍ଦ୍ର ପତି, ଆଲୁମନି ଆସୋସିଏସନ୍ ସମ୍ପାଦକ ତ୍ରିଲୋଚନ ଶତପଥି, ସାଲେପୁର ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀକାନ୍ତ, ଶିକ୍ଷକ ବିଜୟ ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପୁରାତନ ଛାତ୍ର ସମ୍ବିତ୍ ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ଆଲୁମନି ଆସୋସିଏସନ୍‌ର ବହୁ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ରାସ୍ତା ବନ୍ଦ; ଘରୁ ବାହାରି ପାରୁନାହାନ୍ତି ପରିବାର



ଭଦ୍ରେଶ୍ୱର, ୨୭(ସମିସ): ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଗୋତରା ଗ୍ରାମପଞ୍ଚାୟତ ପ୍ରହରାଜପୁର ଗ୍ରାମରେ ରାସ୍ତା ଅବରୋଧ ଯୋଗୁଁ ଗୋଟିଏ ପରିବାର ୪ ଦିନ ହେଲା ଘରୁ ପଦାକୁ ବାହାରି ପାରୁ ନ ଥିବାର ଅଭିଯୋଗ ହୋଇଛି। ଏ କ୍ଷେତ୍ରରେ ଭଦ୍ରେଶ୍ୱର ଥାନା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରହରାଜପୁର ଗ୍ରାମର ମନୋଜ ବେହେରାଙ୍କ ଘର ଯିବା ଆସିବା କରିବା ରାସ୍ତାରେ ତାଙ୍କର ପଡୋଶୀ ଉଦ୍ଦେଶ୍ୟମୂଳକ ଭାବେ ରାସ୍ତା ଉପରେ ବାଲି ଗଦା କରିଥିବାର ଅଭିଯୋଗ ହୋଇଛି। ଫଳରେ ୪ଦିନ ହେଲା ତାଙ୍କ ପରିବାର ଘରୁ ପଦାକୁ ବାହାରି ପାରୁ ନ ଥିବାର ଅଭିଯୋଗ ହୋଇଛି। ଏପରିକି ତାଙ୍କର ପୁତ୍ର ଓ କନ୍ୟା ବିଦ୍ୟାଳୟକୁ ଯାଇ ପାରୁ ନ ଥିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମନୋଜ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାର ଅଭିଯୋଗ ହୋଇଛି। ପୁଲିସ ପ୍ରଶାସନ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦୃଢ଼ ଦାବି ହୋଇଛି।

● ପୁଲିସ ନିରବଦ୍ରଷ୍ଟା

## ଷ୍ଟେଟ୍ ବ୍ୟାଙ୍କ୍ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର

ସାଲେପୁର, ୨୭(ସମିସ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ୭୦ତମ ପ୍ରତିଷ୍ଠା ଦିବସ ଅବସରରେ ସାଲେପୁର ବ୍ଲକ ଅନ୍ତର୍ଗତ ଗୋପିନାଥପୁର ଶାଖା କାର୍ଯ୍ୟାଳୟ ଆନୁକୂଲ୍ୟରେ ଶୁଶ୍ରୁତ ହସ୍ପିଟାଲ ଭୁବନେଶ୍ୱର ଓ ବାସୁଦେବ ହାଇଗ୍ଲୋସିସ୍‌ର ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ କଟକ ଆଞ୍ଚଳିକ କାର୍ଯ୍ୟାଳୟ ଋଣ ବିଭାଗ ମୁଖ୍ୟ ନୀଳକଣ୍ଠ ବେହେରା ଉଦ୍‌ଘାଟନ କରିଥିଲେ। ଗୋପିନାଥପୁର ଶାଖା ପରିଚାଳକ ସୁଶାନ୍ତ କୁମାର ପାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ୧୭୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିଲା। ଶୁଶ୍ରୁତ ହସ୍ପିଟାଲର ଡାକ୍ତର ସୁବ୍ରତ ମହାନ୍ତି, ଡାକ୍ତର ଏଏମ୍. ପାଢ଼ୀ, ଡାକ୍ତର ଦେବାଶିଷ ସେଠୀ ପ୍ରମୁଖ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ୟାଙ୍କ୍ ପକ୍ଷରୁ ସୌମ୍ୟରଞ୍ଜନ ବେହେରା, ଅଭିଶେକ ସିଂହ, ଗୌତମ ମହାନ୍ତି, ସିଦ୍ଧାର୍ଥ ମିଶ୍ର, ଅବଦୁଲ ଆୟୁବ, ପତିତପାବନ ରାଉତ, ମହେନ୍ଦ୍ର ବିଶ୍ୱାଳ, ପ୍ରକାଶ ରାଉଳ, ମନୋଜ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।





## ଝାରକଟା ଉପ୍ରା ବିଦ୍ୟାଳୟରେ ବନ ମହୋତ୍ସବ

କନ୍ଦରପୁର, ୨୭(ସମିସ): ୪୨ମୌଜା ସ୍ଥାନୀୟ ଝାରକଟା ଉପ୍ରା ବିଦ୍ୟାଳୟରେ ଫୁଲନଖରା ବନାଞ୍ଚଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ୭୬ତମ ବନମହୋତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜିତେନ କୁମାର ଦାଶଙ୍କ ସଭାପତିତ୍ୱରେ ଓ ବନପାଳ ଶ୍ରୀକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସିଆରସିସି ଆରତ ଭଞ୍ଜନ ସାହୁ ମୁଖ୍ୟଅତିଥି ଓ ଏସଏମସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବୃକ୍ଷ ହିଁ ଜୀବନ ବିଷୟରେ ତଥ୍ୟ ଉପସ୍ଥାପନ କରିବା ସହ ସମସ୍ତେ ଚାରାରୋପଣ ମନ୍ତ୍ରରେ ଦୀକ୍ଷିତ ହେବାକୁ ଆହ୍ୱାନ ଜଣାଇଥିଲେ। ବନପାଳ ଧନେଶ୍ୱର ସାହୁ, ଶିଶିର ସାହୁ, ଅନନ୍ୟା ବିଶ୍ୱାଳ, ଶିକ୍ଷୟିତ୍ରୀ ଗୌରୀ ଦେଇ, ମୀନତି ସ୍ୱାଇଁ, ଏସଏମସିର ସଭ୍ୟ ସଭ୍ୟା ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଅଳକା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ବିକାଶ ମହାରଣା ଧନ୍ୟବାଦ ଦେଇଥିଲେ।

## ଫାଇଲେରିଆମୁକ୍ତ ଆଠଗଡ଼ ପାଇଁ କର୍ମଶାଳା

ଆଠଗଡ଼, ୨୭(ସମିସ): ବୁଧବାର ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର, ଭୁବନେଶ୍ୱର ଆନୁକୂଲ୍ୟରେ ଆଠଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ବରିଷ୍ଠ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ମହମ୍ମଦ ଅସଲମଙ୍କ ସଂଯୋଜନାରେ ଫାଇଲେରିଆ ବା ବାତଜ୍ୱର ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟ, ଶିକ୍ଷା, ସଚେତନତା ଓ ଜନଜାଗରଣ ଅଭିଯାନର ଏକ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସସ୍ମିତା ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ ବଳୟ ଦେହୁରୀ, ଉପାଧ୍ୟକ୍ଷ ବି. ଶୁଭ୍ରଶଙ୍କର ଜ୍ୟୋତି, ଆଠଗଡ଼ ସମସ୍ତ ୱାର୍ଡର କାଉନସିଲର, ସ୍ୱଚ୍ଛସାଥୀ, ସ୍ୱାସ୍ଥ୍ୟସାଥୀ ପରିଦର୍ଶିକା ସ୍ୱଚ୍ଛକର୍ମୀ ବିଓଭି (ଚାଳକ) ଇତ୍ୟାଦି ଉକ୍ତ କର୍ମଶାଳାରେ ଯୋଗଦାନ କରିଥିଲେ। ଆଠଗଡ଼ରେ ଫାଇଲେରିଆ ଆକ୍ରାନ୍ତ ଅଧିକ ରହିଥିବାରୁ କିପରି ଆଠଗଡ଼ରୁ ଏହି ରୋଗର ପ୍ରାଦୁର୍ଭାବକୁ ଦୂର କରାଯାଇପାରିବ ବିଭିନ୍ନ ସ୍ଥାନରେ ସଚେତନତା ସହ ମଶାର ବଂଶକୁ କିପରି ନିୟନ୍ତ୍ରଣ କରାଯିବ ଇତ୍ୟାଦି ବିଭିନ୍ନସ୍ତରରେ କାର୍ଯ୍ୟ ଜାରି ରଖାଯାଇଛି। ଏଥି ନିମନ୍ତେ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର, ଭୁବନେଶ୍ୱର ଏକ ୬ ମାସିକ ପ୍ରକଳ୍ପ ହାତକୁ ନେଇ ସମସ୍ତଙ୍କ ସହଯୋଗରେ ପ୍ରଚେଷ୍ଟା ଜାରି ରଖିଛନ୍ତି। ଉକ୍ତ କର୍ମଶାଳାରେ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ରର ପ୍ରକଳ୍ପ ଅନୁସନ୍ଧାନ ବୈଜ୍ଞାନିକ ଅନନ୍ୟା ଅନୁରକ୍ତା ପଟ୍ଟନାୟକ ଓ ସହଯୋଗୀ ମୋନିକା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ।

## ନକଲି ଦେଶୀ ମଦ ପ୍ୟାକେଜିଂ ୟୁନିଟ୍ ଠାବ





ଫୁଲନଖରା, ୨୭(ସମିସ): କଟକ ସଦର ଥାନା ଅନ୍ତର୍ଗତ ଶ୍ରୀକୋରୁଆଁ ଗ୍ରାମରେ ଦେଶୀ ମଦ ପ୍ୟାକେଜିଂ ୟୁନିଟ୍‌କୁ ସଦର ପୁଲିସ ଠାବ କରିବା ସହ ଘଟଣାସ୍ଥଳରୁ ୬୭୦ ଲିଟର ଦେଶୀ ମଦ ଜବତ କରିଛି। ସଦର ପିସିଆର୍ ଭ୍ୟାନ୍ କାଜିପାଟଣା ଅଞ୍ଚଳରେ ରାତ୍ରିକାଳୀନ ପେଟ୍ରୋଲିଂ କରୁଥିବା ସମୟରେ ପ୍ରାୟ ଭୋର ୪ଟା ୩୦ମିନିଟ୍ ସମୟରେ ଶ୍ରୀକୋରୁଆଁ ଗ୍ରାମର ପର୍ଶୁରାମ ନାଏକଙ୍କ ଘରେ ଦେଶୀମଦ ପ୍ୟାକିଂ କରାଯାଉଛି ବୋଲି ବିଶେଷ ସୂତ୍ରରୁ ଖବର ପାଇ ଆଇଆଇସି ପିସିଆର୍‌କୁ ସୂଚନା ଦେଇଥିଲେ। ସୂଚନା ପାଇବା ପରେ ପିସିଆର୍ କର୍ମଚାରୀମାନଙ୍କୁ ଡାକି ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ଭ୍ୟାନ୍‌କୁ ଦେଖି ଘରେ କାମ କରୁଥିବା କିଛି ବ୍ୟକ୍ତି ଛାତରୁ ଡେଇଁ ଖସି ପଳାଇ ଯାଇଥିଲେ। ପୁଲିସ ଚଢ଼ଉ କରି ଘର ଭିତରେ ଦେଶୀ ମଦ ପ୍ୟାକିଂ କରୁଥିବା ଦୁଇଜଣଙ୍କୁ ଧରିବାରେ ସଫଳ ହୋଇଥିଲେ। ଘର ତଲାସୀ ସମୟରେ ୧୨୧ଟି କଳା ରଙ୍ଗର ବ୍ୟାରେଲ୍ ଓ ପ୍ରତ୍ୟେକ ବ୍ୟାରେଲ୍ ଭିତରେ ୫୦ଲିଟର ନକଲି ଦେଶୀମଦ, ୭୦ମିଲିଲିଟର ବିଶିଷ୍ଟ ୧ ହଜାର ଦେଶୀ ମଦ ପାଉଚ୍, ଗୋଟିଏ ପ୍ୟାକିଂ ମେସିନ୍, ୧୦ଟି ଧଳା ରଙ୍ଗର ପଲିଥିନ୍ ପ୍ୟାକେଟ୍, ୧୦ଟି ଖାଲି ବ୍ଲାଡର ଜବତ କରିଥିଲେ। ଏହି ଦେଶୀମଦ ନକଲି ସାମଗ୍ରୀରେ ତିଆରି ହେଉଥିବା ବେଳେ ଯାହାକୁ ପିଇଲେ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ଉଭୟଙ୍କୁ ପଚାରିବାରୁ ଜଣେ ଶ୍ରୀକୋରୁଆଁ ଗ୍ରାମର ପର୍ଶୁରାମ ନାୟକଙ୍କ ପୁଅ ରଞ୍ଜନ ନାୟକ ଏବଂ ଅନ୍ୟ ଜଣେ ୪୨ ମୌଜାର କାର୍ତ୍ତିକ ଭୋଇଙ୍କ ପୁଅ ସାଗର ଭୋଇ ବୋଲି ପରିଚୟ ଦେଇଥିଲେ। ମଦ ତିଆରି କରିବା ପାଇଁ କୌଣସି ସରକାରୀ କାଗଜପତ୍ର ସେମାନଙ୍କ ପାଖରେ ନ ଥିବା ବେଳେ ଉକ୍ତ ଦେଶୀ ମଦ ଆଠଗଡ଼ ଅଞ୍ଚଳରୁ ଆଣି ଏଠାରେ ରଖି ମେସିନ୍ ଜରିଆରେ ପାଉଚ୍‌ରେ ପ୍ୟାକିଂ କରି ସାଧାରଣ ଲୋକଙ୍କୁ ବିକ୍ରୟ କରୁଥିଲେ ବୋଲି ରଞ୍ଜନ ଓ ସାଗର ପ୍ରକାଶ କରିଥିଲେ। ସଦର ପୁଲିସ ଜବତ ଦେଶୀମଦରୁ ୨୦୦ ମିଲିଲିଟର ମଦ ରାସାୟନିକ ପରୀକ୍ଷା ପାଇଁ ପଠାଇବା ସହ ବେଆଇନ୍ ନକଲି ଦେଶୀ ମଦ କାରବାରରେ ଲିପ୍ତ ଥିବା ଉଭୟଙ୍କୁ ଓଡ଼ିଶା ଅବକାରୀ ଆଇନ୍ ବଳରେ ଗିରଫ କରି କୋର୍ଟ ଚାଲାଣ କରଛି ବୋଲି ସଦର ଆଇଆଇସି ଓମ୍ ପ୍ରକାଶ ମହାନ୍ତି ପ୍ରକାଶ କରିଛନ୍ତି।

● ୬୭୦ ଲିଟର ମଦ ଜବତ, ୨ ଗିରଫ

## ପର୍ଯ୍ୟାୟକ୍ରମେ ସାଲେପୁର ଅଞ୍ଚଳରୁ ହେବ ଜବରଦଖଲ ଉଚ୍ଛେଦ

ସାଲେପୁର, ୨୭(ସମିସ)



ସାଲେପୁର ଅଞ୍ଚଳରେ ବହୁ ସରକାରୀ ଜାଗା ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବାବେଳେ କେତେକ ଜବରଦଖଲକାରୀ ସର୍ବସାଧାରଣ ରାସ୍ତାକୁ ମଧ୍ୟ ଜବରଦଖଲ କରି ତାହା ଉପରେ ଗୃହ ନିର୍ମାଣ କରିବା ସହ ବ୍ୟବସାୟ ପ୍ରତିଷ୍ଠାନ ସ୍ଥାପନ କରିଛନ୍ତି। ସେହିପରି କଟକ ସାଲେପୁର ରାସ୍ତାର ଶିଶୁଆ ଠାରୁ କଳାଗ୍ନି ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଜବରଦଖଲକାରୀ ଜବରଦଖଲ କରିବା ସହ ରାସ୍ତା ଉପରେ ନିଜର ବ୍ୟବସାୟ ପ୍ରତିଷ୍ଠାନ ସ୍ଥାପନ କରିଛନ୍ତି। ଏହି ସବୁ ସମସ୍ୟା ପାଇଁ ସାଲେପୁର ସହରର ଟ୍ରାଫିକ୍ ସମସ୍ୟା ଗୁରୁତର ହେବାରେ ଲାଗିଛି। ସେହିପରି ବହୁ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜାଗାକୁ ଜବରଦଖଲ କରି ଗୃହ ନିର୍ମାଣ କରିବା ଓ ନିଜ ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ କରି ବ୍ୟବସାୟ ଆଦି କରି ଚାଲିଛନ୍ତି। ଏ ସମ୍ପର୍କରେ କଟକ ଜିଲ୍ଲାପାଳ ଅବଗତ ହେଲା ପରେ ସାଲେପୁର ଅଞ୍ଚଳରେ ସରକାରୀ ଜମି ପର୍ଯ୍ୟାୟ କ୍ରମେ ଜବରଦଖଲକାରୀଙ୍କ କବଳରୁ ମୁକ୍ତ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜବରଦଖଲକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଜବରଦଖଲକାରୀ ସରକାରୀ ଜାଗାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଦୋକାନ ଗୃହ ନିର୍ମାଣ କରିଥିବାରୁ କେଉଁ ମୁହୂର୍ତ୍ତରେ ପ୍ରଶାସନ ଜବରଦଖଲ ଉଚ୍ଛେଦ କରିବ, ସେ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି। ଅପର ପକ୍ଷରେ ବହୁ ବ୍ୟକ୍ତି ନୟନଯୋରୀ ଓ ସର୍ବସାଧାରଣ ରାସ୍ତା, ଗୋଚର, ଅନାବାଦୀ ଜମିକୁ ଜବରଦଖଲ କରି ସ୍ଥାୟୀ ଗୃହ ନିର୍ମାଣ କରିଚାଲିଛନ୍ତି। ସେହିପରି ସାଲେପୁର-କୁଆଁପାଳ ରାସ୍ତାର ୬ନଂ କେନାଲବନ୍ଧ ପାର୍ଶ୍ୱରେ ଥିବା ନୟନଯୋରୀକୁ ସାଲେପୁର ବଜାର ଠାରୁ ମିର୍ଜାପୁର ବଜାର ପର୍ଯ୍ୟନ୍ତ ବିଭିନ୍ନ ବଜାର ନିକଟରେ ବହୁ ବ୍ୟକ୍ତି ଜବରଦଖଲ କରି ବ୍ୟବସାୟ ପ୍ରତିଷ୍ଠାନ କରୁଥିବାବେଳେ ସାଲେପୁର କଲେଜରୋଡ୍‌ର ଉଭୟ ପାର୍ଶ୍ୱ ଜବରଦଖଲ କରାଯାଇଥିବା ଜିଲ୍ଲାପାଳ ଜାଣିବା ପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସାଲେପୁର କଲେଜରୋଡ୍‌ର ପ୍ରବେଶପଥରେ ଜବରଦଖଲ କରାଯାଇ ଦୋକାନ ନିର୍ମାଣ କରାଯାଇଥିବାରୁ ସେଠାରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ସେହିପରି ସାଲେପୁର ବଜାର ରାସ୍ତାର ଉଭୟ ପାର୍ଶ୍ୱରେ ଉଠା ଦୋକାନୀ ନିଜର ବ୍ୟବସାୟ ପସରା ମେଲାଇଥିବାରୁ ଏହା ସାଲେପୁର ସହରର ଟ୍ରାଫିକ୍ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଏ ଘଟଣା ସମ୍ପର୍କରେ ଜିଲ୍ଲାପାଳ ଅବଗତ ହେଲା ପରେ ଅସନ୍ତୋଷ ପ୍ରକାଶ କରିବା ସହ ସାଲେପୁରଠାରେ ଆୟୋଜିତ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ସାଲେପୁର ଅଞ୍ଚଳରେ ଜବରଦଖଲକାରୀଙ୍କ କବ୍‌ଜାରେ ଥିବା ସରକାରୀ ଜମିକୁ ପର୍ଯ୍ୟାୟକ୍ରମେ ଜବରଦଖଲମୁକ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି। ଜବରଦଖଲମୁକ୍ତ ହେଲେ ବହୁ ସରକାରୀ ଜମି ସରକାରଙ୍କ ହାତକୁ ଫେରିବ ବୋଲି ବହୁ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ଅପର ପକ୍ଷରେ ବହୁ ବ୍ୟକ୍ତି ସରକାରୀ ଜମିରେ ପାହାଡ଼ ପରି ବାଲି ଜମା କରି ଖୁଲମ୍‌ଖୁଲା ବେଆଇନ୍ ବାଲି ଚାଲାଣ କରୁଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ବାଲିମାଫିଆଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୭୬ ● ପାଉଣ୍ଡ ୧୧୭.୯୩
- ୟୁରୋ ୧୦୧.୮୭ ● ୟେନ୍ ୦.୫୯



**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୦,୨୧୦ (ନୂଆଦିଲ୍ଲୀ)
- ରୁପା : ୧,୧୦,୧୦୦ (କେଜି)




**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୪୦୯.୦୦
- ନିଫ୍ଟି ୨୫,୪୫୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ମଧ୍ୟବିତ୍ତଙ୍କୁ ଜିଏସ୍‌ଟିରୁ ମିଳିବ ଆଶ୍ୱସ୍ତି!

## ହଟିବ ୧୨% ସ୍ଲାବ୍, ଟିକସ ହାର ୫%କୁ ହୋଇପାରେ ହ୍ରାସ

ଭୁବନେଶ୍ୱର,୨।୭ (ଏଜେନ୍ସି):

ଉଚ୍ଚ ଦ୍ରବ୍ୟ ଏବଂ ସେବା ଟିକସ(ଜିଏସ୍‌ଟି) ହାର ପାଇଁ ଖାଉଟି ବଜାର ମହଙ୍ଗା। ଏହାକୁ ନଜରରେ ରଖି କେନ୍ଦ୍ର ସରକାର ବିଭିନ୍ନ ସାମଗ୍ରୀର ଟିକସ ହାରରେ ପରିବର୍ତ୍ତନ କରିବାକୁ ବିଚାର କରୁଥିବା ଜଣାପଡିଛି। ତେଣୁ ଖୁବ୍ ଶୀଘ୍ର ଦ୍ରବ୍ୟ ଏବଂ ସେବା ଟିକସ(ଜିଏସ୍‌ଟି)ରେ ଖାଉଟି ବଡ଼ ଆଶ୍ୱସ୍ତି ମିଳିପାରେ। ଏଥିରେ ମଧ୍ୟମ ଏବଂ ନିମ୍ନ ଆୟକାରୀ ପରିବାରଗୁଡିକରେ ସାଧାରଣତଃ ବ୍ୟବହୃତ ହେଉଥିବା ସାମଗ୍ରୀ ଉପରେ ରିଆତି ମିଳିପାରେ। ସୂଚନାନୁଯାୟୀ, ୧୨% ଜିଏସ୍‌ଟି ସ୍ଲାବ୍ ହଟାଇ ଦିଆଯାଇପାରେ। ବର୍ତ୍ତମାନ ଅନେକ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ୧୨% ଜିଏସ୍‌ଟି ଲାଗୁ ହେଉଛି। ତେଣୁ ସରକାର ୧୨% ଜିଏସ୍‌ଟି ସ୍ଲାବ୍‌ରେ ଥିବା ଅଧିକାଂଶ ସାମଗ୍ରୀକୁ ୫% ସ୍ଲାବ୍‌କୁ ଆଣିବାକୁ ବିଚାର କରୁଛନ୍ତି। ଏହା ହେଲେ ୧୨% ସ୍ଲାବ୍ ଉଚ୍ଛେଦ ହେବ।




- ■ ଶସ୍ତା ହେବ ଜୋତା, ଚପଲ, ମିଠା, ପୋଷାକ, ସାବୁନ, ଟୁଥପେଷ୍ଟ ଓ କ୍ଷୀର
- ■ ଚଳିତମାସରେ ଜିଏସ୍‌ଟି ପରିଷଦ ବୈଠକରେ ନିଆଯିବ ନିଷ୍ପତ୍ତି

ସୂତ୍ର ଅନୁସାରେ, ଜିଏସ୍‌ଟି ପରିଷଦର ପରବର୍ତ୍ତୀ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇପାରେ। ଏହି ବୈଠକ ଚଳିତ ମାସରେ ଅନୁଷ୍ଠିତ ହୋଇପାରେ। ଯଦି ସରକାର ସରକାର ୧୨% ଜିଏସ୍‌ଟି ସ୍ଲାବ୍‌ରେ ଥିବା ସାମଗ୍ରୀଗୁଡିକୁ ୫% ସ୍ଲାବ୍‌କୁ ଆଣିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ଜୋତା, ଚପଲ, ମିଠା, ପୋଷାକ, ସାବୁନ, ଟୁଥ୍‌ପେଷ୍ଟ ଓ ଦୁଗ୍ଧ ଉତ୍ପାଦ ଭଳି ଅନେକ ସାମଗ୍ରୀ ଶସ୍ତା ହୋଇପାରେ। ଏ ପର୍ଯ୍ୟନ୍ତ ଏହି ସବୁ ସାମଗ୍ରୀ ୧୨% ଜିଏସ୍‌ଟି ସ୍ଲାବ୍ ଅଧୀନରେ ଥିଲା।

ଏହି ପରିବର୍ତ୍ତନ ସହ କେବଳ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକ ଶସ୍ତା ହୋଇଯିବ ତା ନୁହେଁ, ଟିକସ ଦେବା ଏବଂ ବର୍ଗୀକରଣ ସହଜ ହେବ। ସରକାର ଏବଂ ରାଜ୍ୟଗୁଡ଼ିକ ଅଧିକ ଟିକସ ଭାଗ ପାଇବେ, ବ୍ୟବସାୟୀମାନେ କମ୍ ଜଟିଳତା ପାଇବେ। ଏହାବ୍ୟତୀତ, ଲୋକମାନେ ମୂଲ୍ୟରେ ସ୍ୱଚ୍ଛତା ଦେଖିବେ। ଯଦି ସମସ୍ତ ରାଜ୍ୟ ରାଜି ହୁଅନ୍ତି, ତେବେ ଆଗାମୀ ମାସଗୁଡ଼ିକରେ ସାରା ଦେଶରେ ଅନେକ ସାମଗ୍ରୀ ଶସ୍ତା ହୋଇପାରେ। ସୂଚନାଯୋଗ୍ୟ ଯେ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସମ୍ପ୍ରତି ଏକ ସାକ୍ଷାତକାରରେ ଜିଏସ୍‌ଟି ହାରରେ ସମ୍ଭାବ୍ୟ ପରିବର୍ତ୍ତନ ସମ୍ପର୍କରେ ଇଙ୍ଗିତ କରିଥିଲେ। ସେ କହିଥିଲେ ଯେ ସରକାର ଅତ୍ୟାବଶ୍ୟକୀୟ ସାମଗ୍ରୀ ଉପରେ ମଧ୍ୟବିତ୍ତ ବର୍ଗକୁ ଆଶ୍ୱସ୍ତି ଦେବା ବିଷୟରେ ବିଚାର କରୁଛନ୍ତି। ହେଲେ କେନ୍ଦ୍ରର ଚାପ ସତ୍ତ୍ୱେ, ରାଜ୍ୟମାନଙ୍କ ମଧ୍ୟରେ କୌଣସି ସହମତି ହୋଇନାହିଁ। ଜିଏସ୍‌ଟି ଅଧୀନରେ ଟିକସ ହାରରେ ପରିବର୍ତ୍ତନ ପାଇଁ ଜିଏସ୍‌ଟି ପରିଷଦର ସୁପାରିଶ ଆବଶ୍ୟକ, ଯେଉଁଠାରେ ପ୍ରତ୍ୟେକ ରାଜ୍ୟକୁ ଭୋଟ ଦେବାର ଅଧିକାର ରହିଛି। ବର୍ତ୍ତମାନ, ପଞ୍ଜାବ, କେରଳ, ମଧ୍ୟପ୍ରଦେଶ ଏବଂ ପଶ୍ଚିମବଙ୍ଗରୁ ବିରୋଧର ରିପୋର୍ଟ ମାନ ଆସୁଛି।

## ଅରୁନ୍ଧତୀ ଜୁଏଲର୍ସ ବଲାଙ୍ଗୀର ଶାଖାର ୨୫ତମ ଜନ୍ମବାର୍ଷିକୀ



ଭୁବନେଶ୍ୱର,୨।୭(ସମିସ): ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଏହାର ସର୍ବପ୍ରଥମ ଓ ସର୍ବପୁରାତନ ବଲାଙ୍ଗୀର ଶାଖାର ୨୫ ତମ ଜନ୍ମବାର୍ଷିକୀ ବୁଧବାର ପାଳିତ ହୋଇଯାଇଛି। ବଲାଙ୍ଗୀର ମାଟିରୁ ମା ସମଲେଶ୍ୱରୀ ଦେବୀଙ୍କ କୃପାରୁ ଆରମ୍ଭ ହୋଇଥିବା ଅରୁନ୍ଧତୀ ଜୁଏଲର୍ସ ଦୀର୍ଘ ୨୫ ବର୍ଷ ଧରି ନିଜ ଆତ୍ମୀୟତା ଭରା ସେବା ମନୋଭାବ, ସୁନାଗହଣା ଓ ହୀରାମାନରେ ଶୁଦ୍ଧତା, ପ୍ରତ୍ୟେକ ବ୍ୟବସାୟିକ ପଦକ୍ଷେପରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରି ଏବେ ଓଡ଼ିଶାର ୧୧ ଟି ପ୍ରମୁଖ ସହରରେ ସେବା ଯୋଗାଇ ଦେବା ପାଇଁ ପ୍ରସ୍ତୁତ ହୋଇପାରିଛି। ଅବସରରେ ଅରୁନ୍ଧତୀ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରକାଶ କରିଛନ୍ତି ଯେ, ବଲାଙ୍ଗୀର ବାସୀଙ୍କ ସ୍ନେହ, ଶ୍ରଦ୍ଧା ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଗକୁ ବଢିଥିବା ଅରୁନ୍ଧତୀ ଆଜି ଓଡ଼ିଶାର ଘରେ ଘରେ ଆଦୃତ ହୋଇପାରିଛି। ଏଥିନିମନ୍ତେ ବଲାଙ୍ଗୀରବାସୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଅର୍ପଣ କରିବା ସହ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଜନ୍ମବାର୍ଷିକୀ ସ୍ୱତନ୍ତ୍ର ଅଫର ମଧ୍ୟ ଘୋଷଣା କରାଯାଇଛି। ଏହି ଅଫର ମାଧ୍ୟମରେ ସୁନା ଓ ରୂପା ଗହଣାର ଗଢ଼ାମଜୁରୀ ଉପରେ ୫୦% ରିଆତି,ହୀରା ଗହଣାର ହିରାମୂଲ୍ୟ ଉପରେ ଫ୍ଲାଟ ୨୫% ରିଆତି ପ୍ରଦାନ କରାଯାଉଛି, ଯାହା ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ କେବଳ ବଲାଙ୍ଗୀରର ଅରୁନ୍ଧତୀ ଶାଖାରେ ଉପଲବ୍ଧ ରହିବ। ଆଗାମୀ ଦିନରେ ମଧ୍ୟ ଗ୍ରାହକ ବନ୍ଧୁଙ୍କ ନିଷ୍ଠାପର ସେବା ଜାରି ରହିବା ସହ ଭିଟାମାଟି ବଲାଙ୍ଗୀର ପାଇଁ ଅନେକ ସମ୍ମାନ ଓ ଗୌରବ ଆଣିବା ଅରୁନ୍ଧତୀର ପ୍ରଥମ ପ୍ରାଥମିକତା ବୋଲି ଏହି ଅବସରରେ କୁହାଯାଇଛି।

## ଭିଡ଼ ସମୟରେ ଦୁଇ ଗୁଣ ଭଡ଼ା ନେବେ ଓଲା, ଓବେର

ନୂଆଦିଲ୍ଲୀ,୨।୭(ଏଜେନ୍ସି): ଓଲା, ଉବର, ରାପିଡୋ ଏବେ ପିକ୍ ଆୱାର ବା ଭିଡ଼ ସମୟରେ ଦୁଇଗୁଣ ଭଡ଼ା ନେଇପାରିବେ। କେନ୍ଦ୍ର ସରକାର ଏ ନେଇ ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଆପ୍-ଆଧାରିତ ଟ୍ୟାକ୍ସି ସେବାଗୁଡ଼ିକୁ ଏହା କରିବାକୁ ଅନୁମତି ଦେଇଛନ୍ତି। ସରକାର ୩ ମାସ ମଧ୍ୟରେ ନୂତନ ନିୟମ ଲାଗୁ କରିବାକୁ କହିଛନ୍ତି। କେନ୍ଦ୍ର ସରକାର ମଙ୍ଗଳବାର ମୋଟର ଯାନବାହନ ଆଗ୍ରିଗେଟର ନିର୍ଦ୍ଦେଶାବଳୀ (ଏମ୍‌ଭିଏଜି) ୨୦୨୫ ପ୍ରକାଶ କରିଛନ୍ତି। ଏହା ଅଧୀନରେ, ଓଲା,ଉବେର,ରାପିଡୋ ଏବଂ ଇନ୍‌ଡ୍ରାଇଭ୍ ଭଳି କ୍ୟାବ୍ କମ୍ପାନୀଗୁଡ଼ିକୁ ପିକ୍ ଆୱାରରେ ମୂଳ ଭଡ଼ାର ଦୁଇଗୁଣ ଆଦାୟ କରିବାକୁ ଅନୁମତି ଦିଆଯାଇଛି। ପୂର୍ବରୁ ଏହି ସୀମା ଦେଢ଼ ଗୁଣ ଥିଲା।

ଏଠାରେ ସୂଚନାଯୋଗ୍ୟ ଯେ, ପିକ୍ ଆୱାର ହେଉଛି ସେହି ସମୟ ଯେତେବେଳେ ରାସ୍ତାରେ ଅଧିକ ଟ୍ରାଫିକ୍ ଥାଏ, ତା'ପରେ କ୍ୟାବ୍‌ର ଚାହିଦା ବଢ଼ିଯାଏ କିମ୍ବା ଖରାପ ପାଗ ଯୋଗୁଁ ଲୋକମାନେ ଅଧିକ କ୍ୟାବ୍ ବୁକ୍ କରନ୍ତି। ସାଧାରଣତଃ ଏହା ସକାଳ ୮-୧୧ ଟା ରୁ ସନ୍ଧ୍ୟା ୫-୯ଟା ମଧ୍ୟର ସମୟ। ବର୍ଷା, ପର୍ବପର୍ବାଣୀ କିମ୍ବା ବଡ଼ କାର୍ଯ୍ୟକ୍ରମ ସମୟରେ ମଧ୍ୟ ପିକ୍ ଆୱାର ହୋଇପାରେ।

## 'ମଡର୍ଣ୍ଣସ ଏବିସି ଏଚ୍‌ଏସ୍‌ସି ଟପଟେନ ଆସାଇନ୍‌ମେଣ୍ଟସ' ଉନ୍ମୋଚିତ

କଟକ,୨।୭(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦଙ୍କ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ୨୦୨୬ ପାଇଁ ମଡର୍ଣ୍ଣସ ଏବିସି ଏଚ୍‌ଏସ୍‌ସି ଟପ୍‌ଟେନ୍ ଆସାଇନ୍‌ମେଣ୍ଟସ୍




ବୋର୍ଡର ପୂର୍ବତନ ବିଜ୍ଞାନ ବିଶାରଦ ତଥା ବର୍ତ୍ତମାନର ଶିକ୍ଷା ବିକାଶ ସମିତି, ଓଡ଼ିଶାର ସଭାପତି କିଶୋର ଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହା ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା ପ୍ରସ୍ତୁତି କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଏହି ଟେଷ୍ଟ ପେପର୍ସର ବିଶେଷ ଆକର୍ଷଣ ହେଉଛି ୨୦୨୫ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର/ଛାତ୍ରୀମାନଙ୍କର ସ୍ୱହସ୍ତ ଲିଖିତ ଉତ୍ତର ଖାତା ଯାହାକୁ ପୃଥକ୍ ପୁସ୍ତକ ଭାବେ ପ୍ରକାଶିତ କରାଯାଇ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର୍ସ୍ ସହିତ ବିନା ମୂଲ୍ୟରେ ଉପଲବ୍ଧ କରାଯାଉଛି। ମାଧ୍ୟମିକ ଶିକ୍ଷା ପରିଷଦର ନୂତନ ପ୍ରଶ୍ନପତ୍ର ଢାଞ୍ଚାରେ ପ୍ରସ୍ତୁତ ଏହି ଟେଷ୍ଟପେପର୍ସ ପ୍ରତ୍ୟେକ ବିଷୟର ବିଗତ ୧୨ ବର୍ଷର ବୋର୍ଡ ପରୀକ୍ଷାରେ ପଡ଼ିଥିବା ପ୍ରଶ୍ନପତ୍ର ସହିତ ଉତ୍ତର, ଅଧ୍ୟାୟଭିତ୍ତିକ ସୂଚନା ଓ ବିଶ୍ଳେଷଣ, ବିଷୟ ଅନୁଯାୟୀ ସମ୍ଭାବିତ ବହୁବିକଳ୍ପ ପ୍ରଶ୍ନୋତ୍ତର (ଏମ୍.ସି.କ୍ୟୁଜ୍), ଦୀର୍ଘ ଓ ସଂକ୍ଷିପ୍ତଧର୍ମୀ ପ୍ରଶ୍ନୋତ୍ତର ଦିଆଯାଇଛି। ଏଥିରେ ଅର୍ଦ୍ଧବାର୍ଷିକ ପରୀକ୍ଷା ପାଇଁ ପ୍ରତ୍ୟେକ ବିଷୟରେ ୧ ସେଟ୍ ଆଦର୍ଶ ପ୍ରଶ୍ନପତ୍ର ସହିତ ଉତ୍ତର ଓ ୫ ସେଟ୍ ଲେଖାଏଁ ଅଭ୍ୟାସ ପ୍ରଶ୍ନପତ୍ର ଏବଂ ବାର୍ଷିକ ପରୀକ୍ଷା ପାଇଁ ପ୍ରତ୍ୟେକ ବିଷୟରେ ୧ ସେଟ୍ ଆଦର୍ଶ ପ୍ରଶ୍ନପତ୍ର ସହିତ ଉତ୍ତର ଓ ୧୫ରୁ ୨୦ ସେଟ୍ ଲେଖାଏଁ ଅଭ୍ୟାସ ପ୍ରଶ୍ନପତ୍ର ଦିଆଯାଇଛି। ଏହା ୨୦୨୬ ମସିହାର ପରୀକ୍ଷାର୍ଥୀମାନଙ୍କ ପରୀକ୍ଷା ପ୍ରସ୍ତୁତିରେ ସହାୟକ ହେବ ବୋଲି ମଡର୍ଣ୍ଣ ପବ୍ଲିଶର୍ସର ଜୋନାଲ୍ ହେଡ ପ୍ରଦୀପ୍ତ କୁମାର ମିଶ୍ର କହିଛନ୍ତି। ଏହି ଟେଷ୍ଟପେପର୍ସ୍ ପରୀକ୍ଷାର୍ଥୀଙ୍କୁ ୧୦୦ ପ୍ରତିଶତ ସଫଳତା ପାଇବାରେ ସାହାଯ୍ୟ କରିପାରିବ ବୋଲି ପ୍ରକାଶନ ସଂସ୍ଥା ପକ୍ଷରୁ କୁହାଯାଇଛି। ଏହି ଟେଷ୍ଟପେପର୍ସ ପ୍ରତ୍ୟେକ ପୁସ୍ତକ ବିକ୍ରେତାଙ୍କ ନିକଟରେ ଉପଲବ୍ଧ ହେଉଛି।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ରଥଯାତ୍ରାରେ ଭକ୍ତଙ୍କୁ ସେବା



ଭୁବନେଶ୍ୱର,୨।୭(ସମିସ): ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାରର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ୍ ଲଗାତାର ୧୧ତମ ବର୍ଷ ପାଇଁ ରଥଯାତ୍ରାରେ ଭକ୍ତମାନଙ୍କୁ ବିଭିନ୍ନ ସେବା ଯୋଗାଇଆସୁଛି। ଚଳିତବର୍ଷ ନବଯୌବନ ଦର୍ଶନ ଦିନଠାରୁ ଆଜି ପର୍ଯ୍ୟନ୍ତ ୧୦ ଲକ୍ଷରୁ ଅଧିକ ଦେୟମୁକ୍ତ ସତେଜ ରନ୍ଧା ଏବଂ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇ ସାରିଛି। ପବିତ୍ର ସୁନାବେଶ ପର୍ଯ୍ୟନ୍ତ ୨୦ ଲକ୍ଷରୁ ଅଧିକ ଭକ୍ତଙ୍କ ପାଇଁ ରନ୍ଧା ଖାଦ୍ୟ ଯୋଗାଇବା ଲକ୍ଷ୍ୟ ରଖି ଏହି ସେବା ଜାରି ରହିଛି। ସର୍ବାଧିକ ସଂଖ୍ୟକ ଲୋକଙ୍କ ନିକଟରେ ସେବା ପହଞ୍ଚିବା ପାଇଁ ପୁରୀ ରେଳ ଷ୍ଟେସନ ନିକଟରେ ଏବଂ ଗୁଣ୍ଡିଚା ମନ୍ଦିର ନିକଟ ବସ୍ ଷ୍ଟାଣ୍ଡରେ ଦୁଇଟି ବିଶାଳ ଖାଦ୍ୟ ବଣ୍ଟନ ଷ୍ଟଲ ସ୍ଥାପନ କରାଯାଇଛି। ପାରମ୍ପରିକ ଓଡ଼ିଆ ଖାଦ୍ୟ ଭାତ, ଡାଲମା ଏବଂ ଖଟା ଭକ୍ତମାନଙ୍କୁ ଦିଆଯାଉଛି। ଖାଦ୍ୟ ପ୍ରସ୍ତୁତି ଏବଂ ବଣ୍ଟନରେ ପରିଚ୍ଛନ୍ନତା ଏବଂ ନିରାପତ୍ତା ମାନଦଣ୍ଡ ପାଳନ ନିମନ୍ତେ ଫାଉଣ୍ଡେସନ୍ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଉଛି। ରାନ୍ଧିବା, ପରିବହନ ଏବଂ ବଣ୍ଟନକୁ ଅତ୍ୟନ୍ତ ଯତ୍ନ ଏବଂ ନିଷ୍ଠାର ସହିତ ପରିଚାଳନା କରିବା ପାଇଁ ୧୫୦ ରୁ ଅଧିକ ସ୍ୱେଚ୍ଛାସେବୀ ଏବଂ କର୍ମଚାରୀ ସଦସ୍ୟ ଦିନରାତି କାମ କରୁଛନ୍ତି। ବସ୍ ଷ୍ଟାଣ୍ଡରେ ଥିବା ଷ୍ଟଲକୁ ସାଂସଦ ପୁରୀ ଡ. ସମ୍ବିତ ପାତ୍ର ଉଦ୍‌ଘାଟନ କରିଥିଲେ। ପୁରୀ ରେଳ ଷ୍ଟେସନ ନିକଟସ୍ଥ ଷ୍ଟଲ୍‌କୁ ଏଡିଆରଏମ ଡି.କେ. ବେହେରା, ବରିଷ୍ଠ ଏସଡିଏମ ଅନିଲ କୁମାର ଏବଂ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ।

## ରୁଷିଆଠାରୁ ତେଲ କିଣିଲେ ଲାଗିବ ୫୦୦% ଶୁଳ୍କ

ନୂଆଦିଲ୍ଲୀ,୨।୭(ଏଜେନ୍ସି): ପୁଣି ଥରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାରା ଦୁନିଆକୁ ଶୁଳ୍କ ଧମକ ଦେଇଛନ୍ତି। ଏଥିରେ ଭାରତ ମଧ୍ୟ ସାମିଲ। ଏହି ଅନୁଯାୟୀ, ରୁଷିଆଠାରୁ ତେଲ କିଣିଲେ ୫୦୦% ଶୁଳ୍କ ଲାଗିବ। ଟ୍ରମ୍ପ ଏବେ ଆମେରିକା ସଂସଦରେ ଏକ ବିଲ୍ ଆଗତ କରିବାକୁ ଅନୁମତି ଦେଇଛନ୍ତି, ଯାହା ରୁଷ ସହିତ ବାଣିଜ୍ୟ କାରବାର କରୁଥିବା ଦେଶଗୁଡ଼ିକ ଉପରେ ୫୦୦ ପ୍ରତିଶତ ଶୁଳ୍କ ଲାଗୁ କରାଯିବ। ଏଥିରେ ଭାରତ ବ୍ୟତୀତ ଚୀନ୍ ମଧ୍ୟ ସାମିଲ। ଟ୍ରମ୍ପଙ୍କ ଦ୍ୱାରା ନିଆଯାଇଥିବା ଏହି ନିଷ୍ପତ୍ତି ସମ୍ପର୍କରେ ଦକ୍ଷିଣ କାରୋଲିନାର ରିପବ୍ଲିକାନ୍ ସାଂସଦ ଲିଣ୍ଡସେ ଗ୍ରାହାମ ଏକ ସାକ୍ଷାତକାରରେ ଦାବି କରିଛନ୍ତି। ଆମେରିକା ସାଂସଦ ଭାରତ ଏବଂ ଚୀନକୁ ଚେତାବନୀ ଦେଇଛନ୍ତି ଯେ ଯଦି ଏହି ଦେଶଗୁଡ଼ିକ ରୁଷଠାରୁ ତେଲ ଏବଂ ଅନ୍ୟାନ୍ୟ ଉତ୍ପାଦ କିଣିବା ଜାରି ରଖନ୍ତି। ତେବେ ଆମେରିକାରେ ସେମାନଙ୍କ ଉତ୍ପାଦ ଉପରେ ୫୦୦ ପ୍ରତିଶତର ଏକ ବିରାଟ ଶୁଳ୍କ ଲାଗୁ କରିବ। ଗ୍ରାହାମ କହିଛନ୍ତି, ଭାରତ ଏବଂ ଚୀନ୍ ରୁଷର ପ୍ରାୟ ୭୦% ତେଲ କିଣୁଛନ୍ତି। ଏହା ପୁଟିନଙ୍କ ଯୁଦ୍ଧ ରଣନୀତିକୁ ଇନ୍ଧନ ଦେଉଛି। ଯଦି ସେମାନେ ଏହା କରିବା ବନ୍ଦ ନ କରନ୍ତି, ତେବେ ଆମେରିକା ଏହି ଦେଶଗୁଡ଼ିକ ଉପରେ ଭାରି ଶୁଳ୍କ ଲାଗୁ କରିବ। ଆମେରିକୀୟ ସାଂସଦଙ୍କ ବୟାନ ଏପରି ସମୟରେ ଆସିଛି, ଯେତେବେଳେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ଆଲୋଚନା ଚାଲିଛି।

**ଭାରତ, ଚୀନ୍‌କୁ ଟ୍ରମ୍ପଙ୍କ ନୂଆ ଧମକ**

## ଟିପିସିଓଡିଏଲକୁ ସମ୍ମାନଜନକ ଇଣ୍ଡଷ୍ଟ୍ରି ଆୱାର୍ଡ଼

ଭୁବନେଶ୍ୱର,୨।୭(ସମିସ): ଟାଟା ପାୱାର୍ ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) କଷ୍ଟ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ୧୯ତମ ନେସନାଲ ଆୱାର୍ଡ୍‌ସ୍ ଫର୍ ଏକ୍ସଲେନ୍ସ ଇନ୍ କଷ୍ଟ ମ୍ୟାନେମେଣ୍ଟ ୨୦୨୪ ଏବଂ ୮ମ ସିଏମଏ ଆୱାର୍ଡ୍‌ସ୍ - ୨୦୨୪ ରେ ପୁରସ୍କୃତ ହୋଇଛି। ଟ୍ରାନ୍ସମିସନ୍ ଓ ଡିଷ୍ଟ୍ରିବ୍ୟୁସନ୍ ବର୍ଗରେ ଟିପିସିଓଡ଼ିଏଲକୁ ଏହି ଇଣ୍ଡଷ୍ଟ୍ରି ଆୱାର୍ଡ ମିଳିଛି। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏହି ପୁରସ୍କାର ବିତରଣ ଉତ୍ସବରେ କଷ୍ଟ ମ୍ୟାନେଜମେଣ୍ଟ ; ପ୍ରାକ୍ଟିସ୍ ଓ ଅପରେସନାଲ୍ ଏକ୍ସଲେନ୍ସ କ୍ଷେତ୍ରରେ



ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ସଂସ୍ଥା ଗୁଡ଼ିକୁ ସମ୍ମାନିତ କରାଯାଇଛି। ଟିପିସିଓଡିଏଲ୍ ପକ୍ଷରୁ ସିଏଫ୍‌ଓ ହେମନ୍ତ ଗୋୟଲ, ସିଜିଏମ୍ (ଫାଇନାନ୍ସ) ଶିବ ପ୍ରସାଦ କର ଏବଂ ସିନିୟର ଜିଏମ୍ (ଫାଇନାନ୍ସ) ସୁଧାଂଶୁ କୁମାର ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସ୍ୱୀକୃତି ଟିପିସିଓଡିଏଲର ଆର୍ଥିକ ଦକ୍ଷତା, ସ୍ୱଚ୍ଛତା ଏବଂ ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ପ୍ରଦାନ ଦିଗରେ ନିରନ୍ତର ପ୍ରୟାସର ପ୍ରମାଣ।

## ବିଏମସି ଘଟଣାରେ ଜଗନ୍ନାଥ ପ୍ରଧାନଙ୍କୁ ତୁରନ୍ତ ଗିରଫ କରାଯାଉ: ବିଜେଡି

ଭୁବନେଶ୍ୱର,୨।୭(ସମିସ): ବିଏମସିର ଅତିରିକ୍ତ କମିସନରଙ୍କୁ ମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ନହେବା ଓ ପୁରୀରେ ରଥଯାତ୍ରାକୁ ନେଇ ବ୍ୟାପକ ଅବ୍ୟବସ୍ଥା ପରେ, ଆଇନ ମନ୍ତ୍ରୀଙ୍କ ଭୂମିକାକୁ ନେଇ ଆଜି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଏହି ଦୁଇ ଘଟଣା ସାରା ଦେଶରେ ରାଜ୍ୟକୁ ଲଜ୍ଜିତ ଓ ନିନ୍ଦିତ କରିଛି ବୋଲି ବିଜେଡି କହିଛି। ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଥିଲେ, ବିଏମସି ଅତିରିକ୍ତ କମିସନରଙ୍କୁ ଅମାନବୀୟ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଗିରଫ ଦାବିରେ ଓଏଏସ ସଂଘ ସମୂହ ଛୁଟିରେ ଯିବାରୁ ରାଜ୍ୟ ଶାସନ ବ୍ୟବସ୍ଥାରେ ସ୍ଥାଣୁତା ଆସିଛି। ଏହି ଘଟଣା ଓଡିଶାକୁ ସାରା ଦେଶରେ ନିନ୍ଦିତ ଓ ଲଜ୍ଜିତ କରିଥିବା ବେଳେ ରାଜ୍ୟ ସରକାର ଏହି ଘଟଣାରେ ନିରବ ରହିବା ରାଜ୍ୟବାସୀଙ୍କୁ ବିସ୍ମିତ କରିଛି। ରାଜ୍ୟ ସରକାର ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଘଣ୍ଟ ଘୋଡାଉଛନ୍ତି, ଯାହା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ରାଜ୍ୟ ସରକାର ଏହି ଘଟଣାରେ ଆଉ ଅଧିକ ଟାଳଟୁଳ ନିତି ଅବଲମ୍ବନ ନକରି, ତୁରନ୍ତ ମୁଖ୍ୟ ଅଭିଯୁକ୍ତ ଶ୍ରୀ ପ୍ରଧାନଙ୍କୁ ଗିରଫ କରାଯାଉ ବୋଲି ଡଃ ମହାନ୍ତି କହିଛନ୍ତି। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା, କର୍ଡନ ପାସ ବଣ୍ଟନ, ନନ୍ଦିଘୋଷ ରଥ ଟଣା ନଯାଇ ପାରିବା, ପରେ ସନ୍ଧ୍ୟା ୭.୪୫ ମିନିଟ ସମୟରେ କେବଳ ବିଧି ରକ୍ଷା ପାଇଁ ନନ୍ଦିଘୋଷ ରଥକୁ କିଛି ପାଦ ଟାଣିବା, ଶରଧାବାଲିରେ ଦଳାଚକଟାରେ ତିନି ଜଣ ଭକ୍ତଙ୍କ ମୃତ୍ୟୁ ହେବା ଇତ୍ୟାଦି ବ୍ୟାପକ ଅବ୍ୟବସ୍ଥା ସରକାରଙ୍କ ବିଫଳତାକୁ ପ୍ରଦର୍ଶିତ କରୁଛି। ରଥଯାତ୍ରା ଦାୟିତ୍ୱରେ ଥିବା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ବିଫଳତାର ଦାୟିତ୍ୱ ନିଜ ମୁଣ୍ଡକୁ ନେବା ପରିବର୍ତ୍ତେ ରାଜ୍ୟବାସୀଙ୍କୁ ବିଭ୍ରାନ୍ତି କରିବା ପାଇଁ ବିଭିନ୍ନ ମନ୍ତବ୍ୟ ଦେଉଛନ୍ତି। ଆଇନ ମନ୍ତ୍ରୀଙ୍କ ବକ୍ତବ୍ୟରୁ ତାଙ୍କ ଅହଂକାର ସ୍ପଷ୍ଟ ପରିଲକ୍ଷିତ ହେଉଛି। ରଥଯାତ୍ରା ବିଫଳତାର ନୈତିକ ଦାୟିତ୍ୱ ନେଇ ସେ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ଅଥବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବରଖାସ୍ତ କରନ୍ତୁ ବୋଲି ଡଃ ମହାନ୍ତି କହିଛନ୍ତି।

**ରଥଯାତ୍ରା ଅବ୍ୟବସ୍ଥା ପାଇଁ ଆଇନମନ୍ତ୍ରୀଙ୍କ ଇସ୍ତଫା ଦାବି**



## ପୋଖରୀରୁ ବୃଦ୍ଧଙ୍କ ଗୋଡ଼ ବନ୍ଧା ଶବ ଉଦ୍ଧାର

ସୁନ୍ଦରଗଡ଼, ୨।୭ (ସମିସ): ପାଞ୍ଚ ଦିନ ଧରି ନିଖୋଜ ବୃଦ୍ଧଙ୍କ ଶବ ଗୋଡ ବନ୍ଧାଯାଇଥିବା ଅବସ୍ଥାରେ ପୁଲିସ ବୁଧବାର ବାଉରୀମୁଣ୍ଡା ଗାଁ ପୋଖରୀରୁ ଉଦ୍ଧାର କରିଛି। ମୃତ ବୃଦ୍ଧ ଜଣକ ସୁନ୍ଦରଗଡ ସଦରଥାନା ବାଉରୀମୁଣ୍ଡା ଗ୍ରାମର ମାହାତୋ ଓରାମ (୫୯) ବୋଲି ଜଣାପଡ଼ିଛି। ମୃତଦେହ ଉଦ୍ଧାର ପରେ ତାଙ୍କ ଦୁଇ ଗୋଡକୁ ରଶିରେ ବନ୍ଧାଯାଇଥିବା ଓ ତାଙ୍କ ଗୋଡ, ଅଣ୍ଟା ଓ ବେକରେ ପଥର ବନ୍ଧା ଯାଇଥିବା ଦେଖିବାକୁ ମିଳିଛି। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୁଲିସ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁଲିସ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଗତ ଶୁକ୍ରବାର ମାହତୋ ତାଙ୍କ ଜଣେ ପଡୋଶୀଙ୍କ ଘରକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ବିଫଳ ହେବା ପରେ ପୁଅ ରବି ଓରାମ ସୋମବାର ଏନେଇ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମା' ହେବ ମହାରାଷ୍ଟ୍ରର ବାଘୁଣୀ ଜିନତ୍

### ୨୦୩୦ ସୁଦ୍ଧା ଶିମିଳିପାଳରେ ବାଘ ସଂଖ୍ୟା ୧୦୦ ଛୁଇଁବ

ବାରିପଦା,୨।୭(ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘ ସଂଖ୍ୟା ସହ ବାଘର ଜେନେଟିକ ଡାଇଭର୍ସିଭର୍ସିଟିକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଆଯାଇଥିବା ମିଶନ ସଫଳ ହେବାକୁ ଯାଉଛି। ମହାରାଷ୍ଟ୍ର ତଡବା

**କୁଲଡିହା ଅଭୟାରଣ୍ୟରେ ଯମୁନା**

ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଆସିଥିବା ୩ ବର୍ଷୀୟ ବାଘୁଣୀ ଜିନତ୍ ଏବେ ମା' ହେବାକୁ ଯାଉଛି ବୋଲି ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ) ପ୍ରେମକୁମାର ଝା ପ୍ରକାଶ କରିଛନ୍ତି।

ପ୍ରକାଶ ଥାଉକି, ମହାରାଷ୍ଟ୍ର ତଡବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଯମୁନା ଓ ଜିନତକୁ ଅଣାଯାଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଓ ଦକ୍ଷିଣ ବନଖଣ୍ଡ ଡିଭିଜନର କୋର୍ ଅଞ୍ଚଳରେ ନିର୍ମିତ ଏନକ୍ଲୋଜରେ ଛଡାଯାଇଥିଲା। ଜିନତ୍ ୧୧ ବର୍ଷୀୟ ମିଲେନାଷ୍ଟିକ ଟି-୧୨ ମହାବଳ ବାଘକୁ ସାଥୀ ଭାବରେ ବାଛି ଉଭୟଙ୍କ ମିଳନ ଘଟିଥିଲା। ତାପରେ ତାର



ସ୍ୱଭାବରେ ପରିବର୍ତ୍ତନ ଆସିଛି। ଦୀର୍ଘ ୨୫-୩୦ବର୍ଗ କିମି ଅଞ୍ଚଳକୁ ସେ ନିଜର ଇଲାକା ଭାବେ ଗ୍ରହଣ କରିଛି। ଯମୁନାଗଡରୁ ଗୁଡୁଗୁଡିଆ ମଧ୍ୟରେ ଖଞ୍ଜାଯାଇଥିବା ଟ୍ରାପ ଓ ଏଆଇ କ୍ୟାମେରାରେ ଉଭୟଙ୍କ ଫୁଟେଜ କଏଦ ହୋଇଛି। ଉଭୟଙ୍କ ସହ ଶାରିରୀକ ମିଳନ ହେବା ପରେ ଏବେ ଜିନତ୍ ମା' ହେବାକୁ ଯାଉଛି। ତା' ଉପରେ ସ୍ୱତନ୍ତ୍ର ନଜର ରଖିବା ପାଇଁ ଏକ ଡାକ୍ତରୀ ଦଳକୁ ମଧ୍ୟ ନିୟୋଜିତ କରାଯାଇଛି। ଶିମିଳିପାଳରେ ଏହି ଦୁଇ ବାଘୁଣୀକୁ ମିଶାଇ ୧୯ ହେବା ସହିତ ମହାବଳ ବାଘ ସଂଖ୍ୟା ୪୨ ରହିଛି ଏବଂ ୮ଟି ଶାବକ ରହିଛନ୍ତି।

ବାଘ ଗଣନା ପରିସଂଖ୍ୟା ଅନୁଯାୟୀ ପ୍ରତି ୪ବର୍ଷରେ ବାଘ ସଂଖ୍ୟା ଦୁଇ ଗୁଣ ବୃଦ୍ଧି ପାଉଛି। ଏହାକୁ ଲକ୍ଷ୍ୟ ରଖି ୨୦୨୬ ଗଣନାରେ ଏହା ୬୦ ପାର ହେବାର ଆଶଙ୍କା ରହିଥିବା ବେଳେ ୨୦୩୦ ସୁଦ୍ଧା ତାହା ୧୦୦ ପହଞ୍ଚିବ ବୋଲି ବନବିଭାଗ ପକ୍ଷରୁ ଆକଳନ କରାଯାଇଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

# ଇସିଙ୍କୁ ଭେଟିଲେ ବିରୋଧୀ

ନୂଆଦିଲ୍ଲୀ, ୨/୭ (ଏଜେନ୍ସି): ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ୧୧ ଜଣ ନେତା ଆଜି ନିର୍ବାଚନ କମିସନ (ଇସି)ଙ୍କୁ ଭେଟିଛନ୍ତି । ବିହାର ।।ରେ ଭୋଟର ତାଲିକା ସଂଶୋଧନ ପାଇଁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ସଂପର୍କରେ ସେମାନେ ଆପତ୍ତି ଉଠାଇଛନ୍ତି । ବିଧାନସଭା ନିର୍ବାଚନ ପୂର୍ବରୁ ଏଭଳି ଅଭିଯାନ ଯୋଗୁଁ ପ୍ରାୟ ଦୁଇ କୋଟି ଭୋଟର ମତାଧିକାରରୁ ବଞ୍ଚିତ ହେବେ । କାରଣ ଭୋଟରମାନଙ୍କ ପାଇଁ ଯେଉଁ ସର୍ତ୍ତ ରଖାଯାଇଛି, ତାହା ପୂରଣ କରିବା ସମସ୍ତଙ୍କ ପାଇଁ ସମ୍ଭବ ନୁହେଁ ବୋଲି ସେମାନେ କହିଥିଲେ । କିନ୍ତୁ କମିସନ ଏହାର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନାହାନ୍ତି । ଏହାକୁ ନେଇ ବିରୋଧୀ ବିରକ୍ତି ପ୍ରକାଶ କରିଛନ୍ତି ।

# ପହଲଗାମ ଆକ୍ରମଣକୁ ନିନ୍ଦା କଲେ କ୍ୱାଡ୍ ରାଷ୍ଟ୍ର

ୱାସିଂଟନ, ୨/୭ (ଏଜେନ୍ସି): ଆମେରିକାର ୱାସିଂଟନରେ ଅନୁଷ୍ଠିତ କ୍ୱାଡ (ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆ) ରାଷ୍ଟ୍ରଙ୍କ ବୈଦେଶିକ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ତୀବ୍ର ନିନ୍ଦା କରାଯାଇଛି । ସମସ୍ତେ ଆତଙ୍କବାଦ ବିରୋଧରେ ଏକାଠି ହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ସଙ୍କଳ୍ପ ନେଇଛନ୍ତି । ଏହି ଆକ୍ରମଣର ଦୋଷୀଙ୍କୁ ଶୀଘ୍ର କାଠଗଡ଼ାକୁ ଅଣାଯିବ ବୋଲି କହିଛନ୍ତି । କ୍ୱାଡ୍ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଆମେ ସବୁ ପ୍ରକାର ଆତଙ୍କବାଦ ଏବଂ ହିଂସାକୁ ବିରୋଧ କରୁଛୁ । ବୈଠକରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର, ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ, ଜାପାନର ତାକେଶି ଇୱାୟା ଏବଂ ଅଷ୍ଟ୍ରେଲିଆର ପେନି ୱାଙ୍ଗ ସାମିଲ ଥିଲେ ।

# ପାକିସ୍ତାନୀ ୱେବସାଇଟ ଉପରୁ କଟକଣା ହଟିଲା

ନୂଆଦିଲ୍ଲୀ, ୨/୭ (ଏଜେନ୍ସି): ପାକିସ୍ତାନ ନ୍ୟୁଜ ଚ୍ୟାନେଲ, ସେଲିବ୍ରିଟିଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଉପରେ ଭାରତ ସରକାର ଲଗାଇଥିବା କଟକଣାକୁ ହଟାଇ ଦେଇଛନ୍ତି । ତେବେ ଏ ନେଇ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇ ନାହିଁ । ଏବେ ପାକିସ୍ତାନୀ କଳାକାର ମାୱରା ହୋକାନେ, ସବା କମାର, ଅହଦ ରାଜା ମିର, ୟୁମନା ଜେଇଦି ଏବଂ ଦାନିଶ ତୈମୁର ଆଦିଙ୍କ ଆକାଉଣ୍ଟ ଭାରତରେ ଦେଖି ହେଉଛି । ତେବେ ଫୱାଦ ଖାନ, ହାନିଆ ଅମିର, ଅତିଫ ଅସଲାମଙ୍କ ଆକାଉଣ୍ଟ ଦେଖି ହେଉନାହିଁ ।

# ଦିନିକିଆ ପ୍ରଧାନମନ୍ତ୍ରୀ



ବ୍ୟାଙ୍କକ, ୨/୭ (ଏଜେନ୍ସି): ରାଜନୈତିକ ଅସ୍ଥିରତା ମଧ୍ୟରେ ଥାଇଲାଣ୍ଡରେ ୨୪ ଘଣ୍ଟା ପାଇଁ ପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯାଇଛି । ସୂର୍ଯ୍ୟା ଜୁଙ୍ଗରଙ୍ଗରେଙ୍ଗକିଟ (୭୦) ଦେଶର କାର୍ଯ୍ୟନିର୍ବାହୀ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ସେ ସାମ୍ବିଧାନିକ କୋର୍ଟଙ୍କ ନିର୍ଦ୍ଦେଶରେ ନିଲମ୍ବିତ ପ୍ରଧାନମନ୍ତ୍ରୀ ପାଏତୋଙ୍ଗଟର୍ଣ୍ଣ ଶିନାୱାତ୍ରାଙ୍କ ସ୍ଥାନ ନେଇଛନ୍ତି । ତେବେ ସେ ମାତ୍ର ଦିନକ ପାଇଁ ଏହି ଦାୟିତ୍ୱ ସମ୍ଭାଳିବେ । ସୂର୍ଯ୍ୟାଙ୍କୁ ଥାଇ ରାଜନୀତିର 'ପାଣିପାଗ ବିଜ୍ଞାନୀ' କୁହାଯାଏ । କାରଣ ସେ ସର୍ବଦା କ୍ଷମତାସୀନ ଦଳ ସହ ରହିଥାନ୍ତି ।

# ଛାତ୍ରଙ୍କୁ ଯୌନ ଉତ୍ପୀଡ଼ନ ଦେଇ ଶିକ୍ଷୟିତ୍ରୀ ଗିରଫ

ମୁମ୍ବାଇ, ୨/୭ (ଏଜେନ୍ସି): ଛାତ୍ର (୧୬)ଙ୍କୁ କ୍ରମାଗତ ଭାବେ ଯୌନ ଉତ୍ପୀଡ଼ନ ଦେବା ମାମଲାରେ ମୁମ୍ବାଇ ସ୍କୁଲ୍‌ର ଇଂରାଜୀ ଶିକ୍ଷୟିତ୍ରୀଙ୍କୁ ଗିରଫ କରାଯାଇଛି । ୨୦୨୩ ଡିସେମ୍ବରରେ ସ୍କୁଲ୍‌ର ବାର୍ଷିକ କାର୍ଯ୍ୟକ୍ରମ ଚାଲିଥିବାବେଳେ ଛାତ୍ରଙ୍କୁ ଦେଖି ମହିଳା ତାଙ୍କ ପ୍ରତି ଆକର୍ଷିତ ହୋଇଥିଲେ । ବିବାହ ଏବଂ ପିଲା ଥିବା ସତ୍ତ୍ୱେ ଏହି ମହିଳା ତାଙ୍କୁ ପ୍ରଲୋଭନ ଦେଖାଇ ମୁମ୍ବାଇର ଏକ ପଞ୍ଚ ତାରକା ହୋଟେଲକୁ ନେଇ ଶାରୀରିକ ସମ୍ପର୍କ ରଖିଥିଲେ । ଏତଲା ଅନୁଯାୟୀ ଅନେକ ସମୟରେ ଛାତ୍ରଙ୍କୁ ମଦ ପିଆଇ ଶିକ୍ଷୟିତ୍ରୀ ଯୌନ ଉତ୍ପୀଡ଼ନ ଦେଉଥିଲେ ।। ନାବାଳକଙ୍କୁ ଏ ସବୁ ଠିକ୍ ଲାଗୁ ନ ଥିଲା । ତେଣୁ ମହିଳା ତାଙ୍କୁ ଚିନ୍ତା ଦୂର କରୁଥିବା ଔଷଧ ଖାଇବାକୁ ଦେଉଥିଲେ । ଶେଷରେ ଛାତ୍ର ଏ ବିଷୟରେ ନିଜ ପରିବାର ଲୋକଙ୍କୁ ଜଣାଇଥିଲେ । ଥାନାରେ ଏତଲା ପରେ ତାଙ୍କୁ ଗିରଫ କରାଯାଇଛି ।

# ବର୍ତ୍ତିଲେ ୧୯୧ ବିମାନ ଯାତ୍ରୀ

ଟୋକିଓ, ୨/୭ (ଏଜେନ୍ସି): ଏକ ବଡ଼ ବିମାନ ଦୁର୍ଘଟଣା ଅଳ୍ପକେ ଟଳି ଯାଇଛି । ଜାପାନ ଏୟାରଲାଇନ୍ସର ବୋଇଂ ୭୩୭ ବିମାନ ମାତ୍ର ୧୦ ମିନିଟ ଭିତରେ ୨୬ ହଜାର ଫୁଟ ତଳକୁ ଖସି ଆସିବାରୁ ଏହି ସ୍ଥିତି ସୃଷ୍ଟି ହୋଇଥିଲା । ବିମାନର ଅକ୍ସିଜେନ ମାସ୍କ ଖୋଲି ଯାଇଥିଲା । ଯାତ୍ରୀ ଏବଂ କ୍ରୁ ସଦସ୍ୟ ଭୟରେ ଚିତ୍କାର କରିବାରେ ଲାଗିଥିଲେ । ବିସ୍ଫୋରଣ ଶବ୍ଦ ମଧ୍ୟ ଶୁଭିଥିଲା । ମୃତ୍ୟୁ ଆସନ୍ନ ଜାଣି କିଛି ଯାତ୍ରୀ ଘର ଲୋକଙ୍କୁ ନିଜ ଇଚ୍ଛା ଏବଂ ବ୍ୟାଙ୍କ ପିନ୍ ଲେଖି ପଠାଇ ଦେଇଥିଲେ । ଶେଷରେ ଉପସ୍ଥିତ ବୁଦ୍ଧି ଖଟାଇ ପାଇଲଟ ବିମାନର ଗତିପଥ ବଦଳାଇ ଥିଲେ । ବିମାନରେ ୧୯୧ ଜଣ ଯାତ୍ରୀ ଥିଲେ ।

# କାଜାକିସ୍ତାନରେ ହିଜାବ ନିଷିଦ୍ଧ

ଅସ୍ତାନା, ୨/୭: ମୁସଲିମ ବହୁଳ ରାଷ୍ଟ୍ର କାଜାକିସ୍ତାନରେ ହିଜାବକୁ ନିଷିଦ୍ଧ ଘୋଷଣା କରାଯାଇଛି । ସାର୍ବଜନୀନ ସ୍ଥାନରେ ମୁହଁକୁ ସଂପୂର୍ଣ୍ଣ ରୂପେ ଘୋଡ଼ାଯାଇପାରିବ ନାହିଁ । ରାଷ୍ଟ୍ରପତି କାସିମ ଜୋମାର୍ଟ ଆଜି ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି । ପରିଚୟ ଲୁଚାଇବା ଲାଗି ଏଭଳି ପୋଷାକକୁ ସାର୍ବଜନୀନ ସ୍ଥାନରେ ପିନ୍ଧାଯାଇପାରିବ ନାହିଁ ବୋଲି ସ୍ପଷ୍ଟ ଭାବେ ଉ ।।ଲ୍ଲେଖ କରାଯାଇଛି ।



# କୋଭିଡ୍ ପରେ ବଢୁଛି ହୃଦ୍‌ଘାତ ମୃତ୍ୟୁ

## କର୍ଣ୍ଣାଟକରେ ୪୦ ଦିନରେ ହୃଦ୍‌ଘାତ ନେଲାଣି ୨୨ ଜୀବନ

ନୂଆଦିଲ୍ଲୀ, ୨/୭ (ଏଜେନ୍ସି): କରୋନା ମହାମାରୀ ପରେ ଦେଶରେ ହୃଦ୍‌ଘାତ ମାମଲା ହୁ ହୁ ହୋଇ ବଢ଼ିବାରେ ଲାଗିଛି । ୨୦ ବର୍ଷର ଯୁବକଙ୍କଠାରୁ ନେଇ ୭୦ ବର୍ଷର ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଏହାର ଶିକାର ହେଉଛନ୍ତି । ନିକଟରେ ଅଭିନେତ୍ରୀ ଶେଫାଳି ଜରିୱାଲା ମଧ୍ୟ ହୃଦ୍‌ଘାତରେ ପ୍ରାଣ ହରାଇ ଥିଲେ । ସେହିପରି କର୍ଣ୍ଣାଟକ ହସନ ଜିଲ୍ଲାରେ ଗତ ୪୦ ଦିନରେ ୨୨ ଜଣ ହୃଦ୍‌ଘାତରେ ପ୍ରାଣ ହରାଇଲେଣି । ଏହାକୁ ନେଇ ଦେଶରେ ଚର୍ଚ୍ଚା ଜୋର ଧରିଥିବାବେଳେ କରୋନା ଟିକା ପାଇଁ ଏପରି ହେଉଛି ବୋଲି ଦାବି କରାଯାଉଥିଲା । କିନ୍ତୁ ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମଆର) ଏବଂ ଏମ୍ସ ପକ୍ଷରୁ ଜାରି ଏକ ଗବେଷଣା ରିପୋର୍ଟରେ ଏହି ଦାବିକୁ ଖାରଜ କରି ଦିଆଯାଇଛି । କରୋନା ଟୀକା ଓ ହୃଦ୍‌ଘାତ ମୃତ୍ୟୁ ମଧ୍ୟରେ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ ବୋଲି କୁହାଯାଇଛି । ଜୀବନଶୈଳୀରେ ପରିବର୍ତ୍ତନ, କରୋନା ପରବର୍ତ୍ତୀ ସମସ୍ୟା ଏବଂ ପୂର୍ବ ସ୍ଥିତି ଯୋଗୁଁ ଯୁବ ବର୍ଗଙ୍କ ମଧ୍ୟରେ ଏହି ମାମଲା ବଢ଼ି ଚାଲିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ବୁଧବାର ମଧ୍ୟ ସମାନ କଥା କୁହାଯାଇଛି । କରୋନା ଟିକା ଏବଂ ହୃଦ୍‌ଘାତ ମଧ୍ୟରେ କୌଣସି ସମ୍ପର୍କ ନାହିଁ ବୋଲି ଜାରି ବିବୃତିରେ କୁହାଯାଇଛି । ଏହାର ଦିନକ ପୂର୍ବରୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ରାଜ୍ୟରେ ହୃଦ୍‌ଘାତ ମୃତ୍ୟୁ ବୃଦ୍ଧି ପଛରେ କରୋନା ଟିକା ଥାଇପାରେ ବୋଲି କହିଥିଲେ ।

ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଭାରତର କରୋନା ଟିକା ସୁରକ୍ଷିତ ଏବଂ ପ୍ରଭାବୀ । ଏଥିଯୋଗୁଁ ବହୁତ ନଗଣ୍ୟ ପାର୍ଶ୍ୱ ପ୍ରତିକ୍ରିୟା ହୋଇଥାଏ । ଭାରତରେ ଦୁଇଟି କରୋନା ଟିକା କୋଭାକ୍ସିନ ଏବଂ କୋଭିସିଲ୍ଡ ପ୍ରସ୍ତୁତ କରା ଯାଇଥିଲା । ବ୍ରିଟିଶ କମ୍ପାନୀ ଅଷ୍ଟ୍ରାଜେନେକାର ଫର୍ମୂଲାରେ କୋଭିସିଲ୍ଡ ଏବଂ ଆଇସିଏମଆର ସହଯୋଗରେ ଭାରତ ବାୟୋଟେକ କୋଭାକ୍ସିନ ତିଆରି କରିଥିଲା । କିନ୍ତୁ କୋଭିସିଲ୍ଡ ନେଲେ ବିରଳ ପାର୍ଶ୍ୱ ପ୍ରତିକ୍ରିୟା ହୁଏ ବୋଲି ଏହାର ଉତ୍ପାଦନକାରୀ କମ୍ପାନୀ ଅଷ୍ଟ୍ରାଜେନେକା କୋର୍ଟରେ ସ୍ୱୀକାର କରିଥିଲା । ଏହାର ମୃତ୍ୟୁ କାରଣ ପାଲଟି ପାରେ ଏବଂ ଲୋକଙ୍କୁ ଗୁରୁତର କରିଦେଇପାରେ ବୋଲି ଦାବି ହେବା ପରେ ଏହି ମାମଲା କୋର୍ଟକୁ ଯାଇଥିଲା । ପରିବାରଗୁଡିକ ଉପରେ ଏହା ଭୟଙ୍କର ପ୍ରଭାବ ପକାଇଥିଲା । ଏଥିଯୋଗୁଁ ଅନେକ ଲୋକଙ୍କ ଜୀବନ ଯାଇଥିଲା ।

### କରୋନା ଟିକା ଓ ହୃଦ୍‌ଘାତ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ନାହିଁ: ଆଇସିଏମଆର ଅଧ୍ୟୟନ

### କୋଭିସିଲ୍ଡରେ ପାର୍ଶ୍ୱ ପ୍ରତିକ୍ରିୟା ହେଉଥିବା ମାନିଥିଲା କମ୍ପାନୀ

ହୃଦ୍‌ଘାତ ମୃତ୍ୟୁର କାରଣ ଜାଣିବା ଲାଗି ୨ଟି ଅଧ୍ୟୟନ ଚାଲିଛି । ଗୋଟିଏ ପୂର୍ବ ତଥ୍ୟ ଆଧାରିତ ଏବଂ ଅନ୍ୟଟି 'ରିୟଲ ଟାଇମ ଇନଭେଷ୍ଟିଗେସନ' ସମ୍ବନ୍ଧିତ । ଆଇସିଏମଆରର ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଏପଡିମୋଲୋଜି (ଏନଆଇଇ) ୨୦୨୩ ମେ'ରୁ ଅଗଷ୍ଟ ପର୍ଯ୍ୟନ୍ତ ୧୯ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୭ ହସ୍ପିଟାଲରେ ଅଧ୍ୟୟନ କରିଥିଲା । ଏଥିରେ ୨୦୨୧ ଅକ୍ଟୋବରରୁ ୨୦୨୩ ମାର୍ଚ୍ଚ ମଧ୍ୟରେ ଅଚାନକ ପ୍ରାଣ ହରାଇଥିବା ଲୋକଙ୍କ ତଥ୍ୟ ବିଶ୍ଳେଷଣ କରାଯାଇଥିଲା । କରୋନା ଟିକା ଦ୍ୱାରା ଅଚାନକ ମୃତ୍ୟୁର ବିପଦ ବଢେ ନାହିଁ ବୋଲି ଏଥିରୁ ଜଣାପଡ଼ିଥିଲା । ଯୁବ ଏବଂ ବୟସ୍କଙ୍କ ମଧ୍ୟରେ ଅଚାନକ ମୃତ୍ୟୁର କାରଣ ସନ୍ଧାନ ଲାଗି ଏମ୍ସ ଏବଂ ଆଇସିଏମଆର ପକ୍ଷରୁ ଆଉ ଏକ ଅଧ୍ୟୟନ କରାଯାଉଛି । ପ୍ରାରମ୍ଭିକ ତଥ୍ୟରୁ ଜଣାପଡ଼ିଛି ଯେ ହୃଦ୍‌ଘାତ କିମ୍ବା ମାୟୋକାର୍ଡିୟଲ ଇନ୍‌ଫ୍ରାକ୍ସନ (ଏମଆଇ) ଏହି ବୟସରେ ମୃତ୍ୟୁର ପ୍ରମୁଖ କାରଣ ପାଲଟୁଛି । ଗତ କିଛି ବର୍ଷ ହେଲା ଅଚାନକ ମୃତ୍ୟୁର କାରଣ ପାଲଟୁଥିବା ଧାରାରେ କୌଣସି ବଡ଼ ପରିବର୍ତ୍ତନ ଆସିନାହିଁ । ଜେନେଟିକ ମ୍ୟୁଟେସନ ପାଇଁ ଅଧିକାଂଶ ମୃତ୍ୟୁ ହୋଇଛି । ଏବେ ଏହି ଅଧ୍ୟୟନ ଜାରି ରହିଛି ।

# ବିହାର ନିର୍ବାଚନ ପର୍ଯ୍ୟନ୍ତ ଅଟକିଲା ନେତୃତ୍ୱ ପରିବର୍ତ୍ତନ ନିଷ୍ପତ୍ତି



ବେଙ୍ଗାଲୁରୁ, ୨/୭ (ଏଜେନ୍ସି): କର୍ଣ୍ଣାଟକରେ ନେତୃତ୍ୱ ପରିବର୍ତ୍ତନ ନେଇ ଚର୍ଚ୍ଚା ଜୋର୍ ଧରିଛି । ମୁଖ୍ୟମନ୍ତ୍ରୀ ପଦ ଲାଗି ଦୁଇ ନେତାଙ୍କ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ କଂଗ୍ରେସ ହାଇକମାଣ୍ଡ ଦଳର ସାଧାରଣ ସଂପାଦକ ରଣଦୀପ ସୁର୍ଯେୱାଲାଙ୍କୁ ପଠାଇଥିଲେ । ସେ ଦଳୀୟ ବିଧାୟକମାନଙ୍କୁ ଭେଟି ସେମାନଙ୍କର ମତାମତ ନେଇଛନ୍ତି । ତେବେ ମୁଖ୍ୟମନ୍ତ୍ରୀ ପଦରେ ରହିବା ଲାଗି ସିଦ୍ଧ ରମୈୟା ଜିଦ୍ ଧରିଥିବାରୁ ସମାଧାନର ବାଟ ବାହାରି ପାରୁନାହିଁ । ହାଇକମାଣ୍ଡ ଏହାଉପରେ ଚୂଡାନ୍ତ ନିଷ୍ପତ୍ତି ନେବେ ବୋଲି କୁହାଯାଇଥିଲେ ମଧ୍ୟ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଯାଉଥିବା ବିହାର ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ନେତୃତ୍ୱରେ କୌଣସି ପରିବର୍ତ୍ତନ ହେବନାହିଁ ବୋଲି ଜଣାପଡ଼ିଛି ।

ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସମର୍ଥକ ନେତୃତ୍ୱ ପରିବର୍ତ୍ତନ ଲାଗି ଦାବି କରୁଥିବା ବେଳେ ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ନାରାଜ । ନେତୃତ୍ୱ ପରିବର୍ତ୍ତନ ଚର୍ଚ୍ଚାକୁ ସେ ପୁଣିଥରେ ଖଣ୍ଡନ କରିଦେଇଛନ୍ତି । ସେ ପାଞ୍ଚ ବର୍ଷ ପାଇଁ ଏହି ପଦବୀରେ ରହିବେ ବୋଲି ଦମ୍ଭୋକ୍ତି ବାଢିଛନ୍ତି । ସେ କହିଛନ୍ତି 'ହଁ, ମୁଁ ମୁଖ୍ୟମନ୍ତ୍ରୀ ରହିବି । ଏଥିରେ କୌଣସି ସନ୍ଦେହ ଅଛି କି? ନେତୃତ୍ୱ ପରିବର୍ତ୍ତନ ନେଇ ବିଜେପି ଏବଂ ଜେଡିଏସ ନେତାଙ୍କ ଦାବି ଉପରେ ସେ କହିଛନ୍ତି ଯେ ଏହି ଚର୍ଚ୍ଚା ଯେଉଁମାନେ କରୁଛନ୍ତି ସେମାନେ କ'ଣ କଂଗ୍ରେସ ହାଇକମାଣ୍ଡ କି? ବିରୋଧୀ

- ■ ମୁଁ ମୁଖ୍ୟମନ୍ତ୍ରୀ ରହିବି; କିଛି ସନ୍ଦେହ ଅଛି କି: ସିଦ୍ଧରମୈୟା
- ■ ମୋ ପାଖରେ କ'ଣ ବିକଳ୍ପ ଅଛି: ଶିବକୁମାର

ଦଳ ନେତା ଆର ଅଶୋକ ବିଜେପି ଲୋକ । ବିୱାଇ ବିଜୟେନ୍ଦ୍ର ବିଜେପି ଅଧ୍ୟକ୍ଷ । ବିଧାନ ପରିଷଦର ବିରୋଧୀ ଦଳ ନେତା ଚଲୱଡି ନାରାୟଣ ସ୍ୱାମୀ ମଧ୍ୟ ବିଜେପି ନେତା । ସେମାନେ ଏହି କଥା କହିଲେ ଆପଣମାନେ ଲେଖିବେ କି ବୋଲି ସିଦ୍ଧରମୈୟା ସାମ୍ବାଦିକମାନଙ୍କୁ ପ୍ରଶ୍ନ କରିଛନ୍ତି । ଏହା ପୂର୍ବରୁ ମଧ୍ୟ ଶିବକୁମାରଙ୍କ ସହ ମତଭେଦ ଖବରକୁ ମୁଖ୍ୟମନ୍ତ୍ରୀ ଖଣ୍ଡନ କରିଥିଲେ । ଶିବକୁମାରଙ୍କ ସହ ସଂପର୍କ ଭଲ ଅଛି ଓ ଦଳରେ ଏକତା ରହିଛି । ସରକାର ୫ ବର୍ଷ ପର୍ଯ୍ୟନ୍ତ ମଜବୁତ ରହିବ ବୋଲି କହିଥିଲେ ।

ଅନ୍ୟପକ୍ଷରେ ଉପ-ମୁଖ୍ୟମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ପଦ ଲାଗି ଦାବିଦାର ଶିବକୁମାର କହିଛନ୍ତି ଯେ ମୋ ପାଖରେ ଆଉ କ'ଣ ବିକଳ୍ପ ଅଛି? ମୁଁ ସିଦ୍ଧରମେୟାଙ୍କ ସହ ରହିଛି ଏବଂ ତାଙ୍କୁ ସମର୍ଥନ ଦେବି । ହାଇକମାଣ୍ଡ ନିଷ୍ପତ୍ତିକୁ ବିରୋଧ କରିବାର ପ୍ରଶ୍ନ ଉଠୁନାହିଁ । ହାଇକମାଣ୍ଡ ଯାହା ଚାହିଁବେ, ତାହା କରିବି । ସେ କହିଲେ ଯେ ରାଜ୍ୟରେ ଦଳୀୟ ସଂଗଠନକୁ କିପରି ମଜବୁତ କରାଯିବ, ସେହି ଉଦ୍ଦେଶ୍ୟରେ ବିଧାୟକମାନଙ୍କ ସହ ଆଲୋଚନା ପାଇଁ ଆସିଥିଲେ ସୁର୍ଯେୱାଲା । ମୁଖ୍ୟମନ୍ତ୍ରୀ ବଦଳାଇବା କିମ୍ବା ରାଜ୍ୟ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ କୌଣସି ବିଚାର ଆଲୋଚନା ହୋଇନାହିଁ ବୋଲି ଶିବକୁମାର ସ୍ପଷ୍ଟ କରିଛନ୍ତି ।

# ଶେଖ୍ ହସିନାଙ୍କୁ ୬ ମାସ୍ ଜେଲ୍ ଦଣ୍ଡ



ଢାକା, ୨/୭ (ଏଜେନ୍ସି): ଅଦାଲତ ଅବମାନନା ମାମଲାରେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଛଅ ମାସ ଜେଲ ଦଣ୍ଡାଦେଶ ହୋଇଛି । ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ (ଆଇଟିସି) ବୁଧବାର ଏହି ଦଣ୍ଡାଦେଶ ଶୁଣାଇଛି । ହସିନା ଏବଂ ସ୍ଥାନୀୟ ନେତା ଶକିଲ ବୁଲବୁଲଙ୍କ ମଧ୍ୟରେ ଫୋନ୍ ବାର୍ତ୍ତାଳାପର ତଦନ୍ତ କରିବା ପରେ ଆଇଟିସି ଏହି ରାୟ ଦେଇଛି । ଗତ ବର୍ଷ ଏହି ବାର୍ତ୍ତାଳାପ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏଥିରେ ଶେଖ୍ ହାସିନା କହିଥିଲେ ଯେ ତାଙ୍କ ବିରୁଦ୍ଧରେ ୨୨୭ ମାମଲା ପଞ୍ଜିକୃତ ହୋଇଛି । ତେଣୁ ତାଙ୍କୁ ୨୨୭ ଜଣଙ୍କୁ ହତ୍ୟା କରିବାର ଲାଇସେନ୍ସ ମିଳିଛି ।

# କ୍ଷମତା ବଦଳିବା ପରେ ବଦଳିଗଲା ଆଭିମୁଖ୍ୟ

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାର ହେବ ନବୀକରଣ

ନୂଆଦିଲ୍ଲୀ, ୨/୭ (ଏଜେନ୍ସି): ସରକାର ବଦଳିବା ପରେ ଆଭିମୁଖ୍ୟ ବଦଳି ଯାଇଥାଏ । ନିର୍ବାଚନୀ ପ୍ରଚାର ସମୟରେ ଯେଉଁ ପ୍ରସଙ୍ଗକୁ ନେଇ ବିରୋଧୀ ଦଳକୁ ବିରୋଧ କରାଯାଇଥାଏ କ୍ଷମତାକୁ ଆସିବା ପରେ ତାହାକୁ ଦଳ ଆପଣାଇ ନେଇଥାଏ । ବିରୋଧ ସମର୍ଥନ ପାଲଟି ଯାଏ । ଦିଲ୍ଲୀ ସରକାରରେ ଏପରି ଦେଖିବାକୁ ମିଳିଛି । କ୍ଷମତାରୁ ଦୂରରେ ଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବାସଭବନ ନବୀକରଣକୁ ବିଜେପି ପ୍ରମୁଖ ପ୍ରସଙ୍ଗ କରିଥିଲା । ଏହାକୁ 'ଶିଶ୍ ମହଲ' କହିଥିଲା । ଆମ ଆଦ୍‌ମୀ ଯାହା କହିଥିଲେ ତା'ର ବୀପରିତ କରିଛନ୍ତି ବୋଲି କୁହାଯାଇଥିଲା । ମାତ୍ର ବିଜେପି କ୍ଷମତାକୁ ଆସିବା ପରେ ରେଖା ଗୁପ୍ତା ମୁଖ୍ୟମନ୍ତ୍ରୀ ହୋଇଥିଲେ । ତାଙ୍କୁ ରାଜନିବାସ ମାର୍ଗରେ ଥିବା ମୁଖ୍ୟମନ୍ତ୍ରୀ ସରକାରୀ ବଙ୍ଗଳା ମିଳିଛି । ଏବେ ଏହାକୁ ନବୀକରଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଖୁବଶୀଘ୍ର ଏହାର ମରାମତି ଏବଂ ସାଜସଜ୍ଜା କାମ ଆରମ୍ଭ ହେବାକୁ ଯାଉଛି । ପୂର୍ବରୁ ଏହି ବଙ୍ଗଳାକୁ ଉପ-ରାଜ୍ୟପାଳ ସଚିବାଳୟର କାର୍ଯ୍ୟାଳୟ ଭାବେ ବ୍ୟବହାର କରାଯାଉଥିଲା ।

- ■ ଲାଗିବ ୨୪ ଏସି, ୫ଟି ସ୍ମାର୍ଟ ଟିଭି
- ■ କେଜ୍ରିୱାଲଙ୍କ ବଙ୍ଗଳାକୁ କହିଥିଲେ 'ଶିଶ୍ ମହଲ'

ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାରେ ୨୪ଟି ଏୟାର କଣ୍ଡିସନର (ଏସି), ୫ଟି ସ୍ମାର୍ଟ ଟିଭି ( ଚାରୋଟି ୫୫ ଇଞ୍ଚ ଏବଂ ଗୋଟିଏ ୬୫ ଇଞ୍ଚ), ୩ଟି ବଡ଼ ଝୁମର, ୮୦ରୁ ଅଧିକ ପଙ୍ଖା ଲଗାଯିବ । ରୋଷେଇ ଘରେ ଗ୍ୟାସ୍ ହବ୍, ଇଲେକ୍‌ଟ୍ରିକ୍ ଚିମନୀ, ମାଇକ୍ରୋୱେଭ, ଟୋଷ୍ଟ ଗ୍ରୀଲ, ୱାସିଂ ମେସିନ, ଡିସ୍‌ୱାସର, ଘଣ୍ଟାକୁ ୫୦ ଲିଟର ପାଣି ବାହାରୁଥିବା ଆରଓ ୱାଟର ପ୍ଲାଣ୍ଟର ସୁବିଧା ରହିବ । ପ୍ରଥମ ପର୍ଯ୍ୟାୟରେ ଏହି ନବୀକରଣ ଲାଗି ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । କେବଳ ଏସି ପାଇଁ ୧୧ ଲକ୍ଷରୁ ଅଧିକ ଟଙ୍କା ଏବଂ ଲାଇଟ୍ ଝୁମର ଲାଗି ୬ ଲକ୍ଷ ଟଙ୍କା ବଜେଟ ରହିଛି । ଏହି କୋଠାରେ ୪ଟି ଶୟନ କକ୍ଷ, ଡ୍ରଇଂ ରୁମ୍, ଭିଜିଟର୍ସ ହଲ୍, ଚାକରଙ୍କ ପ୍ରକୋଷ୍ଠ, ରୋଷେଇ ଘର ଆଦି ରହିଛି । ପୂର୍ବରୁ କେଜ୍ରିୱାଲଙ୍କ ଫ୍ଲାଗଷ୍ଟାଫ ରୋଡ(୬) ସ୍ଥିତ ବାସଭବନକୁ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଦୁର୍ନୀତିର ପ୍ରତୀକ କହିଥିଲେ ।

# ତିବ୍ବତୀୟ ବାଛିବେ ନୂଆ ଦଲାଇଲାମା



ଧର୍ମଶାଳା, ୨/୭ (ଏଜେନ୍ସି): ପରବର୍ତ୍ତୀ ଦଲାଇଲାମା କିଏ ହେବ ତାହାକୁ ନେଇ ସାରା ବିଶ୍ୱର ନଜର ରହିଛି । ଏପରି ସମୟରେ ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା ବଡ଼ ଘୋଷଣା କରିଛନ୍ତି । ତେବେ ତାଙ୍କର ଏହି ଘୋଷଣା ଚୀନ୍‌କୁ ପସନ୍ଦ ଆସିନି । ତିବ୍ବତରେ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ଅତ୍ୟାଚାର ଦେଉଥିବା ଏହି ବିସ୍ତାରବାଦୀ ଦେଶ ଧର୍ମଗୁରୁ ଚୟନରେ କେଁ ପୂରାଇଛି । ହିମାଚଳର ଧର୍ମାଶାଳାରେ ବୁଧବାରଠାରୁ ଆରମ୍ଭ ହୋଇଥିବା ୧୫ତମ ତିବ୍ବତୀୟ ଧାର୍ମିକ ସମ୍ମିଳନୀରେ ଦଲାଇଲାମା ନିଜର ପରବର୍ତ୍ତୀ ଉତ୍ତରାଧିକାରୀଙ୍କୁ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଦେଇଛନ୍ତି । ଆଉ ଚୀନ୍‌କୁ ବଡ଼ ଜବାବ ଦେଇଛନ୍ତି । ସେ କହିଛନ୍ତି ଯେ ଆଗକୁ ବି ଦଲାଇଲାମା ଅନୁଷ୍ଠାନ ଜାରି ରହିବ । ତାଙ୍କ ଅନ୍ତେ ତିବ୍ବତୀୟ ତଥା ବୌଦ୍ଧ ପରମ୍ପରା ଅନୁଯାୟୀ ପରବର୍ତ୍ତୀ ଉତ୍ତରାଧିକାରୀ ଚୟନ ହେବ । ନୂଆ ଦଲାଇଲାମା ଚୟନର ଦାୟିତ୍ୱ ସେ ତିବ୍ବତୀୟ ସଂଗଠନ ଗାଦେନ ଫୋଡରଙ୍ଗ ଟ୍ରଷ୍ଟକୁ ପ୍ରଦାନ କରିଛନ୍ତି । ତିବ୍ବତୀୟ ଲୋକମାନେ ହିଁ ନୂଆ ଦଲାଇଲାମା ଚୟନ କରିବେ । ଏଥିରେ ଚୀନ୍‌ର କୌଣସି ଭୂମିକା ରହିବ ନାହିଁ । ଯଦି ଚୀନ୍ ଦଖଲ ଦେବାକୁ ପ୍ରୟାସ କରିବ ତେବେ ଏହାକୁ ବରଦାସ୍ତ କରାଯିବ ନାହିଁ । ତେବେ ଦଲାଇଲାମାଙ୍କ ଏହି ମନ୍ତବ୍ୟକୁ ଚୀନ୍ ଗ୍ରହଣ କରିପାରି ନାହିଁ । ଏହି ଘୋଷଣାକୁ ନେଇ ଚୀନ୍ କ୍ଷୁବ୍ଧ ହୋଇଯାଇଛି ।

ବୌଦ୍ଧ ଧର୍ମ ଏବଂ ତିବ୍ବତରେ ଦଖଲ ଦେଉଥିବା ଏହି ରାଷ୍ଟ୍ର ପକ୍ଷରୁ କୁହାଯାଇଛି ଯେ ଉତ୍ତରାଧିକାରୀ ଚୟନ ପାଇଁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ନେବାକୁ ପଡ଼ିବ । ଚୀନ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର କହିଛନ୍ତି ଯେ ଦଲାଇଲାମା, ପାଞ୍ଚେନ ଲାମା ଓ ଅନ୍ୟ ବୌଦ୍ଧ ନେତାଙ୍କ ପୁନର୍ଜନ୍ମ ପ୍ରକ୍ରିୟା 'ଗୋଲ୍ଡେନ ଆର୍ଣ୍ଣ ଲଟେରି' ଅନୁସାରେ କରାଯିବ । ସୂଚନାଯୋଗ୍ୟ ଯେ ଧର୍ମଶାଳା ସ୍ଥିତ ଦଲାଇଲାମା ଲାଇବ୍ରେରି ଆଣ୍ଡ ଆର୍କାଇଭରେ ଆରମ୍ଭ ହୋଇଥିବା ତିନି ଦିନିଆ ସମ୍ମିଳନୀରେ ବୌଦ୍ଧ ଧର୍ମର ବିଭିନ୍ନ ପରମ୍ପରାର ଲାମାମାନେ, ତିବ୍ବତୀୟ ସଂସଦ, ସଂଗଠନ ଏବଂ ସାରା ବିଶ୍ୱରେ ଥିବା ତିବ୍ବତୀୟ ସମୁଦାୟର ପ୍ରତିନିଧି ଭାଗ ନେଉଛନ୍ତି । ବର୍ତ୍ତମାନର ଦଲାଇଲାମା ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ ଦଲାଇଲାମା ଅନୁଷ୍ଠାନକୁ ଜାରି ରଖିବାକୁ ତିବ୍ବତୀୟ ଲୋକ, ମଙ୍ଗୋଳିଆ, ଚୀନ ଏବଂ ସାରା ବିଶ୍ୱରେ ଥିବା ବୌଦ୍ଧ ସଂପ୍ରଦାୟ ଦଲାଇଲାମାଙ୍କୁ ଅନୁରୋଧ କରିଥିଲେ । ଏହାକୁ ଗ୍ରହଣ କରାଯାଇଛି ।

# ଗାଜାରେ ୬୦ ଦିନିଆ ଅସ୍ତ୍ରବିରତି ଲାଗି ଇସ୍ରାଏଲ ରାଜି

ୱାସିଂଟନ, ୨/୭ (ଏଜେନ୍ସି): ଗାଜାରେ ୬୦ ଦିନିଆ ଅସ୍ତ୍ରବିରତି ପାଇଁ ଇସ୍ରାଏଲ ରାଜି ହୋଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସୂଚନା ଦେଇଛନ୍ତି । ଟ୍ରମ୍ପ କହିଛନ୍ତି ଯେ ଏହି ସମୟ ମଧ୍ୟରେ ସମସ୍ତ ପକ୍ଷଙ୍କୁ ଭେଟି ଯୁଦ୍ଧ ଶେଷ କରିବାକୁ ପ୍ରୟାସ କରାଯିବ । ଟ୍ରମ୍ପ ହମାସକୁ ମଧ୍ୟ ଚେତାବନୀ ଦେଇଛନ୍ତି । ଏହି ଚୁକ୍ତିକୁ ହମାସ ସ୍ୱୀକାର ନ କଲେ ପରିସ୍ଥିତି ଆହୁରି ଖରାପ ହେବ ବୋଲି କହିଛନ୍ତି । କାତାର ଏବଂ ଇଜିପ୍ଟ ଏହି ଚୁକ୍ତିର ଚୂଡ଼ାନ୍ତ ପ୍ରସ୍ତାବ ହମାସ ପାଖକୁ ପଠାଇବେ । ଏହି ଦୁଇ ଦେଶ ଦୀର୍ଘ ସମୟ ଧରି ଶାନ୍ତି ପ୍ରତିଷ୍ଠା ଲାଗି ପ୍ରୟାସ କରିଚାଲିଛନ୍ତି । ଟ୍ରମ୍ପ ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି । ସେ ଲେଖିଛନ୍ତି ଯେ ଗାଜା ବିଷୟରେ ଆଜି ଇସ୍ରାଏଲୀ ଅଧିକାରୀଙ୍କ ସହିତ ମୋର ଭଲ ଆଲୋଚନା ହୋଇଛି । ଅସ୍ତ୍ରବିରତି ପାଇଁ ଇସ୍ରାଏଲ ରାଜି ହୋଇଛି । ଏବେ ଆମେ ସମସ୍ତ ପକ୍ଷଙ୍କ ସହିତ କଥା ହୋଇ ଯୁଦ୍ଧ ଶେଷ କରିବାକୁ ଚେଷ୍ଟା କରିବୁ । ଆଶା କରାଯାଉଛି ଯେ ହମାସ ଏହି ପ୍ରସ୍ତାବକୁ ଗ୍ରହଣ କରିବ । କାରଣ ଏହାଠାରୁ ଭଲ ସୁଯୋଗ ଆଉ କିଛି ହେବ ନାହିଁ ।

# ଚର୍ଚ୍ଚାରେ ଆଇଏଏସ୍ ନେହା: ୩ ଥର ଫେଲ୍ ହେବା ପରେ ଛାଡ଼ିଥିଲେ ମୋବାଇଲ

ନୂଆଦିଲ୍ଲୀ, ୨/୭ (ଏଜେନ୍ସି): ପ୍ରଥମ ଦୁଇଟି ପ୍ରୟାସରେ ୟୁପିଏସ୍‌ସିର ପ୍ରିଲିମିନାରୀ ପରୀକ୍ଷାରେ ପାସ୍ କରିପାରି ନ ଥିଲେ । ତୃତୀୟ ପ୍ରୟାସରେ ପ୍ରିଲିମିନାରୀ ପାସ୍ କରିଥିଲେ, କିନ୍ତୁ ମେନ୍ସ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରି ନ ଥିଲେ । ତିନି ଥର ବିଫଳ ହେବା ସତ୍ତ୍ୱେ ହାର୍ ମାନି ନ ଥିଲେ । ଅଧିକ କଠିନ ପରିଶ୍ରମ କରିଥିଲେ । ଏଥିପାଇଁ ମୋବାଇଲ ସହ ସମ୍ପର୍କ ତୁଟାଇ ଦେଇଥିଲେ । ମୋବାଇଲ ଦ୍ୱାରା ଅଧିକ ସମୟ ଯାଉଥିବା ଭାବି ଏହାକୁ ଭାଙ୍ଗି ଦେଇଥିଲେ । ମାସେ କି ବର୍ଷେ ନୁହେଁ, ତିନି ବର୍ଷ ପର୍ଯ୍ୟନ୍ତ ମୋବାଇଲ ଛାଡ଼ି ଦେଇଥିଲେ । ଦିନକୁ ୧୭-୧୮ ଘଣ୍ଟା ପଢୁଥିଲେ । କଠିନ ପରିଶ୍ରମ ଏବଂ ନିଷ୍ଠା ପାଇଁ ଶେଷରେ ସଫଳ ହୋଇ ସାରା ଦେଶର ଧ୍ୟାନ ଆକର୍ଷଣ କରିବାରେ ସଫଳ ହୋଇଥିଲେ । ୪ର୍ଥ ପ୍ରୟାସରେ ୨୪ ବର୍ଷ ବୟସରେ ୟୁପିଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ୯୬୦ ମାର୍କ ରଖି ସର୍ବ ଭାରତୀୟସ୍ତରରେ ୫୬୯ ର୍‍ୟାଙ୍କ ହାସଲ କରି ଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ଅଧିକାରୀ ହୋଇଥିଲେ । ଆଇଏଏସ ଅଧିକାରୀ ନେହା ବୟଦୱାଲ ଏହି ସଫଳତା ପାଇଛନ୍ତି । ୨୫ ବର୍ଷୀୟ ଏହି ଆଇଏଏସ ଏବେ ଗୁଜରାଟରେ ଅବସ୍ଥାପିତ ଅଛନ୍ତି ।

ସୂଚନା ଅନୁଯାୟୀ ନେହା ରାଜସ୍ଥାନରେ ଜନ୍ମ ହୋଇଥିଲେ । ତେବେ ସେ ଛତିଶଗଡ଼ର ରାୟପୁରରେ ବଡ଼ ହୋଇଥିଲେ । ସେ ୫ମ ଶ୍ରେଣୀରେ ପ୍ରଥମଥର ପାଇଁ ବିଫଳ ତଥା ଫେଲ୍ ହୋଇଥିଲେ । କିନ୍ତୁ ଏହା ତାଙ୍କୁ କଠିନ ପରିଶ୍ରମ କରିବାକୁ ଖୋରାକ ଯୋଗାଇ ଥିଲା । ସେ ଭାଙ୍ଗି ନ ଯାଇ କଠୋର ପରିଶ୍ରମ କରି ସଫଳତାର ସହ ଆଗକୁ ବଢ଼ି ଚାଲିଥିଲେ । ଏକ ସାକ୍ଷାତକାରରେ ନେହା କହିଥିଲେ ଯେ ରାୟପୁରରେ ରହୁଥିବାବେଳେ ବାପାଙ୍କ ଚାକିରି ପାଇଁ ସେ ଭୋପାଳ ଚାଲି ଆସିଥିଲେ । ସେଠାରେ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ତାଙ୍କ ନାମ ଲେଖା ଯାଇଥିଲା । ପୂର୍ବରୁ ହିନ୍ଦୀ ଶିଖିଥିବା ନେହାଙ୍କ ପାଇଁ ଇଂରାଜୀ ଶିଖିବା କଠିନ ହୋଇଥିଲା । କିନ୍ତୁ ସେ ହାର୍ ମାନି ନ ଥିଲେ । କିଛି ଦିନ ମଧ୍ୟରେ ଇଂରାଜୀ



ଶିଖି ଯାଇଥିଲେ ।

ବରିଷ୍ଠ ଆୟକର ବିଭାଗ ଅଧିକାରୀଙ୍କ ଝିଅ ନେହା ବାପାଙ୍କ ପନ୍ଥାକୁ ଅନୁସରଣ କରି ୟୁପିଏସ୍‌ସି ପରୀକ୍ଷା ଦେବାକୁ ଚାହିଁଥିଲେ । କିନ୍ତୁ ବାରମ୍ବାର ବିଫଳ ହେବା ଯୋଗୁଁ ସେ ମୋବାଇଲକୁ ନିଜ ଠାରୁ ଦୂରେଇ ଦେଇଥିଲେ । ସେ ୩ ବର୍ଷ ପର୍ଯ୍ୟନ୍ତ ମୋବାଇଲ ବ୍ୟବହାର କରି ନଥିଲେ । ସେ କଠିନ ପରିଶ୍ରମକୁ ସଫଳତାର ଶ୍ରେୟ ଦେଇଛନ୍ତି । ନେହା କହିଛନ୍ତି ଯେ କୌଣସି ସ୍ଥାନକୁ ବୁଲିବାକୁ ନ ଯିବା କିମ୍ବା କିଛି ଜିନିଷ ନ କିଣିବା ବଳିଦାନ ନୁହେଁ । ଦିନ ତମାମ କାମ କରି ଘରକୁ ଫେରିବା ପରେ ନିଜ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେବା ହିଁ ହେଉଛି ବଳିଦାନ । ବାପା କାମରୁ ଫେରିବାର ୩୦ ମିନିଟ ମଧ୍ୟରେ ନିଜକୁ ପ୍ରସ୍ତୁତ କରି ନେଉଥିଲେ । ଗଣିତ ଠାରୁ ଇତିହାସ ପର୍ଯ୍ୟନ୍ତ ମୋତେ ପଢ଼ାଉ ଥିଲେ । ଏହି ଯାତ୍ରା ଆମକୁ କଠିନ ପରିଶ୍ରମ, ନିଷ୍ଠା, ଉତ୍ସାହ, ହାର ନ ମାନିବାର ଦୃଢ଼ତାକୁ ଏବଂ ସମୟ ପରିଚାଳନାକୁ ଦର୍ଶାଉଛି ।

# 'ଡେଲିଭରି ବୟ-୨'ରେ ଅର୍ଚ୍ଚିତା



ଓଡ଼ିଆ ସିନେମା 'ଡେଲିଭରି ବୟ'ର ଅପୂର୍ବ ସଫଳତା ପରେ ଖୁବ୍‌ଶୀଘ୍ର ଆସିବାକୁ ଯାଉଛି 'ଡେଲିଭରି ବୟ-୨।' ଓଲିଉଡ୍‌ର ସୁପର କ୍ୱିନ୍ ଅର୍ଚ୍ଚିତାଙ୍କୁ ଏଥିରେ ଦେଖିବାକୁ ମିଳିବ। ଅର୍ଚ୍ଚିତାଙ୍କର ଏହି ଭୂମିକା ଜଣେ ଡେଲିଭରି ଗର୍ଲ ଭାବେ ରହିଛି। ଯିଏକି ନିଜ ପରିବାରକୁ ସମର୍ଥନ କରିବା ସହ ବ୍ୟକ୍ତିଗତ ସ୍ୱପ୍ନକୁ ବଞ୍ଚାଇ ରଖିବାରେ ସଂଘର୍ଷ କରୁଛନ୍ତି। ତାଙ୍କର ଅଭିନୟ ମହିଳାଙ୍କ ସାହସ ଓ ଦୃଢ଼ ମନୋବଳକୁ ପ୍ରତିଫଳିତ କରିବ। ତେବେ ହସ, ଲୁହ, ସଂଘର୍ଷ ଓ ସ୍ୱପ୍ନ ଭରା ଏହି କାହାଣୀ ପରିବାର ଓ ଦାୟିତ୍ୱକୁ ନେଇ ଗତିଶୀଳ। ଯାହାକି ଦର୍ଶକଙ୍କୁ ଭାବ ବିହ୍ୱଳ କରିବ ବୋଲି ଆଶା କରାଯାଉଛି। ଫିଲ୍ମର ରିଲିଜ୍ ତାରିଖ ଶୀଘ୍ର ଘୋଷଣା କରାଯିବ। ଅର୍ଚ୍ଚିତାଙ୍କ ବ୍ୟତୀତ ଏହି ସିନେମାରେ ଶୈଳେନ୍ଦ୍ର ସାମନ୍ତରାୟ, ବୁଦ୍ଧାଦିତ୍ୟ ମହାନ୍ତି, ଶ୍ରୀତମ ଦାସ, ପ୍ରିୟମ୍ବଦା, ପୁପିନ୍ଦର, ସନ୍ତୁ ପ୍ରମୁଖ କଳାକାର ନଜର ଆସିବେ। ସେହିପରି ଏଥିରେ ଅତିଥି କଳାକାର ଭାବେ ଭୂମିକାଙ୍କୁ ଦେଖିବାକୁ ମିଳିବ। ■



# ଆଓ ନେକ୍ସଟ୍‌ରେ 'ଅତିଥି- ଦ ଅନ୍ ୱାଣ୍ଟେଡ୍ ଗେଷ୍ଟ'

ଓଡ଼ିଆ ସିନେମା 'ଅତିଥି–ଦ ଅନ୍ ୱାଣ୍ଟେଡ୍ ଗେଷ୍ଟ'କୁ ବଡ଼ ପରଦାରେ ଅପୂର୍ବ ସଫଳତା ମିଳିଥିଲା। ଜୁନ୍ ୨୭ ତାରିଖରୁ ଦର୍ଶକେ ଏହାକୁ ଆଓ ନେକ୍ସଟ ଓଟିଟି ପ୍ଲାଟଫର୍ମରେ ଦେଖିବାର ସୁଯୋଗ ପାଇଛନ୍ତି। ଏହା ସମ୍ପୂର୍ଣ୍ଣ ନୂଆ ଶୈଳୀର ମୌଳିକ ଓଡ଼ିଆ ସିନେମା। ସିନେମାକୁ ବଡ଼ ପରଦାରେ ଦର୍ଶକ ଯେତିକି ଭଲ ପାଇବା ଦେଇଥିଲେ ତା'ଠୁ ଅଧିକ ଆଓ ନେକ୍ସଟ୍‌ରେ ଦେବା ଆଶା କରାଯାଉଛି। ସିନେମାର ବିଭିନ୍ନ ଭୂମିକାରେ ଅନୁ ଚୌଧୁରୀ, ଦିବ୍ୟାଦିଶା ମହାନ୍ତି, ମନୋଜ ମିଶ୍ର, ସାୟଲ ମୁଖାର୍ଜୀ, ଶ୍ରୁତି ଶୁଭଶ୍ରୀ, ଚିନ୍ମୟ ମିଶ୍ର, ଅଭିଷେକ ଗିରି, ଦୀପନ୍ୱିତ ଦାସ ମହାପାତ୍ର, ଜୀବନ ପଣ୍ଡା, ସୁକାନ୍ତ ରଥ, ପ୍ରସନଜିତ୍ ମହାପାତ୍ର, ବିଶ୍ଳେଷ ପଣ୍ଡା, ପ୍ରସିଦ୍ଧି ଓ ସର୍ବେଶ୍ୱର ସୂତାର ପ୍ରମୁଖ ଅଭିନୟ କରିଛନ୍ତି। ଏଥିରେ ରାକେଶ ଦାଶ, ସୁମିତ ପଣ୍ଡା ଓ ସ୍ମିତ ପଟ୍ଟନାୟକ ଗୀତ ରଚନା କରିଛନ୍ତି, କୁଳଦୀପ ପଟ୍ଟନାୟକ, ସଞ୍ଜିତା ଶୁଭଦର୍ଶିନୀ, ହ୍ୟୁମାନ୍ ସାଗର, ଅର୍ପିତା ଚୌଧୁରୀ, ବିରାଜ ରଥ କଣ୍ଠଦାନ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ସୋମେଶ ଶତପଥୀ ଏବଂ ବୁନ୍ତି ମହାନ୍ତି ଦେଇଥିବା ବେଳେ ଶ୍ରୁତି ପ୍ରକାଶ ଦାଶ ସଂଯୋଜନା କରିଛନ୍ତି। ସିନେମାର ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ରବିନାରାୟଣ ଦାସ। କାହାଣୀ ମାନସ ପଡ଼ିଆରୀ ଓ ନିର୍ଦ୍ଦେଶନା ଦେଇଛନ୍ତି ଅଜୟ ପାଢ଼ୀ। ■



# ଚାରିଧାମ ର ପ୍ରଥମ ପୋଷ୍ଟର ରିଲିଜ୍

ପବିତ୍ର ରଥଯାତ୍ରାରେ ରିଲିଜ୍ ହୋଇଛି ଓଡ଼ିଆ ଫିଲ୍ମ 'ଚାରିଧାମ-ଏ ଜର୍ଣ୍ଣି ୱିଦିନ'ର ପ୍ରଥମ ଅଫିସିଆଲ୍ ପୋଷ୍ଟର। ଏଥିରେ ଭାରତର ଚାରିଧାମର ଫଟୋ ସ୍ଥାନ ପାଇଥିବା ବେଳେ ଏହାର ଟ୍ୟାଗ୍‌ଲାଇନ ଦର୍ଶକଙ୍କ ମନକୁ ଛୁଇଁଛି। ଏହି ସିନେମାରେ ନଜର ଆସିବେ ଓଡ଼ିଆ ଫିଲ୍ମର ସୁପରଷ୍ଟାର ଅନୁଭବ ମହାନ୍ତି। ଏହା ଏକ ବିଗ୍ ବଜେଟ୍ ଫିଲ୍ମ। ଆସନ୍ତା ଦୁର୍ଗାପୂଜାରେ ଫିଲ୍ମଟି ସାରା ଓଡ଼ିଶାରେ ରିଲିଜ୍ ହେବାର ଯୋଜନା ଅଛି। ଏହି ଫିଲ୍ମରେ ଅନୁଭବଙ୍କ ସହିତ ନଜର ଆସିବେ ଅନୁରାଧା ପାଣିଗ୍ରାହୀ, ମମତା ତ୍ରିପାଠୀ, ସୁକାନ୍ତ ରଥ, ଆଶିଷ କୁମାର ଦାସ (ଗୁଲୁଆ), ପ୍ରଦ୍ୟୁମ୍ନ ଲେଙ୍କା ପ୍ରମୁଖ କଳାକାର। କ୍ୟାମେରା କୁଇନ୍ ପ୍ରଡକ୍ସନର ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି ହିମାଦ୍ରି ତନୟ ଦାସ। ନିର୍ଦ୍ଦେଶକ ତାପସ ସରଘରିଆଙ୍କ ଏହି ଫିଲ୍ମର କାହାଣୀ ଲେଖିଛନ୍ତି ଅଖିଳ୍ ରାଉତରାୟ ଓ ସଂଳାପ ଲେଖିଛନ୍ତି କୁମାରଶ୍ରୀ ସାହୁ। ବୈଦ୍ୟନାଥ ଦାଶ ଓ ସୋମେଶ ଶତପଥି ସଙ୍ଗୀତ ନିର୍ଦ୍ଦେଶନା ଦେଉଥିବା ବେଳେ ଫିଲ୍ମର କୋରିଓଗ୍ରାଫର ଅଛନ୍ତି ଗିରିଶ ମହାନ୍ତି। ଏହାର ଚିତ୍ରନାଟ୍ୟରେ ଅଛନ୍ତି ସୁରେଶ ପଟ୍ଟନାୟକ। ଚିରାଚରିତ କାହାଣୀଠାରୁ ଭିନ୍ନ ଏହି ଫିଲ୍ମର ସୁଟିଂ ଓଡ଼ିଶା ସହ ଭାରତର ଅନ୍ୟ ରାଜ୍ୟରେ ମଧ୍ୟ କରାଯାଉଛି। ■

# ମହିଳା ଚରିତ୍ରରେ ରିତେଶ



ଫିଲ୍ମ ନିର୍ମାତା ସୁଭାଷ ଘାଇଙ୍କ ଆଗାମୀ ହିନ୍ଦୀ ସିନେମାରେ ନଜର ଆସିବେ ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରିତେଶ ଦେଶମୁଖ। ଏହି ନୂଆ ସିନେମାରେ ରିତେଶ ମହିଳା ଚରିତ୍ରରେ ଅଭିନୟ କରିବା କୁହାଯାଉଛି। ତେବେ ସୁଭାଷ ରିତେଶଙ୍କ ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ଅଭିନେତ୍ରୀ ବାଛି ସାରିଥିବା କହିଛନ୍ତି। ସୁଭାଷ ଯେଉଁ ଫଟୋ ସେୟାର୍ କରିଛନ୍ତି, ସେଥିରେ ରିତେଶ ମହିଳା ବେଶଭୂଷାରେ ନଜର ଆସିଛନ୍ତି। ଅବଶ୍ୟ ଏହି ଫଟୋଟି ୨୦୦୬ ମସିହାର ଫିଲ୍ମ 'ଅପନା ସପନା ମନି ମନି।' ଅବଶ୍ୟ ଉକ୍ତ ଫିଲ୍ମର କାହାଣୀ ଏବଂ ଶୀର୍ଷକ ସମ୍ପର୍କରେ କିଛି ସୂଚନା ମିଳି ନାହିଁ। ରିତେଶ ଏହି ପ୍ରୋଜେକ୍ଟରେ ସୁଭାଷଙ୍କ ସହ କାମ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ଅନ୍ୟପଟେ ଏହି କଥା ସାମ୍ନାକୁ ଆସିବା ପରେ ରିତେଶଙ୍କ ପ୍ରଶଂସକଙ୍କଠାରେ ଫିଲ୍ମକୁ ନେଇ ଉତ୍ସାହ ବୃଦ୍ଧି ପାଇଛି। ■

ସାକ୍ଷାତ

# "ଅଭିନୟ ମୋ ଜୀବନ"



**ସମୀର କୁମାର ଶତପଥୀ, ଅଭିନେତା**

ମଞ୍ଚ ନାଟକରେ ଦର୍ଶକ ଓ କଳାକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ ହୁଏ। ଏହା ସିନେମା କି ଧାରାବାହିକରେ ସମ୍ଭବ ହୁଏନି। ହେଲେ ଏମିତି ଜଣେ କଳାକାର ଅଛନ୍ତି, ଯିଏ ମଞ୍ଚରେ ୮୦ରୁ ଊର୍ଦ୍ଧ୍ୱ ନାଟକ କରି ପ୍ରଶଂସିତ ହୋଇଛନ୍ତି। ଆଉ ଏବେ ଧାରାବାହିକ ଏବଂ ଚଳଚ୍ଚିତ୍ରରେ ଜୀବନ୍ତ ଅଭିନୟ କରି ଏକ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ଏହି ପ୍ରତିଭାବାନ କଳାକାର ଜଣକ ହେଉଛନ୍ତି ପୁରୀର ସମୀର କୁମାର ଶତପଥୀ। ବାପା ଶରତ ଚନ୍ଦ୍ର ଶତପଥୀ ଓ ମା' ହରପ୍ରିୟା ଶତପଥୀଙ୍କ ପ୍ରେରଣାରେ ସେ ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ିବାରେ ଲାଗିଛନ୍ତି। 'ଶ୍ରୀ ଜଗନ୍ନାଥ' ତାଙ୍କର ପ୍ରଥମ ଧାରାବାହିକ ଥିଲା। ୧୩ରୁ ଊର୍ଦ୍ଧ୍ୱ ଧାରାବାହିକରେ କାମ କରିଥିବା ସମୀର ଏବେ 'ସାଥି ସାତ ଜନ୍ମର'ରେ ସ୍ୱସ୍ତିକ ଚରିତ୍ରରେ ଘରେ ଘରେ ପରିଚିତ। ତେବେ କ୍ୟାମେରା ସାମ୍ନାରେ ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ସମୀରଙ୍କ ମୁହଁରୁ ଜାଣିବା ତାଙ୍କ ଅଭିନୟ ଯାତ୍ରା ସଂପର୍କରେ।

**ମଞ୍ଚ ଅଭିନେତାରୁ ଧାରାବାହିକକୁ ଯାତ୍ରା କିପରି ଥିଲା?**

● ପିଲାଦିନୁ ଅଭିନୟ ପ୍ରତି ମୋର ଦୁର୍ବଳତା ରହିଥିଲା। ତେଣୁ ବିସିଏ ପଢ଼ିବା ସମୟରେ ପୁରୀ ଅନ୍ନପୂର୍ଣ୍ଣା ଥିଏଟର 'ଏ' ଗ୍ରୁପ୍‌ରେ ୮୦ରୁ ଊର୍ଦ୍ଧ୍ୱ ମଞ୍ଚ ନାଟକରେ ଅଭିନୟ କରିବାର ସୁଯୋଗ ପାଇଛି। ଦୀର୍ଘବର୍ଷର ଅଭିଜ୍ଞତାକୁ ନେଇ ଧାରାବାହିକରେ କାମ କରିବାକୁ ମନ ବଳାଇଥିଲି। ମୋତେ ପ୍ରଥମେ ଏହି ସୁଯୋଗ ଦେଇଥିଲେ ହିଂମାଂଶୁ ପରିଜା ସାର୍। 'ତରଙ୍ଗ'ର 'ଶ୍ରୀଜଗନ୍ନାଥ' ମୋର ପ୍ରଥମ ଧାରାବାହିକ ଥିଲା। 'ସର୍ବଜିତା ଅନୁ', 'ମାୟା ଓ ମମତା', 'ତୁ ଖରା ମୁଁ ଛାଇ' ଆଦି ଧାରାବାହିକରେ ଅଭିନୟ କରିବାର ସୁଯୋଗ ପାଇଛି। ତେବେ ଜୀବନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ତା ଭିତରେ ମୁଁ ଏମ୍‌ସିଏ ପଢ଼ା ସାରିଛି।

**ପ୍ରଥମେ କ୍ୟାମେରାକୁ ସାମ୍ନା କରିବା ସମୟରେ ଭୟ ଲାଗିଥିଲା କି?**

● ମଞ୍ଚରେ ସମସ୍ତ ପ୍ରକାର ଚରିତ୍ରରେ କାମ କରିସାରିବା ପରେ ସଂଳାପ କହିବାକୁ ଆମକୁ ଡର ଲାଗେନି। ହେଲେ ପ୍ରଥମ କରି କ୍ୟାମେରା ସାମ୍ନା କରିବାରେ ଟିକେ ଭୟ କରିଥିଲି। ଧୀରେ ଧୀରେ କ୍ୟାମେରା ସାମ୍ନାରେ କାମ କରିବା ପରେ ଅଭ୍ୟସ୍ତ ହୋଇ ଯାଇଥିଲି। ଗୋଟିଏ କଥା କହିବି, କ୍ୟାମେରା ହେଉ କି ମଞ୍ଚ ଅଭିନୟ ସର୍ବଦା ଜୀବନ୍ତ ହେବା ଦରକାର।

**କେଉଁ ଚରିତ୍ର ଆପଣଙ୍କୁ ଭଲ ପରିଚୟ ଦେଇଛି?**

● 'ତୁ ଖରା ମୁଁ ଛାଇ' ଧାରାବାହିକର ନେଗେଟିଭ୍ ଚରିତ୍ର 'ଆକାଶ' ମୋତେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଆଉ ଏବେ 'ସାଥି ସାତ ଜନ୍ମର' 'ସ୍ୱସ୍ତିକ' ଚରିତ୍ରକୁ ଦର୍ଶକ ଢେର ସାରା ଭଲ ପାଇବା ଦେଇଛନ୍ତି। ମାତ୍ର ୬ମାସ ଭିତରେ ଏହି ଧାରାବାହିକକୁ ଏତେ ଭଲ ପାଇବା ମିଳିବା ମୋ ପାଇଁ ସୌଭାଗ୍ୟର କଥା।

**ଧାରାବାହିକରେ ଅଭିନୟ କରିବାକୁ କ'ଣ କ'ଣ ଗୁଣ ରହିବା ଜରୁରି?**

● କ୍ୟାମେରା ସାମ୍ନାରେ କାମ କରିବାକୁ ହେଲେ, କିଛି ଟେକ୍‌ନିକ୍ ଶିଖିବା ଜରୁରି। ମଞ୍ଚରେ ଗୋଟିଏ ଦୃଶ୍ୟ କରିବାକୁ ଗୋଟିଏ ଥର ସମୟ ନିଆଯାଏ। ହେଲେ ଏଠି ସେ ସିଷ୍ଟମ୍ ନାହିଁ। ମୋତେ ସୁଟିଂରେ ସବୁଠୁ କଷ୍ଟ ଲାଗେ, ନିଜ ଅନୁଭବକୁ ଚାପି ରଖିବା। ଅର୍ଥାତ୍ ଗୋଟିଏ ଚରିତ୍ରରେ ଇମୋସନ୍ ଦେଖାଇବାକୁ ଦୁଇରୁ ତିନିଟି ସୋପାନ ଦେଇ ଗତି କରିବାକୁ ପଡ଼େ। ସବୁବେଳେ ସମାନ ଫିଲିଙ୍ଗିସ୍ ରଖିବାକୁ ପଡ଼େ। ତେଣୁ ସକାରାତ୍ମକ କି ନକାରାତ୍ମକ ଚରିତ୍ର ମିଳିଲେ, ଦର୍ଶକ ଏହି ଚରିତ୍ରରୁ କ'ଣ ଚାହୁଁଛନ୍ତି, ଏହି ଚରିତ୍ରର କେତେ ଗଭୀରତା ତାହାକୁ ଗୁରୁତ୍ୱ ଦେଇ ଅଭିନୟ କରିବାକୁ ପଡ଼େ।

**ଆଗାମୀ ଯୋଜନା?**

● ବଡ଼ ପରଦାରେ 'ବାଲା ଦ ରିଦମ ଅଫ୍ ଲାଇଫ୍'ରେ ଲିଡ୍ ଚରିତ୍ରରେ କାମ କରିସାରିଛି। ଆଗକୁ ବଡ଼ ପ୍ରୋଜେକ୍ଟର କାମ କରିବାକୁ ଯୋଜନା ଚାଲିଛି।

**ସୁଟିଂ ନ ଥିଲେ କ'ଣ କରନ୍ତି?**

● ଅଭିନୟ ମୋ ଜୀବନ। ଯଦି ମୋ ଦିନ ଆରମ୍ଭରୁ କେହି ମୋର ଅଭିନୟକୁ ନେଇ କିଛି ଟିପ୍ପଣୀ ଦିଅନ୍ତି, ସେଦିନଟି ମୋ ପାଇଁ ବହୁତ ଭଲ ଥାଏ। ପିଲାଟି ଦିନରୁ ଆଜିଯାଏଁ ମୁଁ କେବଳ ଅଭିନୟ କଥା ଭାବେ। ତେଣୁ ସମୟ ମିଳିଲେ, ଭଲ ଭଲ ଫିଲ୍ମ ଦେଖେ। ମୋ ଅଭିନୟକୁ କେମିତି ଆଉ ଟିକେ ସୁଧାରିବି, ଆଗକୁ ବଢ଼ିବି ସେ ନେଇ ପ୍ରୟାସ କରିଥାଏ। ■

**ପରଦା ପଛର କାହାଣୀ**



# ସୁଟିଂ ପାଇଁ ଅମିତାଭ ଖାଇଥିଲେ ୧୫ଟି ପାନ

ବଲିଉଡ୍ ସୁପରଷ୍ଟାର୍ ଅମିତାଭ ବଚ୍ଚନଙ୍କ ଅନେକ ସୁପରହିଟ୍ ଗୀତ ରହିଛି। ଯାହାକୁ ସିନେ ଦର୍ଶକ ଏବେ ମଧ୍ୟ ଭୁଲି ପାରିନାହାନ୍ତି। ସେଥିମଧ୍ୟରୁ 'ଡନ୍' ଫିଲ୍ମର 'ଖାଇକେ ପାନ ବନାରସ ବାଲା...' ଗୀତ ଅନ୍ୟତମ। ତେବେ ଏହି ମନୋରଞ୍ଜନଭିତ୍ତିକ ଗୀତ ପଛରେ ଅନେକ ରୋଚକୀୟ କାହାଣୀ ରହିଛି। ଏହି ଗୀତର ସୁଟିଂ ପାଇଁ ଅମିତାଭ ବଚ୍ଚନ ପ୍ରାୟ ୧୫-୧୬ ଟି ପାନ ଖାଇଥିଲେ। ଓଠକୁ ନାଲି ରଙ୍ଗ କରିବା ପାଇଁ ସେ ଏହି ପାନ ଚୋବାଇଥିଲେ। କିନ୍ତୁ ଅଧିକ ପାନ ଖାଇବାରୁ ପାନରେ ଥିବା ଚୂନ ଯୋଗୁଁ ତାଙ୍କ ପାଟି ଖାଇ ଯାଇଥିଲା। ଏଥିପାଇଁ ତାଙ୍କୁ ବହୁ ଦିନ ଧରି ଦରଜ ସହିବାକୁ ପଡ଼ିଥିଲା। ସବୁଠୁ ରୋଚକୀୟ କଥା ହେଉଛି 'ଖାଇକେ ପାନ ବନାରସ ବାଲା...' ଗୀତଟି 'ଡନ୍' ଫିଲ୍ମ ପାଇଁ ଲେଖାଯାଇ ନଥିଲା। ଏହି ଫିଲ୍ମ ବାସ୍ତବରେ ଦେବାନନ୍ଦଙ୍କ 'ବନାରସୀ ବାବୁ' ଫିଲ୍ମ ପାଇଁ ଲେଖା ଯାଇଥିଲା। ତେବେ ଏହି ଗୀତଟି ସେହି ଫିଲ୍ମରେ ବ୍ୟବହାର କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଅଭିନେତା ମନୋଜ କୁମାରଙ୍କ ପରାମର୍ଶ କ୍ରମେ ଏହି ଗୀତକୁ ଅମିତାଭ ବଚ୍ଚନଙ୍କ 'ଡନ'ରେ ସାମିଲ କରାଯାଇଥିଲା। ୧୯୭୮ ମସିହାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମର କାହାଣୀ ସଲିମ ଯାଦବଙ୍କ ଯୋଡ଼ି ଲେଖିଥିଲେ। ଏହାର ନିର୍ଦ୍ଦେଶକ ଥିଲେ ଚନ୍ଦ୍ରା ବାରୋଟ। ଏଥିରେ ଅମିତାଭ ବଚ୍ଚନ, ଜୀନତ ଅମାନ, ପ୍ରାଣ, ଇମ୍‌ତେଫାକ୍ ଏବଂ ହେଲେନ୍ ଆଦି କଳାକାର ଅଭିନୟ କରିଛନ୍ତି। ସେହିପରି ଏହି ଫିଲ୍ମର ଗୀତ 'ମେ ହୁଁ ଡନ୍', 'ୟେ ହୈ ବମ୍ବେ ନଗରୀୟା', 'ଜିସ୍‌କା ମୁଝେ ଥା ଇନ୍ତଜାର୍' ଏବଂ 'ୟେ ମେରା ଦିଲ୍' ଆଦି ଅନେକ ଗୀତ ରହିଛି। ଏହି ସବୁ ଗୀତଗୁଡ଼ିକ ଖୁବ୍ ଲୋକପ୍ରିୟ ହୋଇଥିଲା। ତେବେ 'ଖାଇକେ ପାନ ବନାରସ ବାଲା...' ଗୀତ ଫିଲ୍ମ ପାଇଁ ଖୁବ୍ ସ୍ୱତନ୍ତ୍ର ଥିଲା। ■

ଭାରତ-ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟ

# ଅଧିନାୟକ ଗିଲ୍‌ଙ୍କ କ୍ରମାଗତ ଶତକ

ଏଜ୍‌ବାଷ୍ଟନ, ୨।୭ (ଏଜେନ୍ସି):

ଅଧିନାୟକ ଶୁବମନ ଗିଲ୍‌ଙ୍କ କ୍ରମାଗତ ଶତକ ଓ ଯଶସ୍ୱୀ ଜୟସ୍ୱାଲ ଅଳ୍ପକେ ଶତକରୁ ବଞ୍ଚିତ ହେବା ଫଳରେ ଏଠାରେ ବୁଧବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ୨ୟ ଟେଷ୍ଟରେ ଭଲ ସ୍ଥିତିରେ ରହିଛି ଭାରତ। ଟେଷ୍ଟ ଜୀବନର ୭ମ ଟେଷ୍ଟ ଶତକ ସହ ଗିଲ ଅପରାଜିତ ୧୧୪ ରନ୍ ଓ ଜୟସ୍ୱାଲ ୮୭ ରନ୍ କରିବା ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଦିନ ଖେଳ ଶେଷ ବେଳକୁ ପ୍ରଥମ ଇନିଂସରେ ୫ୱିକେଟ ହରାଇ ୩୧୦ ରନ୍ କରିନେଇଛି। ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଗିଲ୍‌ଙ୍କ ସହ ରବୀନ୍ଦ୍ର ଜାଡେଜା ୪୧ ରନ୍‌ରେ ଅପରାଜିତ ରହିଛନ୍ତି। ୨୧୧ ରନ୍‌ରେ ଭାରତ ୫ମ ୱିକେଟ ହରାଇବା ପରେ ଗିଲ୍ ଓ ଜାଡେଜା ଅବିଭକ୍ତ ଷଷ୍ଠ ୱିକେଟ ପାର୍ଟନରସିପ୍‌ରେ ୧୪୨ ବଲ୍‌ରୁ ୯୯ ରନ୍ ଉଠାଇ ଭାରତକୁ ବିପର୍ଯ୍ୟୟରୁ ଉଦ୍ଧାର କରିବା ସହ ଭଲ ସ୍ଥିତିରେ ପହଞ୍ଚାଇଥିଲେ। ଭାରତ ପକ୍ଷରୁ ଆଉଟ ହୋଇଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରେ ଓପନର ଲୋକେଶ ରାହୁଲ ୨, ନଂ-୩ରେ ବ୍ୟାଟିଂ କରିବାର ସୁଯୋଗ ପାଇଥିବା କରୁନ ନାୟାର ୩୧, ପ୍ରଥମ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଥିବା ରଷଭ ପନ୍ତ୍ ୨୫ ଓ ଇଂଲଣ୍ଡରେ ପ୍ରଥମ ଟେଷ୍ଟ ଖେଳୁଥିବା ନୀତୀଶ କୁମାର ରେଡ୍ଡି ୧ ରନ୍‌ରେ ଆଉଟ ହୋଇଛନ୍ତି। ଇଂଲଣ୍ଡ ପକ୍ଷରୁ କ୍ରିସ୍ ୱକ୍ସ ୨ଟି, ବ୍ରାଇଡର୍ନ କାର୍ସ, ଅଧିନାୟକ ବେନ୍ ଷ୍ଟୋକ୍ସ ଓ ସୋଏବ ବସିର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି। ସୂଚନାଯୋଗ୍ୟ ହେଡିଂଲେରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇ ୫ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ସିରିଜ୍ ବରାବର କରିବାକୁ ହେଲେ ଭାରତକୁ ଏହି ମ୍ୟାଚ୍ ଜିତିବାକୁ ହେବ। କିନ୍ତୁ ଏଠାରେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଖେଳାଯାଇଥିବା ୮ଟି ଟେଷ୍ଟ ମଧ୍ୟରୁ ଭାରତ ଗୋଟିଏ ହେଲେ ଟେଷ୍ଟରେ ଜିତିନାହିଁ।



ମ୍ୟାଚ୍‌ର ପ୍ରଥମ ଦିନ ପିଚ୍ ପ୍ରଥମ ଘଣ୍ଟାରେ ବୋଲରଙ୍କୁ କିଛିଟା ସହାୟତା କରିଥିଲାବେଳେ କର୍ଣ୍ଣାଟକର ଦୁଇ ବ୍ୟାଟର ରାହୁଲ ଓ ନାୟାର ଏହାର ମୁକାବିଲା କରି ପାରି ନ ଥିଲେ। ପନ୍ତ୍ ବଡ ସଟ୍ ଖେଳିବାକୁ ଯା। ଉ ଆଉଟ ହୋଇଥିଲାବେଳେ ନୀତୀଶ କୁମାର ରେଡ୍ଡି ବଲ୍ ଛାଡିବାକୁ ଯାଇ ବୋଲ୍ଡ ହୋଇଯାଇଥିଲେ। ଗିଲ-ଜାଡେଜାଙ୍କ ପାର୍ଟନରସିପ୍ ଭାରତକୁ ବ୍ୟାଟିଂ ବିପର୍ଯ୍ୟୟରୁ ରକ୍ଷା କରିଥିଲା। ଗିଲ ଭାରତର ଚତୁର୍ଥ ଅଧିନାୟକ ଭାବେ କ୍ରମାଗତ ଟେଷ୍ଟରେ ଶତକ ହାସଲ କରିଛନ୍ତି।

## ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ

ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଏଜ୍‌ବାଷ୍ଟନରେ ବୁଧବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବିଶ୍ରାମ ଦିଆଯାଇଛି। ହେଡିଂଲେରେ ପ୍ରଥମ ଟେଷ୍ଟ ହାରିଥିବା ଦଳରୁ ବୁମ୍‌ରାଙ୍କ ସମେତ ୩ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇଛି। ଅନ୍ୟ ଦୁଇଜଣ ଖେଳାଳି ହେଲେ ନଂ-୩ରେ ବ୍ୟାଟିଂ କରିଥିବା ସାଇ ସୁଦର୍ଶନ ଓ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର। ଏହି ୩ଜଣଙ୍କ ସ୍ଥାନରେ ଭାରତ ଦୁଇ ଜଣ ବ୍ୟାଟିଂ ଅଲରାଉଣ୍ଡର ନୀତୀଶ ରେଡ୍ଡି (ପେସ୍) ଓ ୱାଶିଂଟନ ସୁନ୍ଦର (ସ୍ପିନ୍)ଙ୍କୁ ଖେଳାଇଛି। ବୁମ୍‌ରାଙ୍କ ସ୍ଥାନରେ ଫାଷ୍ଟ ବୋଲର ଆକାଶ ଦୀପଙ୍କୁ ନିଆଯାଇଛି। ଘରୋଇ ମାଟିରେ ଟେଷ୍ଟ ଖେଳୁଥିବାବେଳେ ଇଂଲଣ୍ଡ ଦଳ ୨୦୧୭ ପରେ ପ୍ରଥମଥର କ୍ରମାଗତ ଟେଷ୍ଟରେ ଖେଳାଳି ପରିବର୍ତ୍ତନ କରିନାହିଁ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ : ୩୧୦/୫, ୮୫ ଓଭର (ଯଶସ୍ୱୀ ଜୟସ୍ୱାଲ-୮୭, ଶୁବମନ ଗିଲ ବ୍ୟାଟିଂ-୧୧୪, ଜାଡେଜା ବ୍ୟାଟିଂ-୪୧, ରଷଭ ପନ୍ତ୍ -୨୫, କରୁନ ନାୟାର-୩୧, କ୍ରିସ ୱକ୍ସ-୨/୫୯, ବ୍ରାଇଡନ କାର୍ସ-୧/୪୯, ବେନ୍ ଷ୍ଟୋକ୍ସ-୧/୫୮)।

# ତୃତୀୟ ରାଉଣ୍ଡରେ ସାବାଲେଙ୍କା, କିଜ୍

ୱିମ୍ବଲଡନ ତୃତୀୟ ଦିବସ

ଲଣ୍ଡନ, ୨।୭ (ଏଜେନ୍ସି): ଟପ୍ ସିଡ୍ ଆରିନା ସାବାଲେଙ୍କା, ୬ଷ୍ଠ ସିଡ୍ ମାଡିସନ କିଜ୍ ପ୍ରମୁଖ ଏଠାରେ ଚାଲିଥିବା ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ବୁଧବାର ୩ୟ ଦିବସରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ବେଲାରୁଷ ତାରକା ସାବାଲେଙ୍କା ୭-୬ (୭/୪), ୬-୪ ସିଧାସଳଖ ସେଟ୍‌ରେ ଚେକ୍ ଗଣରାଜ୍ୟର ମାରିଏ ବୌଜକୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ୨୭ ବର୍ଷୀୟ ସାବାଲେଙ୍କା ଏଠାରେ ପ୍ରଥମ ୱିମ୍ବଲଡନ ଟାଇଟଲ୍ ଜିତିବା ଲକ୍ଷ୍ୟରେ ରହିଛନ୍ତି। ସେହିଭଳି ଅନ୍ୟ ଏକ ୨ୟ ରାଉଣ୍ଡ ମ୍ୟାଚରେ ଆମେରିକାର ମାଡିସନ୍ କିଜ୍ ୬-୪, ୬-୨ ସେଟ୍‌ରେ ସର୍ବିୟାର ଓଲଗା ଡାନିଲୋଭିକଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ରାଉଣ୍ଡର ଏକ ମ୍ୟାଚରେ ଦୁଇଥରର ଗ୍ରାଣ୍ଡସ୍ଲାମ ବିଜୟିନୀ କୋକୋ ଗଫ୍ ୬-୭ (୧/୭), ୧-୬ ସେଟ୍‌ରେ ୟୁକ୍ରେନର ଦୟାନା ୟାଷ୍ଟ୍ରେମସ୍କାଙ୍କ ନିକଟରୁ ହାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଗତ ମାସରେ ଗଫ୍ ଫ୍ରେଞ୍ଚ ଓପନ୍‌ରେ ଚାମ୍ପିଅନ ହୋଇଥିଲେ। ପୁରୁଷ ବିଭାଗ ୨ୟ ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜ ୬-୧, ୬-୪, ୬-୪ରେ ବ୍ରିଟିଶର ଓଲିଭର ଟ୍ରାଭେଟଙ୍କୁ ପରାସ୍ତ କରିଛନ୍ତି।

# ଇଂଲଣ୍ଡରେ ଭାରତୀୟ ଦଳର ଡବଲ୍ ବିଜୟ

ବ୍ରିଷ୍ଟଲ, ୨।୭ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ଓ ଯୁବ (୧୯ ବର୍ଷରୁ କମ୍) ଦଳ ବିଜୟୀ ହୋଇଛନ୍ତି। ଫଳରେ ୨୪ ଘଣ୍ଟା ମଧ୍ୟରେ ଇଂଲଣ୍ଡ ମାଟିରେ ଭାରତ ଡବଲ୍ ବିଜୟ ସ୍ୱାଦ ଚାଖିଛି। ମଙ୍ଗଳବାର ରାତିରେ ଏଠାରେ ଖେଳାଯାଇଥିବା ମହିଳା ଟି-୨୦ ସିରିଜର ୨ୟ ମ୍ୟାଚରେ ଭାରତ ୨୪ ରନରେ ଘରୋଇ ଇଂଲଣ୍ଡକୁ ପରାସ୍ତ କରିଛି। ଜେମିମା ରୋଡ୍ରିଗ୍ସେଜ (୬୩ ରନ) ଓ ଅମନଜୋତ୍ କୌର (ଅପରାଜିତ ୬୩ ରନ)ଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୪ ୱିକେଟ୍ ହରାଇ ୧୮୧ ରନ କରିଥିଲା। ଜବାବରେ ଇଂଲଣ୍ଡ ତାମି ବିଉମଣ୍ଟ (୫୪ ରନ) ଅର୍ଦ୍ଧଶତକ ସତ୍ତ୍ୱେ ୭ ୱିକେଟ୍‌ରେ ୧୫୭ ରନ କରିବାକୁ ସମର୍ଥ ହୋଇଥିଲା। ପୂର୍ବରୁ ପ୍ରଥମ ମ୍ୟାଚକୁ ୯୭ ରନରେ ଜିତିଥିବା ଭାରତ ଏଥିସହ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୦ରେ ଆଗୁଆ ରହିଛି। ଅପରପକ୍ଷରେ ବୁଧବାର ଅନୁଷ୍ଠିତ ୩ୟ ୟୁଥ୍ ଦିନିକିଆ ମ୍ୟାଚରେ ଭାରତ ୪ ୱିକେଟ୍‌ରେ ଇଂଲଣ୍ଡ ୧୯ ବର୍ଷରୁ କମ୍ ଦଳକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୟୁଥ୍ ଦଳ ୪୦ ଓଭରରେ ୬ ୱିକେଟ୍‌ରେ ୨୬୮ ରନ କରିଥିଲା। ଜବାବରେ ଭାରତ ଆଇପିଏଲ୍ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ୮୬ ରନ ବଳରେ ୩୪.୩ ଓଭରରେ ୬ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ସୂର୍ଯ୍ୟବଂଶୀ ୩୧ ବଲରେ ୯ ଛକା ଓ ୬ ଚୌକା ସହ ସର୍ବାଧିକ ୮୬ ରନ କରିଥିଲେ। ପୂର୍ବରୁ ପ୍ରଥମ ଦିନିକିଆକୁ ଭାରତ ୬ ୱିକେଟ୍‌ରେ ଓ ଦ୍ୱିତୀୟ ମ୍ୟାଚକୁ ଇଂଲଣ୍ଡ ୧ ୱିକେଟ୍‌ରେ ଜିତିଥିଲା।

## ଓସ୍‌ଜା ପାଳିଲା ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ

# ଖବର ପ୍ରକାଶନରେ ସ୍ୱଚ୍ଛତା ଲାଗି ଆହ୍ୱାନ

ଭୁବନେଶ୍ୱର, ୨।୭ (ସମିସ): କ୍ରୀଡ଼ା ସମ୍ବାଦ ପରିବେଷଣରେ ସ୍ୱଚ୍ଛତା ଓ ନୈତିକତା ରକ୍ଷା କରିବାକୁ ବିଶ୍ୱ କ୍ରୀଡ଼ା ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କ୍ରୀଡ଼ା ଏପରି ଏକ ବିଷୟ ଯେଉଁଥିରେ ସଫଳତା ଆସିବା ଅର୍ଥ ଦେଶ ଓ ରାଜ୍ୟର ସମ୍ମାନ ବୃଦ୍ଧି ଘଟିବା। ଏଣୁ କ୍ରୀଡ଼ା ଖବର ପରିବେଷଣ ସମୟରେ ସଚେତନ ହେବାକୁ ଅତିଥି ଓ ବରିଷ୍ଠ କ୍ରୀଡ଼ା ସାମ୍ବାଦିକମାନେ ଆହ୍ୱାନ ଦେଇଛନ୍ତି। ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ପକ୍ଷରୁ ଉତ୍କଳ କରାଟେ ସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ଅବସରରେ ଖେଳରତ୍ନ ପୁରସ୍କାର ବିଜେତା




ତଥା ପାରା ଅଲିମ୍ପିକ୍ ବ୍ୟାଡମିଣ୍ଟନ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ ମୁଖ୍ୟଅତିଥି, ଅନ୍ତର୍ଜାତୀୟ ମହିଳା କ୍ରିକେଟର ରସ୍ମାରା ପରବିନ୍ ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ରୀଡ଼ାସାମ୍ବାଦିକଙ୍କ କାମକୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଡଃ ହରିପ୍ରସାଦ ପଟ୍ଟନାୟକ ଭାରତ ଭଳି ଓଡ଼ିଶାରେ କ୍ରୀଡ଼ାନୀତି ପ୍ରଣୟନ ଓ କ୍ରୀଡ଼ାବିତ୍‌ଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇଦେବାକୁ ଅନୁରୋଧ କରିଥିଲେ। ପ୍ରଥମଥର ଲାଗି ସ୍ପୋର୍ଟ୍ସ ଜର୍ଣ୍ଣାଲିଷ୍ଟ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ)କୁ ନିର୍ବାଚିତ ହୋଇଥିବା ଓସ୍‌ଜା ସମ୍ପାଦକ ସୁରେଶ ସ୍ୱାଇଁ ଓ ସଭାପତି ସନ୍ଦୀପ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଓସଜା ପକ୍ଷରୁ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଓସ୍‌ଜାର ବରିଷ୍ଠ ସଦସ୍ୟ ସନାତନ ପାଣି, ପୂର୍ବତନ ସଭାପତି କେ ରବି ସାମ୍ବାଦିକମାନଙ୍କୁ ଉଚ୍ଚକୋଟୀର ସମ୍ବାଦ ପରିବେଷଣ କରିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ବିଶିଷ୍ଟ କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁ, ଓସ୍‌ଜାର କୋଷାଧ୍ୟକ୍ଷ ଦେବାଶିଷ ସୁନ୍ଦରାୟ, ବରିଷ୍ଠ ସଦସ୍ୟ ହିମାଂଶୁ ପତିମିଶ୍ର, ରଜନୀକାନ୍ତ ଶତ୍ରୁଶଲ୍ୟ, ବିଜୟ ରଣା, ସମୀକ୍ଷା ପଟ୍ଟନାୟକଙ୍କ ସହ ଓସ୍‌ଜାର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

# ୱାଇପିଏଲ୍ ସିଜନ-୨ରେ ମହିଳା ଟିମ୍

ଭୁବନେଶ୍ୱର, ୨।୭ (ସମିସ): ସ୍ଥାନୀୟ ଲୟୋଲା ସ୍କୁଲ ପରିସରରେ ଥିବା ପଠାନ କ୍ରିକେଟ୍ ଏକାଡେମୀ ଆନୁକୂଲ୍ୟରେ ୟଙ୍ଗଷ୍ଟାର୍ ପ୍ରିମିଅର ଲିଗ୍ (ୱାଇପିଏଲ୍)ର ଦ୍ୱିତୀୟ ସଂସ୍କରଣ ଆସନ୍ତା ଡିସେମ୍ବର ୨୦ରୁ ଆରମ୍ଭ ହେବ। ଦ୍ୱିତୀୟ ସଂସ୍କରଣରେ ପୁରୁଷ ବିଭାଗରେ ୮ଟି ଦଳ ସମେତ ପ୍ରଥମଥର ଲାଗି ୪ଟି ମହିଳା ଦଳଙ୍କୁ ନେଇ ଏଥର ଟୁର୍ଣ୍ଣାମେଣ୍ଟ ଖେଳାଯିବ। ନଭେମ୍ବର ୨ରେ ଖେଳାଳି ନିଲାମୀ ଥିବାବେଳେ ନାମ ପଞ୍ଜିକରଣ ପ୍ରକ୍ରିୟା ଜୁଲାଇ ୬ରୁ ଆରମ୍ଭ ହେବ। ୩ଟି ବୟସ ବର୍ଗ (୧୪, ୧୬ ଓ ୧୯ ବର୍ଷରୁ କମ୍)ରେ ଖେଳାଳିମାନେ ନାମ ପଞ୍ଜିକରଣ କରିପାରିବେ।

# ୧୨ରେ 'ମୁକୁନ୍ଦ ବରାଳ କ୍ରୀଡ଼ା ପ୍ରତିଭା ସମ୍ମାନ'

ଭୁବନେଶ୍ୱର, ୨।୭ (ସମିସ): କୁସ୍ତିଗୁରୁ ସ୍ୱର୍ଗତ ମୁକୁନ୍ଦ ବରାଳଙ୍କ ସ୍ମୃତିରେ ଜୁଲାଇ ୧୨ରେ ରାଜ୍ୟର ଉଦୀୟମାନ କ୍ରୀଡ଼ାବିତ୍ ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଚଳିତ ବର୍ଷ ଉଷୁ ଖେଳାଳି ପାୟଲ ପଟ୍ଟନାୟକ ଓ ନୁପୁର ପଟ୍ଟନାୟକ, ରୋହିତ ସାମଲ (କୁସ୍ତି), ଇପସିତା ରାଉତ (ଫୁଟ୍‌ବଲ), କଣିକା ପ୍ରଧାନ (ସୁଟିଂ) ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପୁରସ୍କାର ପାଇବେ। ସେହିଭଳି ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ଆଥ୍‌ଲେଟିକ ପାଇଁ ସମୀକ୍ଷା ସ୍ମରଣିକାଙ୍କୁ ସମ୍ମାନିତ କରାଯିବ ବୋଲି ଟ୍ରଷ୍ଟି କୈବଲ୍ୟ ବରାଳ ଓ ପିୟୁଷ ମହାନ୍ତି ସୂଚନା ଦେଇଛନ୍ତି।

# ସମ୍ବର୍ଦ୍ଧିତ କଲା ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ

ଭୁବନେଶ୍ୱର, ୨।୭ (ସମିସ): ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ଅବସରରେ ରସୁଲଗଡସ୍ଥିତ




ସମେଇଗାଡିଆ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ କ୍ରୀଡ଼ାବିତ ଓ କ୍ରୀଡ଼ା ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରିଛି। ଏହି ଅବସରରେ ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସୂର୍ଯ୍ୟପ୍ରସାଦ ରଥ, ନିରଞ୍ଜନ ରେଡ୍ଡି, ଯୁବ କ୍ରୀଡ଼ାସାମ୍ବାଦିକ ଅନାଦି କରଙ୍କ ସହ କୁସୁମ ଟିଭିର ଏମ୍‌ଡି କୁସୁମମଞ୍ଜରୀ ଦାସଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି, ଲଲାଟେନ୍ଦୁ ମିଶ୍ର, ଅକ୍ଷୟ ମିଶ୍ର, ଦୀପକ ତ୍ରିପାଠୀ ଓ ଅତିଶ କୁମାର ରାଉତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏକାଡେମୀ ଅଧ୍ୟକ୍ଷା ସ୍ୱାଗତ ଭାଷଣ ଦେବା ସହ କ୍ରୀଡ଼ାବିତ ଓ କ୍ରୀଡ଼ା ସାମ୍ବାଦିକଙ୍କ ଭୂମିକା ଖେଳର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ଉତ୍ସବ ଶେଷରେ ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକାଡେମୀର ସଦସ୍ୟମାନେ ଜିମ୍ନାଷ୍ଟିକ୍ ପ୍ରଦର୍ଶନ କରିଥିଲାବେଳେ ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଭାରତୀୟ ଖୋ ଖୋ ମହାସଂଘର ନିର୍ବାଚନ

# ଓଡ଼ିଶାର ପ୍ରଦ୍ୟୁମ୍ନ ମିଶ୍ର ଉପସଭାପତି

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ଭାରତୀୟ ଖୋ ଖୋ ମହାସଂଘ (କେକେଏଫ୍‌ଆଇ)ର ନିର୍ବାଚନ ପ୍ରକ୍ରିୟା ବୁଧବାର ଦିଲ୍ଲୀସ୍ଥିତ ମୁଖ୍ୟାଳୟରେ



ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଧାଂଶୁ ମିତ୍ତଲ ପୁଣିଥରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ଉପକାର ସିଂ ବିରକ ସାଧାରଣ ସମ୍ପାଦକ ପଦ ଅଳଙ୍କୃତ କରିଛନ୍ତି। ନିର୍ବାଚିତ ହୋଇଥିବା ୮ଜଣ ଉପସଭାପତିଙ୍କ ମଧ୍ୟରେ ଓଡ଼ିଶାର ପ୍ରଦ୍ୟୁମ୍ନ ମିଶ୍ର ରହିଛନ୍ତି। ପ୍ରଦ୍ୟୁମ୍ନ ବର୍ତ୍ତମାନ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପଦ ସମ୍ଭାଳୁଛନ୍ତି। ଏଥିସହ ଯୁଗ୍ମ ସମ୍ପାଦକ ଭାବେ ୪ଜଣ ଓ ୧୩ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

# ଜାତୀୟ ଶିଶୁ ଓ ମିନି ଅସିଚାଳନା ଲାଗି ଓଡ଼ିଶା ଦଳ

ଭୁବନେଶ୍ୱର, ୨।୭ (ସମିସ): ମହାରାଷ୍ଟ୍ରର ନାସିକ୍‌ଠାରେ ଆସନ୍ତା ୫ରୁ ୭ ତାରିଖଯାଏ ହେବାକୁ ଥିବା ଜାତୀୟ ଶିଶୁ ଓ ମିନି ଅସିଚାଳନା ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ଘୋଷଣା କରାଯାଇଛି। ୧୦ ବର୍ଷରୁ କମ୍ ଶିଶୁ ଦଳରେ ପ୍ରିୟଲୋଚନା ନାଏକ, ମନୀଷ ନାଏକ, ନିଖିଲ ସାହୁ, ଓମ୍‌ଶଙ୍କର ପଟେଲ, ଅରିଜିତ୍ ପଟେଲ, ଶୋଭିତ ମୁଗ୍ରୀ, ପ୍ରଭାସ ଦୋରା ଓ ସ୍ଥିତିକା ସାହୁଙ୍କୁ ସାମିଲ କରାଯାଇଛି। ୧୨ ବର୍ଷରୁ କମ୍ ମିନି ଦଳରେ ବିଭୁତି ପଟେଲ, ରୁଦ୍ରାଂଶ



ସ୍ୱାଇଁ, ସ୍ୱୟମ ପଟେଲ, ସମ୍ବିତ ପଧାନ, ସୌମ୍ୟରଞ୍ଜନ ବଗର୍ତ୍ତୀ, ଶ୍ରୀୟା ପଟେଲ, ଇଶି ସ୍ୱାଇଁ, ଦିବ୍ୟାଂଶୁ ବାହାଲିଆ, ପ୍ରଜ୍ଞାଷା ମହାନ୍ତି, ସିପୁନ ପଟେଲଙ୍କୁ ସ୍ଥାନ ମିଳିଛି ବୋଲି ଓଡ଼ିଶା ଫେନ୍ସିଂ ଆସୋସିଏସନ ସମ୍ପାଦକ ଦେବେନ୍ଦ୍ର ସାହୁ ଓ ସାଙ୍ଗଠନିକ ସମ୍ପାଦକ ସୁମିତରଞ୍ଜନ ପୁରୋହିତଙ୍କଠାରୁ ପ୍ରକାଶ। ସୁକାନ୍ତ ସେଠ, କରିଶ୍ମା ରାଉତ, ରୋଶନ ସାହୁ, ଜ୍ୟୋତିରଞ୍ଜନ ଠାକୁରଙ୍କୁ କୋଚ୍ ଭାବେ ମନୋନୀତ କରାଯାଇଛି। ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବୁଧବାର ଅନୁଷ୍ଠିତ ଶିବିରର ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗୀର ମ୍ୟୁନିସିପାଲିଟି ଅଧ୍ୟକ୍ଷା ଲିକା ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାଶର ବାଗ୍, ବୁଦ୍ଧିରାଜ ବିଶ୍ୱାଳ, ପୁରେନ୍ଦ୍ର ସେଠ, ସଙ୍କେତ ଯୋଶି, ପୟୋସ୍ୱିନୀ ପୁରୋହିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS